ବର୍ଷ-୨୪, ସଂଖ୍ୟା-୧୭୨
ଭୁବନେଶ୍ୱର
୨୨ ଜୁଲାଇ, ୨୦୨୪ ସୋମବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-24, Issue No. 172
Bhubaneswar
22 July, 2024, Monday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

# ଆଜିଠୁ ବିଧାନସଭାର ବଜେଟ୍ ଅଧିବେଶନ

**ଭୁବନେଶ୍ୱର,୨୧।୭(ମହାଭାରତ):** ସୋମବାରଠାରୁ ସପ୍ତଦଶ ବିଧାନସଭାର ବଜେଟ୍ ଅଧିବେଶନ ଆରମ୍ଭ ହେବାକୁ ଥିବା ବେଳେ ଗୃହକୁ ସୁଚାରୁ ରୂପେ ପରିଚାଳନା କରିବାକୁ ଆଜି ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଛି। ବାଚସ୍ପତି ସୁରମା ପାଢ଼ୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଅନୁଷ୍ଠିତ ଏହି ସର୍ବଦଳୀୟ ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଦୁଇ ଉପ-ମୁଖ୍ୟମନ୍ତ୍ରୀଙ୍କ ସମେତ ବିରୋଧୀଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ଉପସ୍ଥିତ ଥିଲେ। ସେହିପରି ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ସହିତ ଦଳର ବରିଷ୍ଠ ବିଧାୟକ ଜୟନାରାୟଣ ମିଶ୍ର ଉପସ୍ଥିତ ଥିଲେ।

ଏହା ପୂର୍ବରୁ ମୁଖ୍ୟମନ୍ତ୍ରୀ ଆଜି ବିରୋଧୀ ଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟି ସର୍ବଦଳୀୟ ବୈଠକରେ ଯୋଗ ଦେବାକୁ ନିମନ୍ତ୍ରଣ କରିଥିଲେ। ତେବେ ନବୀନ ସର୍ବଦଳୀୟ ବୈଠକରେ ଯୋଗ ଦେଇ ନଥିଲେ। ସେହିଭଳି ଆଜିର ସର୍ବଦଳୀୟ ବୈଠକରେ କଂଗ୍ରେସ ଦଳରୁ କେହି ଯୋଗ ଦେଇ ନଥିଲେ।

ବୈଠକ ପରେ ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଛନ୍ତି, କଂଗ୍ରେସ ନେତା ବାଛି ନ ଥିବାରୁ ପିସିସି ସଭାପତିଙ୍କ ସହ କଥା ହୋଇଥିଲି।





## ନିମନ୍ତ୍ରଣ ସତ୍ତ୍ୱେ ଯୋଗଦେଲେନି ନବୀନ

## କଂଗ୍ରେସରୁ ମଧ୍ୟ କେହି ଆସିଲେନି

ସିପିଏମ୍ ସଦସ୍ୟ ଲକ୍ଷ୍ମଣ ମୁଣ୍ଡାଙ୍କ ସହ ଫୋନ୍‌ରେ କଥା ହୋଇଥିଲି। ଉଭୟ ଦଳର ପ୍ରତିନିଧି ବୈଠକକୁ ଆସିପାରିନାହାନ୍ତି। ବିରୋଧୀଦଳ ମୁଖ୍ୟ ସଚେତକ ଗଠନମୂଳକ ସହଯୋଗ କରିବେ ବୋଲି କହିଛନ୍ତି। ଓଡ଼ିଆ ଲୋକଙ୍କ ସ୍ୱାର୍ଥରେ, ସବୁ ବର୍ଗ ଓ ମତ ସହ ସମନ୍ୱୟ ରଖି ଓଡ଼ିଶାବାସୀଙ୍କ ସେବା କରିବାକୁ ସରକାର ପ୍ରତିବଦ୍ଧ ଥିବା ମୁଖ୍ୟମନ୍ତ୍ରୀ କହିଥିବା ସଂସଦୀୟ ବ୍ୟାପର ମନ୍ତ୍ରୀ ମୁକେଶ ମାହାଲିଙ୍ଗ ପ୍ରକାଶ କରିଛନ୍ତି। ଏଠାରେ ଉଲ୍ଲେଖ କରାଯାଇ ପାରେ ଯେ. ଆସନ୍ତାକାଲି ବିଧାନସଭାର ବଜେଟ୍ ଅଧିବେଶନ ରାଜ୍ୟପାଳଙ୍କ ଅଭିଭାଷଣରୁ ଆରମ୍ଭ ହେବ। ୨୪ ତାରିଖରେ ଉପବାଚସ୍ପତି ନିର୍ବାଚନ ହେବାକୁ ଥିବା ବେଳେ ଆସନ୍ତା ୨୫ ତାରିଖରେ ରାଜ୍ୟ ବଜେଟ ଉପସ୍ଥାପନ କରାଯିବ। ଅର୍ଥ ବିଭାଗ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବଜେଟ ଉପସ୍ଥାପନ କରିବେ।

## ତିନି ସ୍ତରୀୟ ସୁରକ୍ଷା ବ୍ୟବସ୍ଥା

ଭୁବନେଶ୍ୱର,୨୧।୭(ମହାଭାରତ): ଆସନ୍ତା କାଲିଠାରୁ ରୁ ଆରମ୍ଭ ହେଉଥିବା ୧୭ ତମ ଓଡିଶା ବିଧାନସଭାର ପ୍ରଥମ ଅଧିବେଶନ ପାଇଁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଛି।

ବିଧାନସଭା ତଥା ଏହାର ଆଖପାଖରେ ଓଡିଶା ପୋଲିସ ଏକ ତିନି ସ୍ତରୀୟ ସୁରକ୍ଷା ସୁରକ୍ଷା ବ୍ୟବସ୍ଥା କରିଛି । । ସୁରକ୍ଷା ଉଦ୍ଦେଶ୍ୟରେ ପ୍ରାୟ ୩୦ ପ୍ଲାଟୁନ୍ ପୋଲିସ୍ ଫୋର୍ସ ମୁତୟନ କରାଯାଇଛି। ଏହା ବ୍ୟତୀତ ବୋମା ସ୍କ୍ୱାର୍ଡ, କୁକୁର ସ୍କ୍ୱାର୍ଡ ଷ୍ଟ୍ରାଇକ୍ ଫୋର୍ସ ଏବଂ ଏସଓଜି ଜବାନ ମାନେ ମଧ ନିୟୋଜିତ ହୋଇଛନ୍ତି। ସମଗ୍ର ବିଧାନସଭା ପରିସରକୁ ସିସିଟିଭି ନଜରରେ ରଖାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ମାଷ୍ଟର କ୍ୟାଂଟିନ ଏବଂ ଲୋୟର ପିଏମଜିରେ ବିରୋଧ ପ୍ରଦର୍ଶନ କରୁଥିବା ସ୍ଥାନଗୁଡିକ ସିସିଟିଭି ନଜରରେ ରଖାଯାଇଛି। ବିକ୍ଷୋଭକାରୀଙ୍କୁ ବିଧାନସଭା ପରିସରରେ ପ୍ରବେଶ ନକରିବାକୁ ତିନିଟି ବ୍ୟାରିକେଡ୍ ରଖାଯାଇଛି। ଏହା ବ୍ୟତୀତ ବିଧାନସଭା ପରିସରରେ ବ୍ୟାରିକେଡ୍ ମଧ ରଖାଯାଇଛି। ବିଧାନସଭାର ପ୍ରବେଶ ପଏଂଟରେ ସଶସ୍ତ୍ର ବାହିନୀ ମୁତୟନ କରାଯାଇଛି।

# ଆଜି ଶ୍ରାବଣର ପ୍ରଥମ ସୋମବାର

## କାଉଡ଼ିଆଙ୍କ ସୁରକ୍ଷା ପାଇଁ କମିଶନରେଟ ପୋଲିସ ପକ୍ଷରୁ ବ୍ୟାପକ ପ୍ରସ୍ତୁତି

ଭୁବନେଶ୍ୱର,୨୧।୭(ମହାଭାରତ): ରାତି ପାହିଲେ ଶ୍ରାବଣର ପ୍ରଥମ ସୋମବାର । ହର ହର ବମ୍.. ବୋଲ ବମ୍... ଶିବ ଧ୍ୱନୀରେ ପ୍ରକମ୍ପିତ ହେଲାଣି ଗଗନ ପବନ । ପ୍ରଥମ ସୋମବାରରେ ମହାଦେବଙ୍କ ଠାରେ ଜଳ ଲାଗି ପାଇଁ ବାହାରିଛନ୍ତି କାଉଡିଆ। ମହାଦେବଙ୍କ ନିକଟରେ ଜଳାଭିଷେକ ପାଇଁ କଟକ ଗଡଗଡିଆ ପୀଠରୁ କାଉଡିଆ ପାଣି ଉଠାଇ ବିଭିନ୍ନ ଶୈବ ପୀଠକୁ ବାହାରୁଛନ୍ତି



। ଶୈବ ପୀଠ ମାନଙ୍କରେ ବୋଲ ବମ୍ ଭକ୍ତଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି ।

ଏଥିପାଇଁ ସୁରକ୍ଷା ବ୍ୟବସ୍ଥାକୁ ବେଶ କଡାକଡି କରିଛି କମିଶନରେଟ ପୋଲିସ। କାଉଡ଼ିଆଙ୍କର ସୁରକ୍ଷା, ଟ୍ରାଫିକ ବ୍ୟବସ୍ଥା, କ୍ରାଉଡ଼ ମ୍ୟାନେଜମେଂଟ, ଅପ୍ରୀତିକର ପରିସ୍ଥିତି କୁ ରୋକିବା ଲାଗି ବ୍ୟାପକ ବନ୍ଦୋବସ୍ତ କରାଯାଇଛି। ଲିଙ୍ଗରାଜ ମନ୍ଦିର ଓ ଅନ୍ୟ ୨୬ ଟି ସ୍ଥାନରେ ୨ ଜଣ ଅତିରିକ୍ତ ଡିସିପି, ୪ ଜଣ ଏସିପି, ୬ ଇନ୍ସପେକ୍ଟର, ୩୦ ସବଇନ୍ସପେକ୍ଟର ଓ ଏଏସଆଇ ଙ୍କ ସହ ମୋଟ ୧୫ ସେକ୍ସନ ଫୋର୍ସ ମୁତୟନ ହେବେ। ରାଜଧାନୀରେ କାଉଡ଼ିଆ ଯିବା ଆସିବା ବାଟରେ ମୋବାଇଲ ପେଟ୍ରୋଲିଂ ଟିମ, ପିସିଆର ରହିବ। ଦୁର୍ଘଟଣା ରୋକିବା ସହ ଆଶୁ ଚିକିତ୍ସା ପାଇଁ ଛକ ମାନଙ୍କରେ ଫାଷ୍ଟଏଡ଼ ଓ ମୋବାଇଲ ମେଡ଼ିକାଲ ୟୁନିଟ ରହିବ ବୋଲି କମିଶନରେଟ ପୋଲିସ ପକ୍ଷରୁ ସୂଚନା ଦିଆ ଯାଇଛି ।

ସେହିପରି ମିଳିଥିବା ସୂଚନା ଅନୁସାରେ ଜଳ ଉଠାଇବା ସ୍ଥାନ ବା ବିଭିନ୍ନ ନଦୀ ପଠାରେ ଓଡ୍ରାଫ୍ ଓ ଫାୟାର ଫାଇଟିଂ ୟୁନିଟ୍ ନିୟୋଜିତ ରହିବେ। ବିଭିନ୍ନ ସ୍ଥାନରେ ସିସିଟିଭି ରହିଛି। କଂଟ୍ରୋଲ ରୁମ ମଧ୍ୟରୁ ଏସବୁକୁ ମନିଟର କରାଯିବ।

# ନିୟମିତ ସ୍କୁଲ୍ ବସ୍‌ର ଯାଞ୍ଚ ହେବ

ଭୁବନେଶ୍ୱର,୨୧।୭(ମହାଭାରତ): ସ୍କୁଲ ବସରେ ଅଗ୍ନି ନିରାପତ୍ତା ନିୟମ ପାଳନକୁ ସୁନିଶ୍ଚିତ କରିବା ଦିଗରେ ରାଜ୍ୟ ପରିବହନ ପ୍ରାଧିକରଣ ପକ୍ଷରୁ ନିର୍ଦ୍ଦେଶନାମା ଜାରି ହୋଇଛି । କେନ୍ଦ୍ରୀୟ ମୋଟର ଯାନ ନିୟମ (ସିଏମ୍‌ଭିଆର୍) ୧୯୮୯ର ଧାରା ୧୨୫ସି ଅନୁଯାୟୀ ସମସ୍ତ ସ୍କୁଲ ବସରେ ଅଗ୍ନି ନିରାପତ୍ତା ବ୍ୟବସ୍ଥାର ସଠିକ୍ ଅନୁପାଳନ ହେବା ଅନିବାର୍ଯ୍ୟ । ଖିଲାପକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସମସ୍ତ ଆଂଚଳିକ ପରିବହନ ଅଧିକାରୀଙ୍କୁ ରାଜ୍ୟ ପରିବହନ କମିସନର ଅମିତାଭ ଠାକୁର ନିର୍ଦ୍ଦେଶ ଦେଇଛନ୍ତି ।

ଅଗ୍ନି ନିରାପତ୍ତା ନିୟମ ଠିକ୍ ଭାବରେ ପାଳନ ହେଉଛି କି ନାହିଁ ସେ ସଂପର୍କରେ ବିଭିନ୍ନ ସମୟରେ ରାଜ୍ୟ ପରିବହନ ପ୍ରାଧିକରଣ ପଦକ୍ଷେପ ଗ୍ରହଣ କରି ଆସିଥିବାବେଳେ ଆଗକୁ ଏହାକୁ ଅଧିକ ବ୍ୟାପକ କରିବାକୁ ନିଷ୍ପତ୍ତି ହୋଇଛି । ସ୍କୁଲ ବସ୍‌ଗୁଡ଼ିକର ଅଗ୍ନି ନିରାପତ୍ତା ବ୍ୟବସ୍ଥା ଉପରେ ତୀକ୍ଷ୍ଣ ନଜର ରଖାଯିବ । ସମସ୍ତ ଜୋନ୍ ଉପପରିବହନ ଆୟୁକ୍ତ ଏବଂ



## ନିୟମିତ ହେବ ଯାଂଚ, ଖିଲାପ କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ

## ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଶୂନ୍ୟ ସହନଶୀଳତା ନୀତି

## ସମସ୍ତ ଆରଟିଓଙ୍କୁ ପରିବହନ କମିସନରଙ୍କ ଚିଠି

ଆଂଚଳିକ ପରିବହନ ଅଧିକାରୀମାନେ ନିୟମିତ ଭାବେ ଏହାର ଯାଂଚ କରିବେ । କୌଣସି ସ୍କୁଲ ବସ୍ ଏହାର ଉଲ୍ଲଙ୍ଘନ କଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପରିବହନ କମିସନର ନିର୍ଦ୍ଦେଶ ଦେଇଛନ୍ତି । ସେହିଭଳି ନିଜ ନିଜ ଅଂଚଳରେ ଏହି ନିୟମ ଅନୁପାଳନକୁ ସୁନିଶ୍ଚିତ କରିବା ନିମନ୍ତେ ମୋଟର ଯାନ ନିରୀକ୍ଷକମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ସ୍କୁଲ ବସରେ ଫାୟାର ଡିଟେକ୍‌ସନ୍ ଆଲାର୍ମ ସିଷ୍ଟମ୍ (ଏଫ୍‌ଡିଏଏସ୍), ଫାୟାର ଡିଟେକ୍‌ସନ୍ ସପ୍ରେସନ୍ ସିଷ୍ଟମ୍ (ଏଫ୍‌ଡିଏସ୍‌ଏସ୍) ଓ ଫାୟାର ଆଲାର୍ମ ପ୍ରୋଟେକସନ୍ ସିଷ୍ଟମ୍ (ଏଫ୍‌ଏପିଏସ୍) ବ୍ୟବସ୍ଥା ଆବଶ୍ୟକ ଭାବେ ଲାଗୁ କରିବାକୁ ବାଧତାମୂଳକ ନିୟମ ରହିଛି । ଅଗ୍ନି ଅଘଟଣ ରୋକିବା ଓ ମୁକାବିଲା ଦିଗରେ ଏହା ସହାୟକ ହୋଇଥାଏ । ତେଣୁ ବସରେ ଯାତ୍ରା କରୁଥିବା ଛାତ୍ରଛାତ୍ରୀଙ୍କ ସୁରକ୍ଷା ଦୃଷ୍ଟିରୁ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । କେନ୍ଦ୍ରୀୟ ମୋଟର ଯାନ ଆଇନ ୧୯୮୯ର ନିୟମ ୧୨୫ସି ଅନୁସାରେ ସମସ୍ତ ସ୍କୁଲ ବସରେ ଏଆଇଏସ୍ ୧୩୫ ଆଧାରରେ ଏହି ଅଗ୍ନି ନିରାପତ୍ତା ବ୍ୟବସ୍ଥା ସଠିକ୍ ଭାବେ ଅନୁପାଳନ ହେବା ଆବଶ୍ୟକ । ସମସ୍ତ ବିଦ୍ୟାଳୟ ଓ ଶିକ୍ଷାନୁଷ୍ଠାନ ସହ ଅନୁବନ୍ଧିତ ହୋଇ ଛାତ୍ରଛାତ୍ରୀଙ୍କୁ ପରିବହନ କରୁଥିବା ବସ୍ ମାଲିକମାନେ ଏହି ନିୟମ ନିଶ୍ଚିତ ଭାବରେ ପାଳନ କରିବା ନିମନ୍ତେ ଆଇନରେ ପ୍ରାବଧାନ ରହିଛି ।

କୋମଳମତି ଛାତ୍ରଛାତ୍ରୀଙ୍କ ସୁରକ୍ଷା ପ୍ରତି କୌଣସି ଅଣଦେଖାକୁ ବରଦାସ୍ତ କରାଯିବ ନାହିଁ ବୋଲି ଦର୍ଶାଯାଇ ନିୟମ ଉଲ୍ଲଙ୍ଘନ କରୁଥିବା ବସ୍‌ଗୁଡ଼ିକର ଫିଟନେସ୍ ସାର୍ଟିଫିକେଟ ରଦ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏକ୍ଷେତ୍ରରେ ଶୂନ୍ୟ ସହନଶୀଳ ନୀତି ଅବଲମ୍ବନ କରିବାକୁ ଅଧିକାରୀମାନଙ୍କୁ ରାଜ୍ୟ ପରିବହନ କମିସନର ଶ୍ରୀ ଠାକୁର ନିର୍ଦ୍ଦେଶ ଦେଇଛନ୍ତି ।

## ୩ ଯୁବକଙ୍କୁ ଚାପିଦେଲା ହାଇୱା

ବଣାଇ,୨୧।୭(ମହାଭାରତ): କାମ କରି ସନ୍ଧ୍ୟା ବେଳେ ଘରକୁ ଫେରୁଥିଲେ ୩ ଯୁବକ। ହେଲେ ଘରେ ପହ☐ବା ପୂର୍ବରୁ ସେମାନଙ୍କ ଉପରେ ଚଢିଗଲା ହାଇୱା ଘଟଣା ସ୍ଥଳରେ ସେମାନଙ୍କ ମୃତ୍ୟୁ ଘଟିଛି। ଆଜି ସନ୍ଧ୍ୟା ବେଳେ ଏପରି ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ସୁନ୍ଦରଗଡ଼ ଜିଲ୍ଲା ଦେଇ ଯାଇଥିବା ୫୨୦ ନମ୍ବର ଜାତୀୟ ରାଜପଥରେ ଘଟିଛି।

କୋଇଡା ଥାନା କାଲଟା ଫାଣ୍ଡି ଅନ୍ତର୍ଗତ ତୋଡା ବସ୍ତିର ଦେବେନ୍ଦ୍ର ଦେହୁରୀ, ଅନାଦି ନାଏକ ଓ ଅନୀଲ ଦେହୁରୀ ଶ୍ରମିକ ଭାବେ କାମ କରନ୍ତି।ସବୁଦିନ ପରି ଆଜି କାମ କରିବା ପାଇଁ ବାଇକ୍‌ରେ ଯାଇଥିଲେ। ସନ୍ଧ୍ୟା ପ୍ରାୟ ୭ଟା ବେଳେ ସେମାନେ ଘରକୁ ଫେରୁଥିଲେ। ତେବେ ୫୨୦ ଜାତୀୟ ରାଜପଥର ବେଞ୍ଜାଡ଼ି ବ୍ରିଜରେ ସମ୍ମୁଖରୁ ଆସୁଥିବା ହାଇା ବାଇକ୍‌କୁ ଧକ୍କା ଦେଇଥିଲା ଘଟଣା ସ୍ଥଳରେ ସେମାନଙ୍କର ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ପରେ ଉତ୍ତେଜନା ପ୍ରକାଶ ପାଇଥିଲା। ବାରମ୍ବାର ସେଠାରେ ଦୁର୍ଘଟଣା ଘଟୁଥିବାରୁ ସ୍ଥାନୀୟ ଲୋକେ ଜାତୀୟ ରାଜପଥକୁ ଅବରୋଧ କରିଥିଲେ। କିଛି ସମୟ ପାଇଁ ଗାଡ଼ି ଚଳାଚଳ ଠପ୍ ହୋଇଯାଇଥିଲା। ଖବର ପାଇ ଦୁର୍ଘଟଣାସ୍ଥଳରେ ପହ☐ିଲା ପୁଲିସ୍ ମୃତଦେହ ଜବତ କରି ବ୍ୟବଛେଦ ପାଇଁ ପଠାଇ ଦେଇଛି ବୁଝାସୁଝା ପରେ ଉତ୍ତେଜନା ପ୍ରଶମିତ ହୋଇଛି। ପୂର୍ବପରି ଗାଡ଼ିଚଳାଚଳ ସ୍ୱାଭାବିକ ହୋଇଛି।

# ବଦଳିବନି ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାରର ନାଁ

ଭୁବନେଶ୍ୱର,୨୧।୭(ମହାଭାରତ): ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାରର ନାମ ବଦଳାଇ ଦେବାର ଗୋଟିଏ ଦିନ ପରେ ୟୁ-ଟର୍ନ ନେଇଛନ୍ତି ରାଜ୍ୟ ସରକାର। ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ନାଁ ପରିବର୍ତ୍ତନ ହେବନି ବୋଲି ଖୋଦ୍ ମୁଖ୍ୟମନ୍ତ୍ରୀ ମୋହନ ମାଝି କହିଛନ୍ତି। ଆଜି ଏନେଇ ସୂଚନା ଦେଇଛନ୍ତି ମୁଖ୍ୟମନ୍ତ୍ରୀ।

ଗଣମାଧ୍ୟମକୁ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ବିଜୁ ବାବୁଙ୍କ ନାଁରେ ଦୀର୍ଘ ବର୍ଷରୁ କ୍ରୀଡ଼ା ପୁରସ୍କାର ଦିଆଯାଇ ଆସୁଅଛି। ଏହାର ନାମ ପରିବର୍ତ୍ତନ କଥା ମୁଁ ଆଜି ଗଣମାଧ୍ୟମରୁ ଜାଣିବାକୁ ପାଇଲି। କିନ୍ତୁ ଏନେଇ ବିଧିବଦ୍ଧ ଭାବେ କୌଣସି ନିଷ୍ପତ୍ତି ଗ୍ରହଣ କରାଯାଇନାହିଁ ଏବଂ ମୋ ପାଖରେ ବି ସେପ୍ରକାରର କୌଣସି ସୂଚନା ନଥିଲା। ମୋ ସରକାର ଓଡ଼ିଶାର ବରପୁତ୍ରମାନଙ୍କୁ ଯଥୋଚିତ ସମ୍ମାନ ଦିଅନ୍ତି। ବିଜୁ ବାବୁ ନିଜ ଦୀର୍ଘ ଦଶନ୍ଧିର ରାଜନୈତିକ ଓ ସାମାଜିକ ଜୀବନରେ କରିଥିବା ଅବଦାନ ଓଡ଼ିଶା ପାଇଁ ତଥା ଭାରତ ବର୍ଷ ପାଇଁ ସ୍ମରଣୀୟ ହୋଇ ରହିବ। ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ପୂର୍ବ ପରି ଚାଲୁ ରହିବ। ସେଥିରେ କୌଣସି ପ୍ରକାର ପରିବର୍ତ୍ତନ କରାଯିବାର ଯୋଜନା ନାହିଁ ଯେମିତି ଆଗରୁ ଚାଲିଥିଲା ସେମିତି ଚାଲିବ।



ମୁଖ୍ୟମନ୍ତ୍ରୀ କହିବାର କିଛି ସମୟ ପରେ କ୍ରୀଡାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମଧ ଏନେଇ ସଫେଇ ଦେଇଛନ୍ତି। ସେ କହିଛନ୍ତି,ବିଜୁ ବାବୁଙ୍କ ପ୍ରତି ସମ୍ମାନ ରହିଛି। ଓଡ଼ିଶାର ବରପୁତ୍ରମାନଙ୍କୁ ସମ୍ମାନ ଦେବାକୁ ଚେଷ୍ଟା କରୁଛି କ୍ରୀଡ଼ା ବିଭାଗ।

ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାରର ନାଁ ପରିବର୍ତ୍ତନ କଥା ଉଠିଥିଲା। କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ପ୍ରକାଶିତ ଏକ ବିଜ୍ଞପ୍ତିରୁ ଏଥିରେ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ବଦଳରେ ଓଡ଼ିଶା ରାଜ୍ୟ କ୍ରୀଡ଼ା ସମ୍ମାନ ଲେଖାଯାଇଥିଲା। ପୁରସ୍କାରର ନାମ ପରିବର୍ତ୍ତନ ବ୍ୟତୀତ ଏହି ବିଜ୍ଞପ୍ତିରେ ଅନ୍ୟ କୌଣସି ପରିବର୍ତ୍ତନ ଦେଖିବାକୁ ମିଳି ନଥିଲା। ଏହି ପୁରସ୍କାରର ନିୟମାବଳୀରେ ମଧ ବି କୌଣସି ବିଶେଷ ପରିବର୍ତ୍ତନ କରାଯାଇଥିବା ଦେଖିବାକୁ ମିଳି ନଥିଲା ।ରାଜ୍ୟରେ ଖେଳକୁଦ ଓ ଖେଳାଳିଙ୍କୁ ପ୍ରୋତ୍ସାହିତ କରିବା ପାଇଁ ୨୦୦୨ ମସିହାରୁ ଏହି ପୁରସ୍କାର ପ୍ରଦାନ କରାଯାଇଆସୁଛି ।

ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସରକାର ଅମଳରେ ଏହି ପୁରସ୍କାର ଆରମ୍ଭ କରାଯାଇଥିଲା। ସେ ଏହି ପୁରସ୍କାର ତାଙ୍କ ପିତା ତଥା ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ନାମରେ ନାମିତ କରିଥିଲେ। ପ୍ରତିବର୍ଷ ଅଗଷ୍ଟ ୨୯ ଜାତୀୟ କ୍ରୀଡ଼ା ଦିବସରେ ଏହି ପୁରସ୍କାର ପ୍ରଦାନ କରାଯାଏ। ମୋଟ ୫ଟି ବର୍ଗରେ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ପ୍ରଦାନ କରାଯାଏ।

## ସମ୍ମାନିତ ହେବ ଚନ୍ଦ୍ରଯାନ-୩

**ମୁମ୍ବଇ,୨୧।୭(ଏଜେନ୍ସି):** ଚନ୍ଦ୍ରର ଦକ୍ଷିଣ ମେରୁରେ ସଫଳତାର ସହ ଅବତରଣ କରି ଇତିହାସରେ ଭାରତର ନାଁ ଲିପିବଦ୍ଧ କରିଥିବା ଚନ୍ଦ୍ରଯାନ-୩କୁ ବିଶ୍ୱ ମହାକାଶ ସମ୍ମାନରେ ସମ୍ମାନିତ



କରାଯିବ। ଅନ୍ତର୍ଜାତୀୟ ମହାକାଶଚାରୀ ମହାସଂଘ ପୁରସ୍କାର ଘୋଷଣା କରି ଏହା ଐତିହାସିକ ସଫଳତା ବୋଲି କହିଛି। ଅକ୍ଟୋବର ୧୪ରେ ଇଟାଲୀର ମିଲାନରେ ଅନୁଷ୍ଠିତ ହେବାକୁ ଥିବା ୭୫ତମ ଅନ୍ତର୍ଜାତୀୟ ମହାକାଶଚାରୀ ସମ୍ମିଳନୀରେ ଚନ୍ଦ୍ରଯାନ-୩କୁ ଏହି ପୁରସ୍କାର ପ୍ରଦାନ କରାଯିବ। ଅଗଷ୍ଟ ୨୩, ୨୦୨୩ରେ ଚନ୍ଦ୍ରରେ ସଫଳତାର ସହ ଅବତରଣ କରିଥିଲା ଚନ୍ଦ୍ରଯାନ-୩।

## ବାଂଲାଦେଶରେ ସଂରକ୍ଷଣ ନିୟମକୁ ରଦ୍ଦ କଲେ ସୁପ୍ରିମକୋର୍ଟ

ଢାକା,୨୧।୭(ଏଜେନ୍ସି): ବାଂଲାଦେଶରେ ସରକାରୀ ଚାକିରିରେ ମାତ୍ରାଧିକ ସଂରକ୍ଷଣ ବ୍ୟବସ୍ଥାକୁ ବିରୋଧ କରି ଆନ୍ଦୋଳନ ଆରମ୍ଭ କରିଥିବା ବିକ୍ଷୋଭକାରୀଙ୍କୁ ବଡ଼ ବିଜୟ ମିଳିଛି। ଦେଶରେ ହିଂସା ବ୍ୟାପି ୧୩୦ ଜୀବନ ଚାଲିଯିବା ପରେ ଶେଷର ରବିବାର ସୁପ୍ରିମକୋର୍ଟ ସରକାରୀ ଚାକିରିରେ ମାତ୍ରାଧିକ କୋଟାକୁ ଉଚ୍ଛେଦ କରିଦେଇଛନ୍ତି। ଏଣିକି ସରକାରୀ ଚାକିରିରେ ୩୦ ପ୍ରତିଶତ ସଂରକ୍ଷଣ ବଦଳରେ ମାତ୍ର ୭ ପ୍ରତିଶତ ସଂରକ୍ଷଣ ରହିବ ଏହା ସହିତ ଆନ୍ଦୋଳନରେ ସାମିଲ ହୋଇଥିବା ଛାତ୍ରଛାତ୍ରୀଙ୍କୁ ଦେଶର ସର୍ବୋଚ୍ଚ ନ୍ୟାୟାଳୟ ଶ୍ରେଣୀଗୃହକୁ ଫେରିବାକୁ ପରାମର୍ଶ ଦେଇଛନ୍ତି। ୧୯୭୧ ସ୍ୱାଧୀନତା ଆନ୍ଦୋଳନ ପରଠାରୁ ସ୍ୱାଧୀନତା ସଂଗ୍ରାମୀ ପରିବାର ପାଇଁ ସରକାରୀ ଚାକିରିରେ ୩୦ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ଲାଗୁ କରାଯାଇଛି। ମାତ୍ରାଧିକ ସଂରକ୍ଷଣ ବ୍ୟବସ୍ଥା ଯୋଗୁ ବହୁ ଯୋଗ୍ୟ ଛାତ୍ରଛାତ୍ରୀ ବେକାର ରହୁଛନ୍ତି। ସରକାରୀ ଚାକିରି ସେମାନଙ୍କ ପାଇଁ ସ୍ୱପ୍ନ ପାଲଟିଯାଉଛି। ଏହାକୁ ନେଇ ସପ୍ତାହେ ଅଧିକ ସମୟ ଧରି ଦେଶରେ ଆନ୍ଦୋଳନ ମୁଣ୍ଡ ଟେକିଥିବାବେଳେ ଏହା ଯୋଗୁ ଆରମ୍ଭ ହୋଇଥିବା ହିଂସାରେ ୧୩୦ ଜଣଙ୍କ ମୃତ୍ୟୁ ଘଟିଲାଣି। ହଜାର ହଜାର ଲୋକ ଆହତ ବି ହୋଇଛନ୍ତି। ଦେଶରେ ଏଭଳି ଅଶାନ୍ତ ବାତାବରଣ ଲାଗିରହିଥିବାବେଳେ ସୁପ୍ରିମକୋର୍ଟ ରବିବାର ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। ଦେଶରେ ସରକାରୀ ଚାକିରିରେ ରହିଥିବା ୩୦ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥାକୁ ହ୍ରାସ କରି ୭ ପ୍ରତିଶତକୁ କମାଇ ଦେଇଛନ୍ତି।ଫଳରେ ଏଣିକି ସରକାରୀ ଚାକିରିରେ ୯୩ ପ୍ରତିଶତ ପଦବୀ ମେରିଟ(ମେଧା) ଆଧାରରେ ପୂରଣ ହେବ।

## ଆଜି ବନ୍ଦ ରହିବ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି

ଭୁବନେଶ୍ୱର,୨୧।୭(ମହାଭାରତ.):କାଲି ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ବନ୍ଦ ରହିବ । ସପ୍ତଦଶ ବିଧାନସଭାର ପ୍ରଥମ ଅଧିବେଶନ ଆସନ୍ତାକାଲି ଠାରୁ ଆରମ୍ଭ ହେଉଥିବାରୁ ଏହି ଦିନ (ସୋମବାର) ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ବନ୍ଦ ରହିବ । ଏ ସମ୍ପର୍କରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ଦୃଷ୍ଟିବାଧିତ କ୍ରିକେଟରଙ୍କୁ ଯୋଗାଯିବ ପଡିଆ : କ୍ରୀଡାମନ୍ତ୍ରୀ

ଭୁବନେଶ୍ୱର, ୨୧।୭(ମହାଭାରତ): ରାଜ୍ୟରେ ଦୃଷ୍ଟିବାଧିତ କ୍ରିକେଟରଙ୍କୁ ପଡିଆ ଯୋଗାଇ ଦିଆଯିବ ବୋଲି କ୍ରୀଡାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି । ଖୁବ ଶୀଘ୍ର ରାଜ୍ୟରେ ଦୃଷ୍ଟି ବାଧିତ କ୍ରିକେଟରଙ୍କ ଅଭ୍ୟାସ ପାଇଁ ଯୋଗାଇ ଦିଆଯିବ ପଡିଆ । ଦୀର୍ଘ ଦିନ ହେବା ଏହା ତାଙ୍କର ଦାବି ଥିଲା । କର୍ତ୍ତୃପକ୍ଷଙ୍କ ସହ ଆଲୋଚନା ପରେ ଖୁବ ଶୀଘ୍ର ଏ ଦିଗରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ ସୂଚନା ଦେଇଛନ୍ତି ।

# ପିସିସିକୁ ଭଙ୍ଗ କଲା ଏଆଇସିସି

ଭୁବନେଶ୍ୱର,୨୧।୭(ମହାଭାରତ): ଅଖିଳ ଭାରତୀୟ କଂଗ୍ରେସ କମିଟି (ଏଆଇସିସି) ଓଡିଶା ପ୍ରଦେଶ କଂଗ୍ରେସ କମିଟିକୁ ଭଙ୍ଗ କରି ଦେଇଛି । କଂଗ୍ରେସ ସଭାପତିଙ୍କ ଅନୁମୋଦନ କ୍ରମେ ସବୁ କମିଟି ଭଙ୍ଗ କରାଯାଇଛି। ପିସିସି ଓ କାର୍ଯ୍ୟକାରୀ କମିଟିକୁ ଭାଙ୍ଗି ଦିଆଯାଇଛି।

ପିସିସି ସଭାପତିଙ୍କ ସମେତ ସମସ୍ତ ପଦାଧିକାରୀ ପଦବୀରୁ ହଟିଛନ୍ତି। ଜିଲ୍ଲା, ବ୍ଲକ୍ ଓ ମଣ୍ଡଳସ୍ତରୀୟ କମିଟି ମଧ ଭାଙ୍ଗି ଦିଆଯାଇଛି । ବର୍ତ୍ତମାନର ଜିଲ୍ଲା ସଭାପତିଙ୍କୁ କାମଚଳା ସଭାପତି ଦାୟିତ୍ୱ ଦିଆଯାଇଛି ।ଏଆଇସିସିର ଏହି ନିଷ୍ପତ୍ତି ପରେ ଏବେ ପିସିସି ସଭାପତି ଶରତ ପଟ୍ଟନାୟକ ଏବଂ ତାଙ୍କ ଟିମ୍ ଦାୟିତ୍ୱରୁ ହଟିଛନ୍ତି।

ସୋମବାର ଠାରୁ ଅନୁଷ୍ଠିତ ହେଉଥିବା ଓଡିଶା ଅଧିବେଶନ ପୂର୍ବରୁ




## ପଟାଙ୍ଗୀ ବିଧାୟକ ରାମଚନ୍ଦ୍ର କାଡ଼ାମ କଂଗ୍ରେସ ବିଧାୟକ ଦଳର ନେତା

ଆଜି କଂଗ୍ରେସ ବିଧାୟକ ଦଳର ନେତାଙ୍କ ନାମ ଘୋଷଣା କରାଯାଉଛି । ପଟାଙ୍ଗୀ ବିଧାୟକ ରାମଚନ୍ଦ୍ର କାଡ଼ାମ ହୋଇଛନ୍ତି କଂଗ୍ରେସ ବିଧାୟକ ଦଳ ନେତା ଭାବେ ଘୋଷଣା କରାଯାଇଛି । ମିଳିଥିବା ସୂଚନା ଅନୁସାରେ ଶ୍ରୀ କାଡ଼ାମଙ୍କୁ କଂଗ୍ରେସ ବିଧାୟକ ଦଳର ନେତା ଭାବେ ଘୋଷଣା କରାଯାଇଥିବା ବେଳେ ଅଶୋକ ଦାସ ବିଧାୟକ ଦଳର ଉପନେତା ହୋଇଛନ୍ତି। ବିଧାୟକ ସିଏସ୍ ରାଜନ ଏକ୍କାଙ୍କୁ ମୁଖ୍ୟ ସଚେତକ କରାଯାଇଛି। ଅଖିଳ ଭାରତୀୟ କଂଗ୍ରେସ କମିଟି ପକ୍ଷରୁ ଆଜି ଏନେଇ ବିଧିବଦ୍ଧ ସୂଚନା ଜାରି କରାଯାଇଛି। ବିଧାନସଭା ନିର୍ବାଚନ ଫଳାଫଳ ଆସିବାର ଦେଢ଼ ମାସ ପରେ କଂଗ୍ରେସ ତାର ବିଧାୟକ ଦଳ ନେତା ଚୟନ କରିଛି ।

ଆଜି ସକାଳେ ସର୍ବଦଳୀୟ ବୈଠକରେ କଂଗ୍ରେସ ଦଳର କେହି ଯୋଗ ଦେଇ ନ ଥିଲେ । ଏ ସମ୍ପର୍କରେ ପଚରା ଯିବାରୁ ରାମଚନ୍ଦ୍ର କାଡ଼ାମ କହିଥିଲେ ଯେ ସର୍ବଦଳୀୟ ବୈଠକ ନେଇ ତାଙ୍କ ଦଳକୁ ଔପଚାରିକ ଚିଠି କରାଯାଇ ନଥିଲା। ଏହା ସହିତ ଆଜି ସନ୍ଧ୍ୟା ସୁଦ୍ଧା କଂଗ୍ରେସ ବିଧାୟକ ଦଳ ନେତାଙ୍କ ନାଁ ଘୋଷଣା ହେବ ବୋଲି ସେ କହିଥିଲେ। ଶ୍ରୀ କାଡ଼ାମ ଏହା କହିବାର କିଛି ଘଂଟା ମଧ୍ୟରେ ଏଆଇସିସି ପକ୍ଷରୁ ତାଙ୍କରି ନାଁ କଂଗ୍ରେସ ବିଧାୟକ ଦଳ ନେତା ଭାବେ ଘୋଷଣା କରାଯାଇଛି।

## କାଜୁ ପନିର



ଆାବଶ୍ୟକ ସାମଗ୍ରୀ: ପନିର , କାଜୁ ପେଷ୍ଟ, ପିଆଜ ରସୁଣ ପେଷ୍ଟ, ଏକ ଛାଟ ଚାମଚ ଅଦା ଓ କଞ୍ଚାଲଙ୍କା ପେଷ୍ଟ,ଏକ ବଡ଼ ଚାମଚ ଟମୋଟା ପ୍ୟୁରି, ହଳଦୀ, ଧନିଆ ପାଉଡର, କାଶ୍ମୀରି ଲଙ୍କା ପାଉଡର, ଏକ ବଡ଼ ଚାଁମଚ କ୍ରିମ୍, ଜିରା, ଗରମମସଲା, ଲୁଣ ସ୍ୱାଦ ଅନୁସାରେ, ଧନିଆପତ୍ର, ଭଜା ହୋଇଥିବା କାଜୁ ।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ପନିରକୁ ଛୋଟ ଛୋଟ ଆକାରରେ କାଟିଦିଅନ୍ତୁ। କମ୍ ଆଞ୍ଚରେ ତେଲ ଗରମ କରନ୍ତୁ। ତେଲ ଗରମ ହେଲା ପରେ କଟା ପିଆଜକୁ ସୁନେଲି ରଙ୍ଗ ହେବା ପର୍ଯ୍ୟନ୍ତ ଭାଜନ୍ତୁ। ଯେତେବେଳେ ପିଆଜ ଭାଜି ହୋଇଯିବ ତାକୁ ଏକ ପ୍ଲେଟକୁ କାଢ଼ି ଥଣ୍ଡା ହେବାକୁ ଛାଡ଼ିଦିଅନ୍ତୁ। ପିଆଜ ଥଣ୍ଡା ହେଲା ପରେ ତାକୁ ଗ୍ରାଇଣ୍ଡିଂ କରି ପେଷ୍ଟ ପ୍ରସ୍ତୁତ କରନ୍ତୁ। କଡେଇରେ ଜିରା, ପିଆଜ ପେଷ୍ଟ, ଅଦା କଞ୍ଚାଲଙ୍କା ପେଷ୍ଟ ଓ ରସୁଣ ପେଷ୍ଟ ପକାଇ କଷନ୍ତୁ। ମସଲା କଷି ହୋଇଗଲା ପରେ ଟମାଟୋ ପ୍ୟୁରି ପକାନ୍ତୁ। ଟମାଟୋ ପ୍ୟୁରି ଭଲଭାବେ କଷି ହେଲା ପରେ ହଳଦୀ, ଧନିଆ ପାଉଡର, କାଶ୍ମୀର ମିର୍ଚ୍ଚ ଗୁଣ୍ଡ ପକାଇ ଭଲଭାବେ ମିଶାଇ ଦିଅନ୍ତୁ। ମସଲା ଭଲଭାବେ କଷି ହୋଇଗଲା ପରେ ସେଥିରେ କ୍ରିମ୍, କାଜୁ ପେଷ୍ଟ, ଲୁଣ ପକାଇ ୨ରୁ ୩ ମିନିଟ୍ ପର୍ଯ୍ୟନ୍ତ ଘାଣ୍ଟନ୍ତୁ। ପରେ ପାଣି ଦେଇ ତାକୁ କିଛି ସମୟ ଫୁଟିବାକୁ ଦିଅନ୍ତୁ। ଏହି ଗ୍ରେଭି ଫୁଟିବା ମାତ୍ରେ କଟା ପନିରକୁ ପକାଇ ୨ରୁ ୩ ମିନିଟ୍ ପର୍ଯ୍ୟନ୍ତ ଫୁଟାଇ ଚୁଲା ବନ୍ଦ କରିଦିଅନ୍ତୁ। ଆଞ୍ଚ ବନ୍ଦ କରିବା ମାତ୍ରେ ଗରମମସଲା ମିଶାନ୍ତୁ। ଏବେ ଆପଣଙ୍କ କାଜୁ ପନିର ପ୍ରସ୍ତୁତ ହୋଇଗଲା। ପରେ ସେଥିରେ କଟା ଧନିଆପତ୍ର ପକାଇ ତାକୁ ଗାର୍ନିସ କରିସାରିବା ପରେ ପରଷନ୍ତୁ।

### ଖବର

# ଅଗଷ୍ଟ ୯ରେ ପରଦାକୁ ଆସିବ 'ଭଗିଆ ଭାରିଯା'




ଭଲ ସିନେମାର ଦରଜା-'ଭଗିଆ ଭାରିଯା'। ଏମିତି ଏକ ଦୃଢ଼ ଆତ୍ମବିଶ୍ୱାସ ନେଇ ଆସୁଛି ହରିବୋଲ ଏଣ୍ଟରଟେନମେଣ୍ଟ ଆଣ୍ଡ ପ୍ରାଇଭେଟ୍ ଲିମିଟେଡ ଦ୍ୱାରା ନିର୍ମିତ ନୂଆ ସିନେମା 'ଭଗିଆ ଭାରିଯା'। 'ଦମନ', 'ପ୍ରତୀକ୍ଷା' ଓ 'ପାବାର' ପରେ ଏହାକୁ ସେମିତି ଏକ ପ୍ରତିନିଧି ଶ୍ରେଣୀୟ ଏବଂ ମୌଳିକ କାହାଣୀର ଦରଜା ଦିଆଯାଇପାରେ ବୋଲି କହିଛନ୍ତି ନିର୍ମାତା । ସ୍ଥାନୀୟ ବୁଦ୍ଧ ମନ୍ଦିରରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଏହାର ମୁକ୍ତିଲାଭ ତାରିଖ ଘୋଷଣା କରାଯାଇଛି। ଆଗାମୀ ଅଗଷ୍ଟ ୯ ତାରିଖରେ ଏହା ମୁକ୍ତିଲାଭ କରିବ ବୋଲି ସୂଚନା ଦେଇଛନ୍ତି ଚଳଚ୍ଚିତ୍ରର ଅନ୍ୟତମ ପ୍ରଯୋଜକ ଡ. ଭୀଷ୍ମ ରଥ । ବର୍ତ୍ତମାନ ସମୟରେ ଓଡ଼ିଆ ସିନେମାର ସ୍ଥିତି ସୁଧାରିବା ପାଇଁ ଗଣମାଧ୍ୟମର ପ୍ରମୁଖ ଭୂମିକା ରହିଛି । ଏଣୁ 'ଭଗିଆ ଭାରିଯା' ଟିମ୍ ପକ୍ଷରୁ ଏକ ଅଭିନବ ପଦକ୍ଷେପ ଗ୍ରହଣ କରାଯିବ। ଓଡ଼ିଶାର ପ୍ରମୁଖ ଗଣମାଧ୍ୟମ ସଂସ୍ଥାର ସମ୍ପାଦକ ଓ ଚଳଚ୍ଚିତ୍ର ସାମ୍ବାଦିକଙ୍କୁ ଭେଟି ସେମାନଙ୍କ ସହାୟତା ଲୋଡ଼ାଯିବ ବୋଲି ସେ କହିଛନ୍ତି । କେବଳ ସେତିକି ନୁହେଁ, ଏହି ଚଳଚ୍ଚିତ୍ରର ଦର୍ଶକଙ୍କ ପାଇଁ ରହିଛି ବିଦେଶ ଭ୍ରମଣର ସୁଯୋଗ । ସିନେମା ଦେଖି ସବୁଠାରୁ ଉତ୍ତମ ମତାମତ ଦେଇଥିବା ସୌଭାଗ୍ୟଶାଳୀ ବିଜେତା ଏବଂ ତାଙ୍କ ପରିବାରକୁ ମାଲେସିଆ ଯିବାର ସୁଯୋଗ ମିଳିବ। ବୋଧହୁଏ ଓଲିଉଡ ଇତିହାସରେ ଏପରି ଘଟଣା ପ୍ରଥମ। ଏହି ସାମ୍ବାଦିକ ସମ୍ମିଳନୀରେ ନାୟକ ହରି, ନାୟିକା ଦେବଯାନୀ, ବବି ମିଶ୍ର, ପୁପିନ୍ଦର ଏବଂ ଅନ୍ୟତମ ପ୍ରଯୋଜକ ଡ. ଭୀଷ୍ମ ରଥ ଓ ନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ସାହୁଙ୍କ ସମେତ ଚଳଚ୍ଚିତ୍ର ସହ ସମ୍ପୃକ୍ତ ବହୁ କଳାକାର ଓ ଟେକ୍ନିସିଆନ ଯୋଗ ଦେଇଥିଲେ ।ଆଜିକାଲି ରିଲ୍ସ କରି ସାମାଜିକ ଗଣମାଧ୍ୟମରେ ଛାଡ଼ିବା ଏକ ଫ୍ୟାସନ ହୋଇଗଲାଣି । ସାତରୁ ସତୁରୀ ସମସ୍ତେ ଏବେ ରିଲ୍ସ ମାୟାରେ ବାୟା । ସମସ୍ତେ ଯେ ଏଥିରେ ମାତି ଖରାପ ବାର୍ତ୍ତା ଦେଉଛନ୍ତି ତାହା ନୁହେଁ, ଅନେକ ଭଲ ବାର୍ତ୍ତା ବି ଦେଉଛନ୍ତି। ସେହିପରି ଏକ ନିପଟ ମଫସଲରେ ରହୁଥିବା ଅଟୋ ଚାଳକ ଭଗିଆର ଭାରିଯାକୁ ଏହି ନିଶା ଘାରିଛି । ରିଲ୍ସ ମାଧ୍ୟମରେ ନିଜର ପରିଚୟ ସୃଷ୍ଟି ପାଇଁ ସେ ଲକ୍ଷ୍ୟ ରଖିଛି । ହେଲେ ସେ ଲକ୍ଷ୍ୟ କେବେ ପୂରଣ ହେଉଛି ତାହା ଜାଣିବାକୁ ଫିଲ୍ମ ରିଲିଜ୍ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିବ । ରିଲିଜ୍ ତାରିଖ ଘୋଷଣା ସରିଛି। ଅଗଷ୍ଟ ୯ରେ ମୁକ୍ତିଲାଭ କରିବାକୁ ଯାଉଛି 'ଭଗିଆ ଭାରିଯା'।

## ଶୁଭ ବୃକ୍ଷ



ଗୃହର ବିଭିନ୍ନ ସ୍ଥାନରେ ଛୋଟ ଛୋଟ ବୃକ୍ଷ ଲଗାଇଲେ ଧନ ଏବଂ ଐଶ୍ୱର୍ଯ୍ୟ ବୃଦ୍ଧି ହେବା ସହ ପରିବାରରେ ଶାନ୍ତି ବିରାଜମାନ କରିଥାଏ। ଉତ୍ତରପୂର୍ବ ଦିଗରେ ତୁଳସୀ ଗଛ ଲଗାଇଲେ ଘରେ ଲକ୍ଷ୍ମୀ ବିରାଜମାନ କରିଥାନ୍ତି । ପୂର୍ବ ଦିଗରେ ଫୁଲ ଗଛ, ସବୁଜ ଘାସ, ମୌସୁମୀ ଗଛ ଲଗାଇବା ଦ୍ୱାରା ପରିବାର ଲୋକେ ରୋଗରୁ ମୁକ୍ତ ହୋଇଥାନ୍ତି । ପାନ, ଚନ୍ଦନ, ହଳଦୀ, ଲେମ୍ବୁ ଆଦି ଗଛ ପଶ୍ଚିମ-ଉତ୍ତରକୋଣରେ ରଖିଲେ ପରିବାର ଲୋକଙ୍କ ମଧ୍ୟରେ ସ୍ନେହ ବୃଦ୍ଧି ହୋଇଥାଏ । ଦକ୍ଷିଣ-ପଶ୍ଚିମ କୋଣରେ କୁଣ୍ଡରେ କୌଣସି ଭାରୀ ଗଛ ଲଗାଇଲେ ଘରେ ସକାରାତ୍ମକ ବୃଦ୍ଧି ହେବା ସହ ଗୃହକର୍ତ୍ତା ଦୁଃଖରୁ ମୁକ୍ତି ପାଇଥାନ୍ତି । ପଳାସ, ନାଗକେଶକର, ଅରିଷ୍ଟ, ସମୀ ଆଦି ବୃକ୍ଷ ଲଗାଇବା ଦ୍ୱାରା ଘରେ ଶୁଭତା ବିରାଜମାନ କରିଥାଏ । ଘରୁ ବାହାରିବା ସମୟରେ ଡାହାଣ ପାର୍ଶ୍ୱରେ ସମୀ ଗଛ ଦେଖି କାର୍ଯ୍ୟାରମ୍ଭ କରିବା ଶୁଭ ଫଳ ପ୍ରାପ୍ତି ହୋଇଥାଏ । ଘରେ କୁଣ୍ଡରେ ଚମ୍ପା, ଜସ୍ମିନ୍, ଗୋଲାପ ଆଦି ବୃକ୍ଷ ଲଗାଇବା ଦ୍ୱାରା ଉତ୍ତମ ଫଳ ପ୍ରାପ୍ତି ହୋଇଥାଏ । ହେଲେ ଘର ଭିତରେ କଳା ଗୋଲାପ କିମ୍ବା ଲାଲ୍ ଗେଣ୍ଡୁ ଲଗାଇବା ଉଚିତ୍ ନୁହେଁ । ଅଧ୍ୟୟନ କକ୍ଷରେ ଧଳା ରଙ୍ଗର ଫୁଲ ଗଛ ଲଗାଇଲେ ସ୍ମରଣ ଶକ୍ତିରେ ବୃଦ୍ଧି ହୋଇଥାଏ । ଶୟନ କକ୍ଷରେ କୌଣସି ଗଛ ଲଗାଇବା ଉଚିତ୍ ନୁହେଁ ।

# ଶ୍ରାବଣ ମାସ: ଜାଣନ୍ତୁ କାଉଡିଆ କାହିଁକି କୁହନ୍ତି ବୋଲ୍ ବମ୍..



ଶ୍ରାବଣ ମାସରେ କାଉଡିଆ ମାନେ ଶୈବ ପୀଠକୁ ଯାଇ ମହାଦେବଙ୍କୁ ଜଳ ଅର୍ପଣ କରି ଥାଆନ୍ତି ।ମାତ୍ର ନିଶ୍ଚୟ ଦେଖିଥିବେ କାଉଡିଆ ମାନେ ବୋଲ୍ ବମ୍, ବମ୍ ଭୋଲେ କହି କହି ନିଜ ଯାତ୍ରା କରି ଥାଆନ୍ତି ଯ ମାତ୍ର ଏପରି କହିବାର କାରଣ କ'ଣ ଜାଣନ୍ତୁ..ଚଳିତ ବର୍ଷ ଶ୍ରାବଣ ମାସ ୨୨ ଜୁଲାଇ ୨୦୨୪ରେ ଆରମ୍ଭ ହେବ । ଶ୍ରାବଣ ମାସରେ କାଉଡିଆ ମହାଦେବଙ୍କୁ ପ୍ରସନ୍ନ କରିବା ପାଇଁ ପାଦରେ ଚାଲି ଚାଲି ଜଳ ଅର୍ପଣ କରି ଥାଆନ୍ତି । ଶ୍ରାବଣର ଶିବରାତ୍ରୀରେ ମଧ୍ୟ ବିଶେଷ ଭାବେ ପୂଜାର୍ଚ୍ଚନା କରାଯାଏ । କାଉଡିଆ ମାନେ ଯାତ୍ରା ସମୟରେ ବମ୍ ବମ୍ ଭୋଲେ କହିଥାଆନ୍ତି । ବୋଲ୍ ବମ୍ କହିଥାଆନ୍ତି । ମାନ୍ୟତା ଅନୁଯାୟୀ ଏପରି କହିବା ଦ୍ୱାରା ଚାଲି କରି ଯାତ୍ରା କରିବା ସମୟରେ କଷ୍ଟ ଅନୁଭବ ହୋଇନଥାଏ। ଭୋଳାଶଙ୍କର କାଉଡିଆଙ୍କ ଯାତ୍ରା ମଙ୍ଗଳମୟ କରି ଥାଆନ୍ତି। ବୋଲ୍ ବମ୍ ଶବ୍ଦରେ ବ୍ରହ୍ମା, ବିଷ୍ଣୁ, ମହେଶ୍ୱର ଓ ଓଁମକାରର ପ୍ରତୀକ ବୋଲି କୁହାଯାଏ । ଏହା ଏକ ସିଦ୍ଧ ମନ୍ତ୍ର । ଏହାକୁ ଗାନ କରିବା ଦ୍ୱାରା ଶ୍ରଦ୍ଧାଳୁ ନିକଟରେ ଏକ ଶକ୍ତି ଆସିଥାଏ। କୁହାଯାଏ ଯେଉଁ ସମୟରେ ପ୍ରଭୁ ହନୁମାନଙ୍କୁ ଶକ୍ତିର ଆବଶ୍ୟକତା ହୋଇଥାଏ, ସେ ରାମ ନାମ ଜପ କରନ୍ତି । ସେହିପରି କାଉଡିଆ ମାନେ ଥକି ପଡିଲେ ଓ ଅନ୍ୟ କାଉଡିଆଙ୍କୁ ଥକ୍କା ନଲାଗିବା ପାଇଁ ବୋଲ୍ ବମ୍ କହି ଥାଆନ୍ତି।୨ ଅଗଷ୍ଟ ୨୦୨୪ରେ ଶ୍ରାବଣ ଶିବରାତ୍ରୀ । ଏହି ଦିନ ଜଳାଭିଷେକ କରିବା ସହ ପୂଜାର୍ଚ୍ଚନା କଲେ ଅତ୍ୟନ୍ତ ଶୁଭଫଳ ମିଳିଥାଏ।ଚଳିତ ବର୍ଷ ୧୯ ଅଗଷ୍ଟ ୨୦୨୪ରେ ଶ୍ରାବଣ ମାସ ଶେଷ ହେବ । ଚଳିତ ବର୍ଷ ୫ଟି ଶ୍ରାବଣ ସୋମବାର ପାଳନ ହେବ। ଏଥିରେ ଶ୍ରାବଣ ସୋମବାର, ପ୍ରଦୋଷ ବ୍ରତ, ଶ୍ରାବଣ ଶିବରାତ୍ରୀରେ ମହାଦେବଙ୍କୁ ପ୍ରସନ୍ତ କରିବା ପାଇଁ ବେଲପତ୍ର ଅର୍ପଣ କରିବା ସହ ଜଳାଭିଷେକ କରିବା ଦ୍ୱାରା ଶୁଭଫଳ ଓ ସଫଳତା ପ୍ରାପ୍ତି ହୋଇଥାଏ ।

## ମହର୍ଷି ବଶିଷ୍ଠଙ୍କ ଉଦାରତା



ଦିଗବିଜୟ ପରେ ରାଜା କୌଶିକ ରାଜଧାନୀ ଅଭିମୁଖେ ଫେରୁଥିଲେ। ବାଟରେ ବ୍ରହ୍ମଜ୍ଞାନୀ ମହର୍ଷି ବଶିଷ୍ଠଙ୍କ ଆଶ୍ରମ ପଡ଼ିଲା। ଭାବିଲେ, ମହାମୁନିଙ୍କ ଦର୍ଶନ କରିଦେଇଯିବେ। ଆଶ୍ରମ ଦ୍ୱାର ଦେଶରେ ପହଞ୍ଚିବା ପରେ ବଶିଷ୍ଠ ତାଙ୍କୁ ଭିତରକୁ ଆସି ଅନ୍ନ ଗ୍ରହଣ କରିବା ଲାଗି ଅନୁରୋଧ କଲେ। କୌଶିକ କହିଲେ, ମୁଁ ଏକା ନାହିଁ । ମୋ ସହିତ ଲକ୍ଷ ଲକ୍ଷ ସୈନ୍ୟ ହାତୀ, ଘୋଡ଼ା ରହିଛନ୍ତି । ଆପଣଙ୍କୁ ଅସୁବିଧା ହେବ। ବଶିଷ୍ଠ କହିଲେ, କିଛି ଅସୁବିଧା ନାହିଁ ! ଆପଣ ଆସନ୍ତୁ। ବଶିଷ୍ଠଙ୍କ ନିକଟରେ ଗୋମାତା କାମଧେନୁଙ୍କ ବାଛୁରୀ ନନ୍ଦିନୀ ଥିଲେ। ସେ କୌଶିକଙ୍କ ସମସ୍ତ ସେନାବାହିନୀ ଓ ହାତୀଘୋଡ଼ା ପାଇଁ ଖାଦ୍ୟ ଯୋଗାଡ଼ କରିଦେଲେ। ଏହା ଦେଖି ରାଜା କୌଶିକ ଆଶ୍ଚର୍ଯ୍ୟ ହେଲେ। ଯିବା ବେଳେ ଋଷି ବଶିଷ୍ଠ ତାଙ୍କୁ ଉପହାର ଯାଚିଲେ। ରାଜା କହିଲେ, ଆପଣ ଯଦି କିଛି ଦେବାକୁ ଚାହୁଁଛନ୍ତି, ତା'ହେଲେ ମୋତେ ଏହି ନନ୍ଦିନୀ ଗୋମାତାଙ୍କୁ ଦିଅନ୍ତୁ। କିନ୍ତୁ ବଶିଷ୍ଠ କହିଲେ, ଆପଣ ରାଜା! ଆପଣଙ୍କ ପାଖରେ ସମସ୍ତ ସମ୍ବଳ ରହିଛି। ମୁଁ ଋଷି! ସବୁକିଛି ତ୍ୟାଗ କରି ସନ୍ନ୍ୟାସୀ ଜୀବନଯାପନ କରୁଛି। ତେଣୁ ମୋର ସମ୍ବଳ ହେଉଛନ୍ତି ଏହି ନନ୍ଦିନୀ ଗୋମାତା। ତେଣୁ ମୁଁ ଏହାଙ୍କୁ ଆପଣଙ୍କୁ ଦେଇପାରିବି ନାହିଁ । ତା'ଛଡ଼ା ଗୋମାତା ନନ୍ଦିନୀ ଆପଣଙ୍କ ରାଜ୍ୟରେ ରହିଲେ ହୁଏତ' ଅନ୍ୟ କେଉଁ ରାଜା ଆପଣଙ୍କ ରାଜ୍ୟ ଉପରେ ଆକ୍ରମଣ କରିପାରନ୍ତି। ବଶିଷ୍ଠ ଏପରି ଅନେକ ବୁଝାଇଲେ ସୁଦ୍ଧା କୌଶିକ ବୁଝିଲେ ନାହିଁ। ସେ ବଳପୂର୍ବକ ନନ୍ଦିନୀଙ୍କୁ ନେଇଯିବା ଲାଗି ପ୍ରୟାସ କଲେ। ହେଲେ ନନ୍ଦିନୀଙ୍କ ଶରୀରରୁ ଲକ୍ଷ ଲକ୍ଷ ସୈନ୍ୟ ବାହାରିଲେ। ସେମାନେ କୌଶିକଙ୍କ ସେନାବାହିନୀର ବିନାଶ କଲେ। କୌଶିକଙ୍କୁ ପରାଜିତ ହୋଇ ଫେରିଯିବାକୁ ପଡ଼ିଲା। ଏହି ଘଟଣା କୌଶିକଙ୍କ ମନରେ ଗଭୀର ରେଖାପାତ କଲା। ସେ ରାଜ୍ୟସିଂହାସନ ତ୍ୟାଗ କରି କଠୋର ତପସ୍ୟା କଲେ। ବଶିଷ୍ଠଙ୍କ ପରି ବ୍ରହ୍ମଜ୍ଞାନୀ ହେବା ଲାଗି ତାଙ୍କ ମନରେ ଇଚ୍ଛା ଜାଗ୍ରତ ହେଲା। ସିଦ୍ଧି ପ୍ରାପ୍ତ କରିବା ପରେ ସେ ପୁଣି ବଶିଷ୍ଠଙ୍କ ଆଶ୍ରମକୁ ଫେରିଲେ। ସେତେବେଳେ ସେ ବିଶ୍ୱମିତ୍ରଙ୍କ ନାମରେ ପରିଚିତ ହୋଇସାରିଥିଲେ। ସିଦ୍ଧି ମିଳିଥିଲା କିନ୍ତୁ ଅହଂକାର ଯାଇନଥିଲା। ବଶିଷ୍ଠଙ୍କ ଆଶ୍ରମରୁ ପୁଣି ନନ୍ଦିନୀଙ୍କୁ ନେବା ଲାଗି ପ୍ରୟାସ କଲେ। ବଶିଷ୍ଠଙ୍କ ପୁତ୍ରମାନଙ୍କ ସହ ତାଙ୍କର ମୁହାଁମୁହିଁ ହେଲା। କୌଶିକ ସମସ୍ତଙ୍କୁ ହତ୍ୟା କଲେ। ବଶିଷ୍ଠ ଓ ତାଙ୍କ ପତ୍ନୀ ଜୀବନରେ ଦୁଃଖର କଳାବାଦଲ ଘୋଟି ଆସିଲା। ତଥାପି ଉଦାର, କ୍ଷମାଶୀଳ ବଶିଷ୍ଠ କୌଣସି ପ୍ରତିକ୍ରିୟା ପ୍ରକାଶ କଲେ ନାହିଁ। ବିଶ୍ୱାମିତ୍ରଙ୍କୁ ଏଥର ମଧ୍ୟ ଖାଲି ହାତରେ ଫେରିଯାଇଥିଲେ। କାରଣ ସେତେବେଳକୁ ଗୋ-ମାତା ନନ୍ଦିନୀ ସ୍ୱର୍ଗପୁରୀକୁ ଚାଲିଯାଇଥିଲେ। ଅନ୍ୟପଟେ ବିଶ୍ୱାମିତ୍ରଙ୍କ ଏହି କୃତକର୍ମକୁ ଦେବତା, ଋଷି-ମୁନି ସମସ୍ତେ ବିରୋଧ କଲେ। ବିଶ୍ୱାମିତ୍ରଙ୍କ ଚେତା ପଶିଲା। ଅହଂକାରବଶତଃ ମହର୍ଷି ବଶିଷ୍ଠଙ୍କର ସେ ଯେଉଁ କ୍ଷତି କରିଛନ୍ତି ତା'ର ପ୍ରାୟଶ୍ଚିତ କରିବା ଲାଗି ସେ ପୁଣିଥରେ ତପସ୍ୟା କରିବା ଲାଗି ନିଷ୍ପତ୍ତି ନେଲେ। ହଜାର ହଜାର ବର୍ଷ ପର୍ଯ୍ୟନ୍ତ କଠୋର ତପସ୍ୟା ଚାଲିଲା। ତାଙ୍କର ତପଶକ୍ତି ଏତେ ପ୍ରଖର ହୋଇଗଲା ତା'ର ପ୍ରଭାବ ତିନି ପୁରରେ ବ୍ୟାପିଗଲା। ଶେଷରେ ବିଶ୍ୱାମିତ୍ର ତପଭଙ୍ଗ କରି ମହର୍ଷି ବଶିଷ୍ଠଙ୍କୁ କ୍ଷମା ଯାଚନା କରିବା ଲାଗି ମନସ୍ଥ କଲେ। ତେଣୁ ସେ ବଶିଷ୍ଠ ମୁନିଙ୍କ ଆଶ୍ରମ ଅଭିମୁଖେ ଚାଲିଲେ । ସେଠାରେ ପହଞ୍ଚିବା ସମୟରେ ସନ୍ଧ୍ୟା ହୋଇସାରିଥିଲା। ଆଶ୍ରମରେ ମହର୍ଷି ବଶିଷ୍ଠ ଏବଂ ପତ୍ନୀ ଅରୁନ୍ଧତୀ ବସିଥିଲେ। ଅରୁନ୍ଧତୀ କହୁଥିଲେ, ସ୍ୱାମୀ! ଆଜି ଆକାଶରେ ଚନ୍ଦ୍ରଙ୍କ ଆଲୋକ କେତେ ସୁନ୍ଦର ଦିଶୁଛି। ଘନ ଅନ୍ଧାର ରାତ୍ରୀ ଚନ୍ଦ୍ରଙ୍କ ଆଲୋକରେ ଆଲୋକିତ ହୋଇ ଉଠୁଛି। ଚତୁର୍ଦ୍ଦିଗ ପ୍ରକାଶମାନ ହୋଇଉଠୁଛି । ତାଙ୍କ କଥା ଶୁଣି ମହର୍ଷି ବଶିଷ୍ଠ କହିଲେ, ନା ଦେବୀ! ପ୍ରକାଶ ଦେଖିବାର ଅଛି ତ' ମହର୍ଷି ବିଶ୍ୱାମିତ୍ରଙ୍କ ତପସ୍ୟାର ପ୍ରକାଶକୁ ଦେଖ। ଯାହା ଏବେ ତିନି ପୁରରେ ବ୍ୟାପିଯାଇଛି। ମହର୍ଷି ବଶିଷ୍ଠଙ୍କ ଉପମା ଶୁଣି ବିଶ୍ୱାମିତ୍ର ତୁରନ୍ତ ଯାଇ ତାଙ୍କ ପାଦ ତଳେ ପଡ଼ିଗଲେ। ସେ କରିଥିବା ପାପ ପାଇଁ ତାଙ୍କୁ କଠୋରରୁ କଠୋରତମ ଦଣ୍ଡ ଦେବା ଲାଗି ପ୍ରାର୍ଥନା କଲେ। ମହର୍ଷି ବଶିଷ୍ଠ କିନ୍ତୁ ତାଙ୍କୁ କ୍ଷମା ଦେଲେ। ଅନ୍ୟପଟେ ତପଶକ୍ତି ପାଇଁ ତାଙ୍କୁ ବ୍ରହ୍ମର୍ଷି ପଦବୀ ପ୍ରଦାନ କଲେ ।

## ତ୍ୱଚ୍ଚା କୁଂଚନ ଦୂର କରିବ ନଡିଆ ତେଲ

ସାଧାରଣତଃ ବୟସ ବଢ଼ିବା ସହ ଧୀରେ ଧୀରେ ସୌନ୍ଦର୍ଯ୍ୟ ମଧ୍ୟ ହ୍ରାସ ପାଇଥାଏ। ବିଶେଷ କରି ଏହାର ପ୍ରଭାବ ମୁଖ୍ୟତଃ ମୁହଁରେ ପ୍ରଥମେ ଦେଖାଯାଇଥାଏ। ଅ।ଖି ତଳ କଳା ପଡିବା, ଚର୍ମ କୁଂଚନ ବା ରିଙ୍କଲ୍ସ



ହେବା ଭଳି ସମସ୍ୟା ଅ।ସିଥାଏ । ଏହି ସମସ୍ୟାକୁ ଦୂର କରିବା ପାଇଁ ଅନେକ ଲୋକେ ଡାକ୍ତରଙ୍କ ସହାୟତା ନେଇଥାନ୍ତି। ତେବେ କମ୍ ଖର୍ଚ୍ଚରେ ମଧ୍ୟ ଘରୋଇ ଉପଚାରରେ ଏହି ସମସ୍ୟାରୁ ମୁକ୍ତି ମିଳିପାରିବ।

■ ଗୋଟିଏ ଚାମଚ ଦହି ସହ ଗୋଟିଏ ଚାମଚ ମହୁ ମିଶାନ୍ତୁ । ଏଥିରେ କିଛି ବୁନ୍ଦା ଗୋଲାପ ଜଳ ପକାଇ ଏକ ମିଶ୍ରଣ ତିଆ।ରି କରନ୍ତୁ। ଏହାକୁ ୨୦ ମିନିଟ ଯାଏଁ ମୁହଁରେ ଲଗାଇ ରଖନ୍ତୁ। ପରେ ଥଣ୍ଡା ପାଣିରେ ଧୋଇ ଦିଅନ୍ତୁ। ଏହା ଦ୍ୱାରା ମୁହଁରୁ ରିଙ୍କଲ୍ସ ଦୂର ହେବା ସହ ତ୍ୱଚ୍ଚା ସଫା ହୋଇଯାଇଥାଏ।

■ ଗୋଟିଏ ଚାମଚ ନଡିଆ ତେଲରେ ଗୋଟିଏ ଚୁଟକି ହଳଦି ପାଉଡର ମିଶାନ୍ତୁ। ଏହି ମିଶ୍ରଣକୁ ରିଙ୍କଲ୍ସ ହୋଇଥିବା ସ୍ଥାନରେ ଲଗାଇ ୨୦ ମିନିଟ୍ ପର୍ଯ୍ୟନ୍ତ ଛାଡି ଦିଅନ୍ତୁ। ଏହାପରେ ଧୋଇ ଦିଅନ୍ତୁ।। ତେଲରେ ମୁହଁର ମାଲିସ କରନ୍ତୁ । ସକାଳୁ ଥଣ୍ଡା ପାଣିରେ ଧୋଇ ଦିଅନ୍ତୁ। ଏହାଦ୍ୱାରା ତ୍ୱଚ୍ଚା ହାଇଡ୍ରେଟ ହେବା ସହ ରିଙ୍କଲ୍ସ ଦୂର ହୋଇଥାଏ।

■ ଏଲୋବେରା ଜେଲ, ଦହି ଏବଂ କାକୁଡି ରସକୁ ଏକାଠି ମିଶାଇ ଏକ ପେଷ୍ଟ ତିଆରି କରନ୍ତୁ। ଏହି ମିଶ୍ରଣକୁ ମୁହଁରେ ଲଗାଇ ୨୦ ମିନିଟ ଯାଏଁ ମାଲିସ କରି ଧୋଇ ଦିଅନ୍ତୁ।

■ ଦହିରେ କାକୁଡି ରସ ମିଶାଇ ୨୦ ମିନିଟ ପର୍ଯ୍ୟନ୍ତ ମୁହଁରେ ଏହି ପେଷ୍ଟକୁ ଲଗାଇ ରଖନ୍ତୁ। ପରେ ଥଣ୍ଡା ପାଣିରେ ଧୋଇ ଦିଅନ୍ତୁ। ସପ୍ତାହ ଭିତରେ ୨ ରୁ ୩ ଥର ଏହି ଉପାୟକୁ କରନ୍ତୁ। ଏହାଦ୍ୱାରା ତ୍ୱଚ୍ଚାର ଉଜ୍ଜ୍ୱଳତା ବର୍ଦ୍ଧିବା ସହ ମୁହଁରେ ପଡିଥିବା କୁଂଚନ ବା ରିଙ୍କଲ୍ସ ମଧ୍ୟ ଧୀରେ ଧୀରେ କମିଯିବ।

ମହାଭାରତ
ନଗରନକ୍ସା
ମହାନଗରର ନିଜ ଭାଷା



# କାଉଡ଼ିଆଙ୍କ ସୁରକ୍ଷା ପାଇଁ ବ୍ୟାପକ ପ୍ରସ୍ତୁତି

**ଭୁବନେଶ୍ୱର, ୨୧।୭ (ମହାଭାରତ):** ରାତି ପାହିଲେ ଶ୍ରାବଣର ପ୍ରଥମ ସୋମବାର। ହର ହର ବମ୍.. ବୋଲ ବମ୍... ଶିବ ଧ୍ୱନୀରେ ପ୍ରକମ୍ପିତ ହେଲାଣି ଗଗନ ପବନ। ପ୍ରଥମ ସୋମବାରରେ ମହାଦେବଙ୍କ ଠାରେ ଜଳ ଲାଗି ପାଇଁ ବାହାରିଛନ୍ତି କାଉଡିଆ। ମହାଦେବଙ୍କ ନିକଟରେ ଜଳାଭିଷେକ ପାଇଁ କଟକ ଗଡଗଡିଆ ପୀଠରୁ କାଉଡିଆ ପାଣି ଉଠାଇ ବିଭିନ୍ନ ଶୈବ ପୀଠକୁ ବାହାରୁଛନ୍ତି। ଶୈବ ପୀଠ ମାନଙ୍କରେ ବୋଲ ବମ୍ ଭକ୍ତଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି।



ଏଥିପାଇଁ ସୁରକ୍ଷା ବ୍ୟବସ୍ଥାକୁ ବେଶ କଡାକଡି କରିଛି କମିଶନରେଟ ପୋଲିସ। କାଉଡ଼ିଆଙ୍କର ସୁରକ୍ଷା, ଟ୍ରାଫିକ ବ୍ୟବସ୍ଥା, କ୍ରାଉଡ୍ ମ୍ୟାନେଜମେଣ୍ଟ, ଅପ୍ରୀତିକର ପରିସ୍ଥିତିକୁ ରୋକିବା ଲାଗି ବ୍ୟାପକ ବନ୍ଦୋବସ୍ତ କରାଯାଇଛି। ଲିଙ୍ଗରାଜ ମନ୍ଦିର ଓ ଅନ୍ୟ ୨୬ ଟି ସ୍ଥାନରେ ୨ ଜଣ ଅତିରିକ୍ତ ଡିସିପି, ୪ ଜଣ ଏସିପି, ୬ ଇନ୍ସପେକ୍ଟର, ୩୦ ସବଇନ୍ସପେକ୍ଟର ଓ ଏଏସଆଇ ଙ୍କ ସହ ମୋଟ ୧୫ ସେକ୍ସନ ଫୋର୍ସ ମୁତୟନ ହେବେ। ରାଜଧାନୀରେ କାଉଡ଼ିଆ ଯିବା ଆସିବା ବାଟରେ ମୋବାଇଲ ପେଟ୍ରୋଲିଂ ଟିମ, ପିସିଆର ରହିବ। ଦୁର୍ଘଟଣା ରୋକିବା ସହ ଆଶୁ ଚିକିତ୍ସା ପାଇଁ ଛକ ମାନଙ୍କରେ ଫାଷ୍ଟଏଡ଼ ଓ ମୋବାଇଲ ମେଡ଼ିକାଲ ୟୁନିଟ ରହିବ ବୋଲି କମିଶନରେଟ ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

# ନିୟମିତ ଯାଞ୍ଚ ହେବ ସ୍କୁଲ ବସ୍

**ଭୁବନେଶ୍ୱର, ୨୧।୭ (ମହାଭାରତ):** ସ୍କୁଲ ବସରେ ଅଗ୍ନି ନିରାପତ୍ତା ନିୟମ ପାଳନକୁ ସୁନିଶ୍ଚିତ କରିବା ଦିଗରେ ରାଜ୍ୟ ପରିବହନ ପ୍ରାଧିକରଣ ପକ୍ଷରୁ ନିର୍ଦ୍ଦେଶନାମା ଜାରି ହୋଇଛି। କେନ୍ଦ୍ରୀୟ ମୋଟର ଯାନ ନିୟମ (ସିଏମ୍‌ଭିଆର୍) ୧୯୮୯ର ଧାରା ୧୨୫ସି ଅନୁଯାୟୀ ସମସ୍ତ ସ୍କୁଲ ବସରେ ଅଗ୍ନି ନିରାପତ୍ତା ବ୍ୟବସ୍ଥାର ସଠିକ୍ ଅନୁପାଳନ ହେବା ଅନିବାର୍ଯ୍ୟ। ଖିଲାପକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସମସ୍ତ ଆଂଚଳିକ ପରିବହନ ଅଧିକାରୀଙ୍କୁ ରାଜ୍ୟ ପରିବହନ କମିସନର ଅମିତାଭ ଠାକୁର ନିର୍ଦ୍ଦେଶ ଦେଇଛନ୍ତି।



ଅଗ୍ନି ନିରାପତ୍ତା ନିୟମ ଠିକ୍ ଭାବରେ ପାଳନ ହେଉଛି କି ନାହିଁ ସେ ସଂପର୍କରେ ବିଭିନ୍ନ ସମୟରେ ରାଜ୍ୟ ପରିବହନ ପ୍ରାଧିକରଣ ପଦକ୍ଷେପ ଗ୍ରହଣ କରି ଆସିଥିବାବେଳେ ଆଗକୁ ଏହାକୁ ଅଧିକ ବ୍ୟାପକ କରିବାକୁ ନିଷ୍ପତ୍ତି ହୋଇଛି। ସ୍କୁଲ ବସ୍‌ଗୁଡ଼ିକର ଅଗ୍ନି ନିରାପତ୍ତା ବ୍ୟବସ୍ଥା ଉପରେ ତୀକ୍ଷ୍ଣ ନଜର ରଖାଯିବ। ସମସ୍ତ ଜୋନ୍ ଉପପରିବହନ ଆୟୁକ୍ତ ଏବଂ ଆଂଚଳିକ ପରିବହନ ଅଧିକାରୀମାନେ ନିୟମିତ ଭାବେ ଏହାର ଯାଂଚ କରିବେ। କୌଣସି ସ୍କୁଲ ବସ୍ ଏହାର ଉଲ୍ଲଙ୍ଘନ କଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପରିବହନ କମିସନର ନିର୍ଦ୍ଦେଶ ଦେଇଛନ୍ତି। ସେହିଭଳି ନିଜ ନିଜ ଅଂଚଳରେ ଏହି ନିୟମ ଅନୁପାଳନକୁ ସୁନିଶ୍ଚିତ କରିବା ନିମନ୍ତେ ମୋଟର ଯାନ ନିରୀକ୍ଷକମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସ୍କୁଲ ବସରେ ଫାୟାର ଡିଟେକ୍ସନ୍ ଆଲାର୍ମ ସିଷ୍ଟମ୍ (ଏଫ୍‌ଡିଏଏସ୍), ଫାୟାର ଡିଟେକ୍ସନ୍ ସପ୍ରେସନ୍ ସିଷ୍ଟମ୍ (ଏଫ୍‌ଡିଏସ୍‌ଏସ୍) ଓ ଫାୟାର ଆଲାର୍ମ ପ୍ରୋଟେକସନ୍ ସିଷ୍ଟମ୍ (ଏଫ୍‌ଏପିଏସ୍) ବ୍ୟବସ୍ଥା ଆବଶ୍ୟକ ଭାବେ ଲାଗୁ କରିବାକୁ ବାଧ୍ୟତାମୂଳକ ନିୟମ ରହିଛି। ଅଗ୍ନି ଅଘଟଣ ରୋକିବା ଓ ମୁକାବିଲା ଦିଗରେ ଏହା ସହାୟକ ହୋଇଥାଏ। ତେଣୁ ବସରେ ଯାତ୍ରା କରୁଥିବା ଛାତ୍ରଛାତ୍ରୀଙ୍କ ସୁରକ୍ଷା ଦୃଷ୍ଟିରୁ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। କେନ୍ଦ୍ରୀୟ ମୋଟର ଯାନ ଆଇନ ୧୯୮୯ର ନିୟମ ୧୨୫ସି ଅନୁସାରେ ସମସ୍ତ ସ୍କୁଲ ବସରେ ଏଆଇଏସ୍ ୧୩୫ ଆଧାରରେ ଏହି ଅଗ୍ନି ନିରାପତ୍ତା ବ୍ୟବସ୍ଥା ସଠିକ୍ ଭାବେ ଅନୁପାଳନ ହେବା ଆବଶ୍ୟକ। ସମସ୍ତ ବିଦ୍ୟାଳୟ ଓ ଶିକ୍ଷାନୁଷ୍ଠାନ ସହ ଅନୁବନ୍ଧିତ ହୋଇ ଛାତ୍ରଛାତ୍ରୀଙ୍କୁ ପରିବହନ କରୁଥିବା ବସ୍ ମାଲିକମାନେ ଏହି ନିୟମ ନିଶ୍ଚିତ ଭାବରେ ପାଳନ କରିବା ନିମନ୍ତେ ଆଇନରେ ପ୍ରାବଧାନ ରହିଛି। କୋମଳମତି ଛାତ୍ରଛାତ୍ରୀଙ୍କ ସୁରକ୍ଷା ପ୍ରତି କୌଣସି ଅଣଦେଖାକୁ ବରଦାସ୍ତ କରାଯିବ ନାହିଁ ବୋଲି ଦର୍ଶାଯାଇ ନିୟମ ଉଲ୍ଲଙ୍ଘନ କରୁଥିବା ବସ୍‌ଗୁଡ଼ିକର ଫିଟନେସ୍ ସାର୍ଟିଫିକେଟ ରଦ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏକ୍ଷେତ୍ରରେ ଶୂନ୍ୟ ସହନଶୀଳ ନୀତି ଅବଲମ୍ବନ କରିବାକୁ ଅଧିକାରୀମାନଙ୍କୁ ରାଜ୍ୟ ପରିବହନ କମିସନର ଶ୍ରୀ ଠାକୁର ନିର୍ଦ୍ଦେଶ ଦେଇଛନ୍ତି।

# ଆଜିଠାରୁ ମାଟ୍ରିକ ସପ୍ଲିମେଣ୍ଟାରୀ

**କଟକ, ୨୧।୭ (ମହାଭାରତ):** ଜୁଲାଇ ୨୨ ସୋମବାରଠାରୁ ରାଜ୍ୟରେ ମାଟ୍ରିକ ସପ୍ଲିମେଣ୍ଟାରୀ ପରୀକ୍ଷା ଆରମ୍ଭ ହେଉଛି। ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ମାଟ୍ରିକ୍ ସପ୍ଲିମେଣ୍ଟାରୀ ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ୍ ପରୀକ୍ଷା ଜୁଲାଇ ୨୨ ତାରିଖରୁ ଜୁଲାଇ ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ। ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ୍ ବା ମାଟ୍ରିକ୍ ପରୀକ୍ଷାରେ ଅକୃତକାର୍ଯ୍ୟ ଏବଂ ଅନୁପସ୍ଥିତ ରହିଥିବା ପରୀକ୍ଷାର୍ଥୀମାନେ ସପ୍ଲିମେଣ୍ଟାରୀ ପରୀକ୍ଷା ଦେବେ। ଗଣିତ ବ୍ୟତୀତ ପ୍ରତ୍ୟେକ ବିଷୟର ପରୀକ୍ଷା ପୂର୍ବାହ୍ନ ୯ ଟା ଠାରୁ ଆରମ୍ଭ ହୋଇ ପୂର୍ବାହ୍ନ ସାଢ଼େ ୧୧ ପର୍ଯ୍ୟନ୍ତ ହେବ। ପ୍ରାର୍ଥୀଙ୍କୁ ଓଡ଼ିଶା ମ୍ୟାଟ୍ରିକ୍ ସପ୍ଲିମେଣ୍ଟାରୀ ପରୀକ୍ଷାର ଗଣିତ ବିଷୟ ପାଇଁ ୧୫ ମିନିଟ୍ ଅତିରିକ୍ତ ସମୟ ପ୍ରଦାନ କରାଯିବ। ମାଟ୍ରିକ ସପ୍ଲିମେଣ୍ଟାରୀ ପରୀକ୍ଷା ଦେବା ନିମନ୍ତେ ରାଜ୍ୟରେ ୮୩ଟି ପରୀକ୍ଷା କେନ୍ଦ୍ର କରାଯାଇଛି। ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ ପରୀକ୍ଷା ପାଇଁ ମୋଟ ୧୨୧ ପରୀକ୍ଷା କେନ୍ଦ୍ର କରାଯାଇଛି। ମୋଟ୍ ୨୪ ହଜାର ୫୨୦ ଛାତ୍ରଛାତ୍ରୀ ଏହି ପରୀକ୍ଷା ଦେବେ।

# ଭାରତୀୟ ସଂସ୍କୃତିରେ ଗୁରୁପୂଜା ଏକ ଅଭିନ୍ନ ଅଙ୍ଗ

**ଭୁବନେଶ୍ୱର, ୨୧।୭ (ମହାଭାରତ):** ପବିତ୍ର ବ୍ୟାସପୂର୍ଣ୍ଣିମା ଉପଲକ୍ଷେ ନିଗମ କଳ୍ପତରୁ ଆଶ୍ରମ ପକ୍ଷରୁ ଅନୁଷ୍ଠିତ ଗୁରୁପୂର୍ଣ୍ଣିମା ମହୋତ୍ସବକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ଆଶ୍ରମର ପ୍ରତିଷ୍ଠାତା ଅଧ୍ୟକ୍ଷ ତଥା ବିଶିଷ୍ଟ ସନ୍ଥ ପରମହଂସ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ କହିଲେ ଯେ, ଭାରତୀୟ ସଂସ୍କୃତିରେ ଗୁରୁପୂଜା ଏକ ଅବିଚ୍ଛିନ୍ନ ଅଙ୍ଗ। ଆମର ହଜାର ହଜାର ବର୍ଷର ସଂସ୍କୃତିରେ ଶ୍ରୀ ନାରାୟଣଙ୍କ ଠାରୁ ଆରମ୍ଭ ହୋଇଥିବା ଗୁରୁ ପରମ୍ପରାରେ ଆମେ ବ୍ୟାସଦେବ ଓ ପରବର୍ତ୍ତୀ ସମୟରେ ଆଦିଶଙ୍କରାଚାର୍ଯ୍ୟଙ୍କୁ ଆଦିଗୁରୁ ଭାବେ ପୂଜା କରି ନିଜକୁ ଧନ୍ୟ ମନେ କରିଥାଉ।

ବିଶିଷ୍ଟ ବେଦବିତ୍ ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ଧର୍ମସଭାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭାରତବର୍ଷର ବିଶିଷ୍ଟ ସଂସ୍କୃତ ବିଦ୍ୱାନ ପ୍ରଫେସର ଡଃ ପ୍ରଫୁଲ୍ଲ କୁମାର ମିଶ୍ର ଆମ ସଂସ୍କୃତିରେ ଗୁରୁଙ୍କୁ ଭଗବାନଙ୍କର ସ୍ଥାନ ଦିଆଯାଇ ଗୋବିନ୍ଦ ଭାବରେ ପୂଜା କରାଯାଏ ବୋଲି କହିଥିଲେ। ଭାରତୀୟ ସଂସ୍କୃତିରେ ଗୁରୁ କେବଳ ନିଜର ଶିଷ୍ୟର ମଙ୍ଗଳ କାମନା କରିନଥାନ୍ତି, ଗୁରୁ ସବୁବେଳେ ବିଶ୍ୱର କଲ୍ୟାଣ ପାଇଁ ଚିନ୍ତା କରନ୍ତି।

ମୁଖ୍ୟବକ୍ତା ଭାବରେ ଯୋଗଦେଇ ବାଗ୍ମୀ ପ୍ରଦ୍ୟୁମ୍ନ ଶତପଥୀ କହିଲେ ଯେ, ମଣିଷ ଯେତେବେଳେ ଗୁରୁ ଆଶ୍ରିତ ହୋଇଯାଏ, ଗୁରୁଙ୍କର ସମସ୍ତ ଆଶୀର୍ବାଦର ସେ ଅଧିକାରୀ ହୋଇଥାଏ। ଯାହାଙ୍କୁ ଆମେ ଭଗବାନ ବୋଲି କହୁଛେ, ସେ ରାମଚନ୍ଦ୍ର ହୁଅନ୍ତୁ ବା କୃଷ୍ଣଚନ୍ଦ୍ର, ସେମାନେ ମଧ୍ୟ ଗୁରୁ ଆଶୀର୍ବାଦରେ ସମାଜରେ ନିଜର ପ୍ରତିଷ୍ଠା ଲାଭ କରିଛନ୍ତି।

ଅନ୍ୟତମ ଅତିଥି କରମଳା ଆଶ୍ରମର ବାବା ମୁକୁନ୍ଦାନନ୍ଦ ଦାସ, ଅଧ୍ୟାପକ ବିଶ୍ୱରଞ୍ଜନ ଓ ଡାକ୍ତର ଦୀନବନ୍ଧୁ ମହାରଣା କହିଲେ ଯେ, ଗୁରୁଙ୍କ ନିକଟରେ ନିଜକୁ ସମ୍ପୂର୍ଣ୍ଣ ସମର୍ପଣ କରିଦେଲେ ହିଁ ଗୁରୁ, ଶିଷ୍ୟକୁ ଏକ ଠିକଣା ଦିଗ୍‌ଦର୍ଶନ ଦେଇଥାନ୍ତି।

କାର୍ଯ୍ୟକ୍ରମରେ ଯୋଗଦେଇ ପ୍ରଫେସର ପ୍ରଫୁଲ୍ଲ ରଥ, ପ୍ରଫେସର ଡଃ ଅଶୋକ କୁମାର ମିଶ୍ର ଓ ଡଃ ବଦ୍ରୀନାଥ ପଟ୍ଟନାୟକ କହିଲେ ଯେ, ଛାତ୍ର ଯୁବକମାନଙ୍କ ମଧ୍ୟରେ ଆମ ଐତିହ୍ୟ, ପରମ୍ପରା ବିଷୟରେ ଶିକ୍ଷା ଦେବାର ଆବଶ୍ୟକତା ରହିଛି। ଉତ୍ସବର ପ୍ରାରମ୍ଭରେ ଆଶ୍ରମର ମୁଖ୍ୟ ପରିଚାଳକ ବ୍ରହ୍ମଚାରୀ ଆନନ୍ଦ ଚୈତନ୍ୟ ମହାରାଜ ସ୍ୱାଗତ ଭାଷଣ ଓ ଡଃ ମିହିର ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

ଏହି ଅବସରରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ଡଃ ମିହିର ପଟ୍ଟନାୟକଙ୍କ ଲିଖିତ ସତ୍ୟାୟନ ପୁସ୍ତକର ଉନ୍ମୋଚନ ହୋଇଥିଲା। ବିଶିଷ୍ଟ ସଙ୍ଗୀତଶିଳ୍ପୀ ଅନିନ୍ଦିତା ଦାସ ଶ୍ରୀଜଗନ୍ନାଥ ଭଜନ ପରିବେଷଣ କରିଥିଲେ।

# ପୁଲିସ ଅଧିକାରୀଙ୍କୁ ୮ ବର୍ଷ ପରେ ମିଳୁନି ପଦୋନ୍ନତି

**କଟକ, ୨୧।୭ (ମହାଭାରତ):** ୨୦୧୧ ମସିହାରେ ସିଧାସଳଖ ଡି.ଏସ ପି ନିଯୁକ୍ତି ପାଇଁ ଓପିଏସସି ତରଫରୁ ବିଜ୍ଞାପନ ପ୍ରକାଶ ପାଇଥିଲା । ଅର୍ଥାତ୍ ପଞ୍ଚ ବର୍ଷ ପରେ ୨୦୧୬ ରେ ପ୍ରଥମ ବ୍ୟାଚ ନିଯୁକ୍ତି ପାଇଥିଲେ। ବିଡମ୍ବନାର ବିଷୟ ହେଉଛି ୮ ବର୍ଷ ବିତି ଯାଇଥିଲେ ବି ସେମାନଙ୍କୁ ଗୋଟିଏ ବି ପଦୋନ୍ନତି ଦିଆ ଯାଇନାହିଁ କିମ୍ବା ଭାରତୀୟ ପୁଲିସ ସେବା ପାଇଁ ନାଁ ପଠା ଯାଇନାହିଁ । ସେମାନଙ୍କଠାରୁ କନିଷ୍ଠ ଓ ପୂର୍ବରୁ ସବ୍‌ଇନସ୍ପେକ୍ଟର ଥାଇ ସିଧାସଳଖ ନିଯୁକ୍ତି ପାଇଥିବା ଡି.ଏସ. ପିଙ୍କ ଅଧୀନରେ କାର୍ଯ୍ୟ କରୁଥିବା, ତଥା ୨୦୨୧ ମସିହାରେ ଇନ୍ସପେକ୍ଟରରୁ ଡିଏସପି ପାହ୍ୟାକୁ ପଦୋନ୍ନତି ପାଇଥିବା ଅଧିକାରୀଙ୍କୁ ଅତିରିକ୍ତ ଏସ ପି ଭାବେ ୨୦୨୩ରେ ପଦୋନ୍ନତି ଦିଆଗଲା। ବରିଷ୍ଠଙ୍କୁ ଉପେକ୍ଷା କରି ତଳିଆ କର୍ମଚାରୀଙ୍କୁ ପଦୋନ୍ନତି ଦିଆଗଲା । ଦୁଇ ଅଲଗା କ୍ୟାଡର ହୋଇଥିବା ସତ୍ତ୍ୱେ ଓ ସରକାରଙ୍କ ଖୋଦ ଗୃହ ବିଭାଗର ଅନ୍ୟ କୌଣସି ସେବାରେ କ୍ୟାଚ୍ ଅଫ ରୁଲ ଲାଗୁନଥିବାବେଳେ, ସାଧାରଣ ପ୍ରଶାସନର ନିୟମ, ମେଘଚନ୍ଦ୍ରନ ଆଦି ନିୟମକୁ ଉପେକ୍ଷା କରି ସେମାନଙ୍କୁ ପଦୋନ୍ନତି ଦିଆଗଲା। ସିଧାସଳଖ ନିଯୁକ୍ତ ଡିଏସପିଙ୍କ ପ୍ରତି ପୂର୍ବ ସରକାର ଆକ୍ରୋଶ ମୂଳକ ନୀତି ଅବଲମ୍ବନ କରିଥିବା ଚର୍ଚ୍ଚା ହେଉଛି। ଏ ସଂକ୍ରାନ୍ତରେ ଉଚ୍ଚନ୍ୟାୟଳୟରେ ଅନେକ ଗୁଡିଏ ମାମଲା ଚାଲିଥିବା ସତ୍ତ୍ୱେ ଏଭଳି ବେନିୟମ ପଦୋନ୍ନତି ଦିଆଯାଇଛି। ପ୍ରାୟ ଏକ ବର୍ଷ ହେବ ଉଚ୍ଚନ୍ୟାୟଳୟରେ ମାମଲାର ଶୁଣାଣି ସରିଥିଲେ ମଧ୍ୟ ରାୟ ସଂରକ୍ଷିତ ଅଛି। ପ୍ରକାଶଯୋଗ୍ୟ କି ଚଳିତ ଥର ସାଧାରଣ ନିର୍ବାଚନ ସମୟରେ କ୍ୟାଡର ଆଇପିଏସ୍ ଅଫିସର ଅଭାବ ଯୋଗୁଁ ଅନେକ ଡି.ଆ.ଜି. ପାହ୍ୟା ଅଫିସରଙ୍କୁ ଏସ.ପି ଭାବେ ବିଭିନ୍ନ ଜିଲାର ଦାୟିତ୍ୱ ଦିଆଗଲା। ପଦୋନ୍ନତି ଭିତ୍ତିରେ ପୂରଣ ହେବା ପାଇଁ ଥିବା ଓଡିଶା କ୍ୟାଡରର ସମସ୍ତ ଆଇପିଏସ୍ ପଦ ଖାଲି ପଡିଛି। ଓଡିଶା ଲୋକ ସେବା ଆୟୋଗ ଦ୍ୱାରା ନିଯୁକ୍ତ ଡି. ଏସ. ପି ବା ଓପିଏସ ଅଧିକାରୀଙ୍କ ସହ ନିଯୁକ୍ତି ପାଇଥିବା ଅନ୍ୟ କ୍ୟାଡର ଇତି ମଧ୍ୟରେ ଦୁଇଟି ପଦୋନ୍ନତି ପାଇ ସାରିଥିବାବେଳେ ସିଧାସଳଖ ନିଯୁକ୍ତ ଡି. ଏସ.ପିଙ୍କ ପ୍ରତି ବୈମାତୃକ ମନୋଭାବ ପୋଷଣ କରାଯାଉଛି। ଏଥିଯୋଗୁ ଅଧିକାରୀମାନେ ସେମାନଙ୍କ ଭବିଷ୍ୟତକୁ ନେଇ ଆଶଙ୍କା ମଧ୍ୟରେ ରହୁଛନ୍ତି। ନୂତନ ସରକାର ଏଥିପ୍ରତି ଦୃଷ୍ଟି ଦେଇ ପଦୋନ୍ନତି ଭିତ୍ତିରେ ଆଇପିଏସ୍ ପଦ ପୂରଣ କରିବାକୁ ପଦୋନ୍ନତିରୁ ବଞ୍ଚିତ ଅଧିକାରୀ ଦାବି କରିଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ବିଦ୍ୟାଲୋକ ମହାପାତ୍ର ମାମଲା ପରିଚାଳନା କରୁଛନ୍ତି ।

# ଗ୍ଲୋବାଲ ଏଡୁଫେଷ୍ଟ ୨୦୨୪ ଉଦ୍‌ଯାପିତ

**ଭୁବନେଶ୍ୱର, ୨୧।୭ (ମହାଭାରତ):** ମେଡିକାଲ ଇଞ୍ଜିନିୟରିଂ ଏବଂ ମ୍ୟାନେଜମେଣ୍ଟ ପାଠ୍ୟକ୍ରମ ପାଇଁ ବିଦେଶରେ ନାମ ଲେଖାଇବା ନିମନ୍ତେ ମାର୍ଗଦର୍ଶନ କରିଥାଏ ଗ୍ଲୋବାଲ ଫୋକସ ଏଜୁକେସନ ପ୍ରତିଷ୍ଠାନ। ଏହି କ୍ରମରେ ଭୁବନେଶ୍ୱର ଜୟଦେବ ଭବନରେ ଆୟୋଜିତ ହୋଇଥିବା ଗ୍ଲୋବାଲ ଫୋକସ ଏଜୁକେସନ ଅନୁଷ୍ଠାନ ପକ୍ଷରୁ ଗ୍ଲୋବାଲ ଏଡୁଫେଷ୍ଟ-୨୦୨୪ ସଫଳତାର ସହ ଉଦ୍‌ଯାପିତ ହୋଇଛି। ଭୁବନେଶ୍ୱରର ଜୟଦେବ ଭବନରେ ଆୟୋଜିତ ଏହି କାର୍ଯ୍ୟକ୍ରମ ଆଶାୟୀ ଛାତ୍ରଛାତ୍ରୀମାନଙ୍କୁ ବିଦେଶରେ ଏମ୍‌ବିବିଏସ୍, ଇଞ୍ଜିନିୟରିଂ, ମ୍ୟାନେଜମେଣ୍ଟ ପାଠ୍ୟକ୍ରମ ଅଧ୍ୟୟନ, ଶିକ୍ଷା ପ୍ରକ୍ରିୟା, ବିଶ୍ୱବିଦ୍ୟାଳୟ ଚୟନ ଏବଂ କ୍ୟାରିୟର ପରାମର୍ଶ ଉପରେ ବିସ୍ତୃତ ମାର୍ଗଦର୍ଶନ ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଥିଲା। ଏହି କାର୍ଯ୍ୟକ୍ରମରେ ଆମେରିକା, ବ୍ରିଟେନ, କାନାଡା, ଜର୍ମାନୀ, ରୁଷିଆ, ଉଜ୍‌ବେକିସ୍ଥାନ, ଜର୍ଜିଆ, କାଜାଗାସ୍ଥାନ ଏବଂ ଆର୍ମେନିଆ ସମେତ ବିଭିନ୍ନ ଦେଶରେ ଏମ୍‌ବିବିଏସ୍, ଇଞ୍ଜିନିୟରିଂ ଏବଂ ମ୍ୟାନେଜମେଣ୍ଟ ପାଠ୍ୟକ୍ରମ ଅନୁସରଣ ବିଷୟରେ ବିସ୍ତୃତ ସୂଚନା ପ୍ରଦାନ କରାଯାଇଥିଲା। ଉପସ୍ଥିତ ସମସ୍ତେ ଏହି ରାଷ୍ଟ୍ରଗୁଡିକରେ ଉପଲବ୍ଧ ବିଭିନ୍ନ ଶିକ୍ଷାଗତ ସୁଯୋଗ ବିଷୟରେ ଜ୍ଞାନ ଆହରଣ କରିଥିଲେ ତଥା ବିଶେଷଜ୍ଞମାନେ ଏହି



ଦେଶଗୁଡିକର ଶୀର୍ଷ ବିଶ୍ୱବିଦ୍ୟାଳୟଗୁଡିକର ଆବେଦନ ପ୍ରକ୍ରିୟା, ନାମଲେଖା ମାନଦଣ୍ଡ ଏବଂ ଏକାଡେମିକ ପରିବେଶ ବିଷୟରେ ମୂଲ୍ୟବାନ ବିବରଣୀ ବାଣ୍ଟିଥିଲେ। ଏହି କାର୍ଯ୍ୟକ୍ରମରେ ୧୫୦ ଏମ୍‌ବିବିଏସ୍ ସ୍ନାତକ ଯେଉଁମାନେ ସଫଳତାର ସହିତ ଏଫଏମ୍‌ଜିଇ, ଓପିଏସ୍‌ସି, ପିଜି ପାଠ୍ୟକ୍ରମରେ ଯୋଗ୍ୟତା ହାସଲ କରିଛନ୍ତି ସେମାନଙ୍କ ସମେତ ଆଲମିନିକ ସଫଳତାକୁ ପାଳନ କରିଥିଲେ। ୫୦୦ରୁ ଅଧିକ ଆଶାୟୀ ଏହି କାର୍ଯ୍ୟରେ ଯୋଗଦେଇ ନାମଲେଖା ପ୍ରକ୍ରିୟା ଏବଂ ବିଦେଶରେ ଥିବା ବିଶ୍ୱବିଦ୍ୟାଳୟଗୁଡିକରେ ଅଧ୍ୟୟନର ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ମୂଲ୍ୟବାନ ଜ୍ଞାନ ଆହରଣ କରିଥିଲେ। ଏହି ଉତ୍ସବରେ ବିଶେଷଜ୍ଞମାନେ ଯୋଗଦେଇ ସେମାନଙ୍କ ଅଭିଜ୍ଞତା ଓ ଅନ୍ତର୍ନିହିତ ଜ୍ଞାନକୁ ବାଣ୍ଟିଥିଲେ। ଏଥିରେ ପ୍ରତିଷ୍ଠାନର ପରିଚାଳନା ନିର୍ଦ୍ଦେଶକ ଅବଦୁଲ ଜାହିରଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ପଥପ୍ରଦର୍ଶକ ଡ. ରାଜିକ୍ ମୀର୍ଜା ଉପସ୍ଥିତ ରହି ନିଜର ସାରଗର୍ଭକ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଆରାଇଜ୍ ମେଡିକାଲ ଏକାଡେମୀର ନିର୍ଦ୍ଦେଶକ ଡ. ମହମ୍ମଦ ଖଲିଲ୍ ଅହମ୍ମଦ ଯୋଗ ଦେଇଥିବାବେଳେ ମୁଖ୍ୟ ବକ୍ତା ଭାବେ ଅନନ୍ତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସ ଏଣ୍ଡ ରିସର୍ଚ୍ଚ ସେଣ୍ଟରର ସହକାରୀ ପ୍ରଫେସର ପ୍ରିୟାଂସ ଜୈନ ଯୋଗଦେଇ ନିଜର ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ।

# ଲାଗାଯିବ ୧କୋଟି ଗଛ

**ଭୁବନେଶ୍ୱର, ୨୧।୭ (ମହାଭାରତ):** ଓଡ଼ିଶାରେ ସବୁଜ ବଳୟ ସୃଷ୍ଟି, ଶୀତଳତା ପ୍ରଦାନ ମାଧ୍ୟମରେ ପୃଥିବୀକୁ ସୁରକ୍ଷିତ ରଖିବା ସହ ଜୀବଜଗତକୁ ସୁରକ୍ଷା ଦେବା ପାଇଁ ଇଗ୍ନାଇଟିଙ୍ଗ ମାଇଣ୍ଡସ୍, ପ୍ରେରଣା ଗ୍ରୀନ୍ ଆର୍ମି ଓ ଆଲାଟିକ୍ ଅନୁଷ୍ଠାନ ପକ୍ଷରୁ ଚଳିତବର୍ଷ ୧କୋଟି ବୃକ୍ଷ ବିଭିନ୍ନ ସ୍ଥାନରେ ରୋପଣ କରାଯିବ। ରବିବାର ଓଡ଼ିଶା ବିଧାନସଭାର ବାଚସ୍ପତି ଶ୍ରୀମତୀ ସୁରମା ପାଢୀ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି କହିଲେ ଯେ, ପ୍ରଧାନମନ୍ତ୍ରୀ ମା' ପାଇଁ ଗଛଟିଏ ଲଗାଇବା ପାଇଁ ଆହ୍ୱାନ ଦେଇଛନ୍ତି। ଏହାଦ୍ୱାରା ନିଜ ମା' ସୁରକ୍ଷିତ ରହିବା ସହିତ ପୃଥିବୀ ମା' ମଧ୍ୟ ସୁରକ୍ଷିତ ରହିବ। ଯାହଦ୍ୱାରା ପୃଥିବୀପୃଷ୍ଠରେ ଥିବା ସମସ୍ତ ଜୀବଜଗତ ସୁରକ୍ଷିତ ରହିବେ। ଶ୍ରୀମତୀ ପାଢୀ ବୃକ୍ଷରୋପଣ କରିବା ପରେ ପ୍ରେରଣା ଗ୍ରୀନ୍ ଆର୍ମିର କମାଣ୍ଡା ଇନ୍ ଚିଫ୍ ଡକ୍ଟର ଦିଲ୍ଲୀପ ଶ୍ରୀଚନ୍ଦନଙ୍କ ସଭାପତିରେ ସ୍ଥାନୀୟ ଆଇଆରସି ଭିଲେଜ ଉଚ୍ଚ ବିଦ୍ୟାଳୟ ପରିସରରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ସଭାପତିତ୍ୱ କରି ଡକ୍ଟର ଶ୍ରୀଚନ୍ଦନ କହିଲେ, ସ୍କୁଲ୍, କଲେଜ ଆଦି ସ୍ଥାନରେ ଛାତ୍ରଛାତ୍ରୀମାନଙ୍କ ମାଧ୍ୟମରେ ଓଡ଼ିଶାରେ ସବୁଜ ବଳୟ ସୃଷ୍ଟି କରି ପରିବେଶରେ ସନ୍ତୁଳନ ରକ୍ଷା କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ। କାର୍ଯ୍ୟକ୍ରମ ଆରମ୍ଭରେ ଇଗ୍ନାଇଟିଙ୍ଗ ମାଇଣ୍ଡସ୍ ସଂଗଠନର ପାଟ୍ରୋନ ପ୍ରଫେସର ପ୍ରଫୁଲ୍ଲ କୁମାର ଧଳ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ଦେଇ ଓଡ଼ିଶାର ସାମ୍ପ୍ରତିକ ପରିବେଶର ସ୍ଥିତି ସମ୍ପର୍କରେ ମତବ୍ୟକ୍ତ କରିଥିଲେ।

# ବିଧାନସଭା ଅଧିବେଶନ ପାଇଁ ତ୍ରିସ୍ତରୀୟ ସୁରକ୍ଷା

**ଭୁବନେଶ୍ୱର, ୨୧।୭ (ମହାଭାରତ):** ଆସନ୍ତା କାଲି ଠାରୁ ରୁ ଆରମ୍ଭ ହେଉଥିବା ୧୭ ତମ ଓଡିଶା ବିଧାନସଭାର ପ୍ରଥମ ଅଧିବେଶନ ପାଇଁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଛି।



ବିଧାନସଭା ତଥା ଏହାର ଆଖପାଖରେ ଓଡିଶା ପୋଲିସ ଏକ ତିନି ସ୍ତରୀୟ ସୁରକ୍ଷା ସୁରକ୍ଷା ବ୍ୟବସ୍ଥା କରିଛି। ସୁରକ୍ଷା ଉଦ୍ଦେଶ୍ୟରେ ପ୍ରାୟ ୩୦ ପ୍ଲାଟୁନ୍ ପୋଲିସ୍ ଫୋର୍ସ ମୁତୟନ କରାଯାଇଛି। ଏହା ବ୍ୟତୀତ ବୋମା ସ୍କ୍ୱାର୍ଡ, କୁକୁର ସ୍କ୍ୱାର୍ଡ ଷ୍ଟ୍ରାଇକ୍ ଫୋର୍ସ ଏବଂ ଏସଓଜି ଜବାନ ମାନେ ମଧ୍ୟ ନିୟୋଜିତ ହୋଇଛନ୍ତି। ସମଗ୍ର ବିଧାନସଭା ପରିସରକୁ ସିସିଟିଭି ନଜରରେ ରଖାଯାଇଛି।

ମାଷ୍ଟର କ୍ୟାଂଟିନ ଏବଂ ଲୋୟର ପିଏମଜିରେ ବିରୋଧ ପ୍ରଦର୍ଶନ କରୁଥିବା ସ୍ଥାନଗୁଡିକ ସିସିଟିଭି ନଜରରେ ରଖାଯାଇଛି। ବିକ୍ଷୋଭକାରୀଙ୍କୁ ବିଧାନସଭା ପରିସରରେ ପ୍ରବେଶ ନକରିବାକୁ ତିନିଟି ବ୍ୟାରିକେଡ୍ ରଖାଯାଇଛି। ଏହା ବ୍ୟତୀତ ବିଧାନସଭା ପରିସରରେ ବ୍ୟାରିକେଡ୍ ମଧ୍ୟ ରଖାଯାଇଛି। ବିଧାନସଭାର ପ୍ରବେଶ ପଏଂଟରେ ସଶସ୍ତ୍ର ବାହିନୀ ମୁତୟନ କରାଯାଇଛି।

# ଇଣ୍ଡିଆ ମୋବାଇଲ୍ କଂଗ୍ରେସ ଥିମ୍ 'ଦି ଫ୍ୟୁଚର ଇଜ୍ ନାଓ' ଉନ୍ମୋଚିତ

**ଭୁବନେଶ୍ୱର, ୨୧।୭ (ମହାଭାରତ):** ଇଣ୍ଡିଆ ମୋବାଇଲ୍ କଂଗ୍ରେସ ୨୦୨୪ର ଥିମ୍ 'ଦି ଫ୍ୟୁଚର ଇଜ୍ ନାଓ' କୁ ଆଜି ନୂଆଦିଲ୍ଲୀଠାରେ ଉତର ପୂର୍ବାଂଚଳର ଯୋଗାଯୋଗ ଓ ବିକାଶ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ଏମ୍ ସିନ୍ଧିଆ ଉନ୍ମୋଚନ କରିଛନ୍ତି ଏହି ବିଷୟବସ୍ତୁ ସୂଚିତ କରେ ଯେ ଭାରତ କିପରି ବୈଷୟିକ ବିକାଶର କେନ୍ଦ୍ରରେ ଛିଡ଼ା ହୋଇଛି ଏବଂ ଆଇଏମସି ୨୦୨୪ ବିଶ୍ୱସ୍ତରୀୟ ନେତା – ଦୂରଦର୍ଶୀ, ଅଗ୍ରଣୀ ଏବଂ ଉଦ୍ଭାବକମାନଙ୍କୁ ଏକାଠି କରି ଆଜି ଆମ ବିଶ୍ୱକୁ ପରିବର୍ତ୍ତନ କରୁଥିବା ପ୍ରଯୁକ୍ତିବିଦ୍ୟାକୁ ସହଯୋଗ ଏବଂ ସକ୍ରିୟ ଭାବରେ ଆକାର ଦେଉଛି, ଯେଉଁଠାରେ ଭବିଷ୍ୟତ କେବଳ ଏକ ଧାରଣା ନୁହେଁ – ଏହା ଘଟୁଛି । ଉତର ପୂର୍ବାଂଚଳର ଯୋଗାଯୋଗ ଏବଂ ବିକାଶ ମନ୍ତ୍ରୀ ଶ୍ରୀ ଜ୍ୟୋତିରାଦିତ୍ୟ ଏମ୍ ସିନ୍ଧିଆ ପଞ୍ଜୀକରଣ ପାଇଁ ଭାରତୀୟ ମୋବାଇଲ୍ କଂଗ୍ରେସ ୨୦୨୪ ଆପ୍ଲିକେସନ୍ ଏବଂ ୱେବସାଇଟ୍‌ର ଶୁଭାରମ୍ଭ କରିଛନ୍ତି। ଶ୍ରୀ ଜ୍ୟୋତିରାଦିତ୍ୟ ଏମ୍ ସିନ୍ଧିଆଙ୍କ ପ୍ରଥମ ପଞ୍ଜୀକରଣ ଏବଂ ମୁଖ୍ୟ ଭାଷଣ ସହିତ ଭାରତୀୟ ମୋବାଇଲ୍ କଂଗ୍ରେସ ପ୍ରତିନିଧି, ପର୍ଯ୍ୟଟକ, ଏକାଡେମିଆ/କଲେଜ, ସରକାରୀ ଏବଂ ଗଣମାଧ୍ୟମ ପାଇଁ ପଞ୍ଜୀକରଣ ଖୋଲିବାକୁ ଘୋଷଣା କରିଛି।

ଯୋଗାଯୋଗ ମନ୍ତ୍ରୀ ଆଇଏମସିକୁ ଏକ ବିଶ୍ୱସ୍ତରୀୟ ମେଲଟିଂ ପଏଟ୍ ଭାବରେ ଅଭିହିତ କରିଥିଲେ ଏବଂ ଆଗାମୀ ଦିନରେ ଭାରତକୁ ଏଭଳି ଘଟଣାର କେନ୍ଦ୍ରବିନ୍ଦୁରେ ଦେଖିବାକୁ ଆଶା ବ୍ୟକ୍ତ କରିଥିଲେ । ସେ କହିଥିଲେ ଯେ 'ଭବିଷ୍ୟତ ବର୍ତମାନ' ବିଷୟବସ୍ତୁ ଆମର ସାମର୍ଥ୍ୟ, ଆମର ସଫଳତା ଏବଂ ଭବିଷ୍ୟତର ସମ୍ଭାବନାକୁ ପ୍ରତିନିଧିତ୍ୱ କରେ । ଗତ ୧୦ବର୍ଷ ମଧ୍ୟରେ ଟେଲିକମ୍ କ୍ଷେତ୍ରରେ ହୋଇଥିବା ବୈପ୍ଳବିକ ପରିବର୍ତନ ଉପରେ ଆଲୋକପାତ କରି ସେ କହିଥିଲେ ଯେ ଭାରତ ଟେକ୍ନୋଲୋଜିର ଉପଭୋକ୍ତାରୁ ବର୍ତ୍ତମାନ ପ୍ରଯୁକ୍ତିର ଯୋଗାଣକାରୀରେ ପରିଣତ ହୋଇଛି। ଟେଲିକମ୍ ଆକ୍ଟ ୨୦୨୩, ପିଏଲଆଇ ସ୍କିମ୍, ଦ୍ରୁତତମ ୫ଜି ରୋଲଆଉଟ୍ ଭଳି ବିଭିନ୍ନ ଟେଲିକମ୍ ହସ୍ତକ୍ଷେପକୁ ସେ ପ୍ରଶଂସା କରିବା ସହ ଆଗାମୀ ୧୮୦ ଦିନ ମଧ୍ୟରେ ଟେଲିକମ୍ ଆକ୍ଟ ୨୦୨୩ର ନିୟମ ବିଜ୍ଞପ୍ତି ପ୍ରକାଶ ପାଇବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

# ଏକାମ୍ର ନିର୍ବାଚନ ମଣ୍ଡଳୀରେ ବିଭିନ୍ନ ପ୍ରକଳ୍ପର ଭିତ୍ତି ପ୍ରସ୍ତର

**ଭୁବନେଶ୍ୱର, ୨୧।୭ (ମହାଭାରତ):** ସର୍ବଦା ଅବହେଳିତ ଓ ବିକାଶ ଠାରୁ ଦୂରରେ ଥିବା ଏକାମ୍ର କ୍ଷେତ୍ର ଏବେ ନୂଆ ବିଧାୟକ ଙ୍କ ନେତୃତ୍ୱରେ ବିକାଶ ପଥରେ ଅଗ୍ରସର ହେଉଛି। ନୂତନ ଭାବେ ନିର୍ବାଚିତ ବିଧାୟକ ବାବୁ ସିଂ ପ୍ରତିଦିନ ନିଜ କାର୍ଯ୍ୟାଳୟରେ ଲୋକଙ୍କ ଅଭିଯୋଗ ଶୁଣିବା ସହିତ ବିଭିନ୍ନ ୱାର୍ଡ଼ ଓ ପଞ୍ଚାୟତ ବୁଲି ଲୋକଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରି ସମାଧାନ ପାଇଁ ପ୍ରୟାସ ଆରମ୍ଭ କରୁଛନ୍ତି। ଆଜି ଏକାମ୍ର ରେ ନୂଆ ବିଧାୟକ ବିଭିନ୍ନ ସ୍ଥାନରେ ନୂତନ ପ୍ରକଳ୍ପ ର ଭିତ୍ତି ପ୍ରସ୍ତର ଦେବା ସମୟରେ ଏକ ରୋଚକ ପୂର୍ଣ୍ଣ ଦୃଶ୍ୟ ଦେଖିବାକୁ ମିଳିଥିଲା।ଭିତ୍ତି ପ୍ରସ୍ତର ଓ ଶୁଭାରମ୍ଭ ଫଳକରେ ନିଜ ନାମ ବଦଳରେ କେବଳ ଏକାମ୍ର ବିଧାୟକ ଲେଖି ଭିନ୍ନ ଉଦାହରଣ ସୃଷ୍ଟି କରିଥିଲେ ବିଧାୟକ ବାବୁ ସିଂ। ଏହା ତାଙ୍କର ସରଳତାର ନିଛକ ଚିତ୍ରଣ ବୋଲି ଲୋକେ କୁହା କୁହି ହେଉଥିଲେ।ଆଜି



ଭୁବନେଶ୍ୱର ମହାନଗର ନିଗମର ୱାର୍ଡ଼ ନଂ ୬୭ ସୁନ୍ଦରପଦା କପିଳପ୍ରସାଦ ଅଞ୍ଚଳରେ ବିଭିନ୍ନ ପ୍ରକଳ୍ପର ଭିତ୍ତି ପ୍ରସ୍ତର ଓ ଶୁଭାରମ୍ଭ କରିଛନ୍ତି ଏକାମ୍ର ବିଧାୟକ ବାବୁ ସିଂ। ସୁନ୍ଦରପଦା ହରିଆ ଛକ ଠାରୁ ଦୁର୍ଗା ମଣ୍ଡପ ଓ ପାଲା ମଣ୍ଡପ ଠାରୁ ଷଣ୍ଢ କ୍ଲବ ପର୍ଯ୍ୟନ୍ତ କଂକ୍ରିଟ ରାସ୍ତାର ଭିତ୍ତି ପ୍ରସ୍ତର କରାଯାଇଛି।ସୁନ୍ଦରପଦା ପାଲା ମଣ୍ଡପ ଠାରୁ ଆର୍ପିତ ଆପାର୍ଟମେଂଟ ଭାୟା ଭୋଇ ସାହି ବିମଳା ମନ୍ଦିର ପର୍ଯ୍ୟନ୍ତ,ଗୋଲଖ ଚନ୍ଦ୍ର ପ୍ରଧାନ ଘର ଠାରୁ ସୂର୍ଯ୍ୟ ଟ୍ରେଡିଙ୍ଗ ପର୍ଯ୍ୟନ୍ତ କଂକ୍ରିଟ୍ ନାଳ ନିର୍ମାଣ।ଏହା ସହ ଗୋଖିବାବା କମ୍ୟୁନିଟି ହଲ ,ଭଟ୍ଟ ସାହି କମ୍ୟୁନିଟି ହଲର ଉଦଘାଟନ କରାଯାଇଛି। ଏହା ସହ ଗୋଖିବାବା ମନ୍ଦିରରୁ ତ୍ରିନାଥ ମନ୍ଦିର ପର୍ଯ୍ୟନ୍ତ ଫେବର ବ୍ଲକ ରାସ୍ତାର ଭିତ୍ତି ପ୍ରସ୍ତର କରାଯାଇଛି।ଏସବୁ ପ୍ରକଳ୍ପର ମୁଲ୍ୟ ପ୍ରାୟ ଦେଢ କୋଟି ରୁ ଉର୍ଦ୍ଧ ହେବ। ଏହି ଅବସରରେ ବିଧାୟକ ବାବୁ ସିଂ କହିଛନ୍ତି ଯେ,ନିର୍ବାଚନରେ ଲୋକଙ୍କୁ ପ୍ରତିଶ୍ରୁତି ଦେଇଥିଲୁ ଆଉ ଏବେ ଲୋକଙ୍କ ପାଇଁ କାମ କରୁଛୁ। ଭୋଟର ଆମକୁ ଜନ ପ୍ରତିନିଧୀ ଭାବେ ନିର୍ବାଚିତ କଲା ପରେ ଲୋକଙ୍କ ସମସ୍ୟା ସମାଧାନ କରିବାକୁ ପ୍ରାଥମିକତା ଦେଇଛୁ।

ଏହି ଅବସରରେ ଭୁବନେଶ୍ୱର ମହାନଗର ନିଗମ ମେୟର ସୁଲୋଚନା ଦାସ,ୱାର୍ଡ ନମ୍ବର ୬୭ ର କର୍ପୋରେଟର ମଧୁସ୍ମିତା ପ୍ରଧାନ, ଲିଙ୍ଗରାଜ ମଣ୍ଡଳ ସଭାପତି ସୁରେନ୍ଦ୍ର ପ୍ରଧାନ, କର୍ପୋରେଟର ରାମ ଚନ୍ଦ୍ର ରଣସିଂହ ପ୍ରମୁଖ ଉପସ୍ଥିତ ଥିଲେ।

# ଆଲମଣ୍ଡ ସେବନ ଦ୍ୱାରା ବିଭିନ୍ନ ରୋଗ ଦୂର ହୋଇଥାଏ

**ଭୁବନେଶ୍ୱର, ୨୧।୭ (ମହାଭାରତ):** ମୌସୁମୀ ଋତୁର ଆରମ୍ଭ ପ୍ରଚଣ୍ଡ ଗ୍ରୀଷ୍ମର ନିଦାଘ ଉତାପରୁ ବହୁ ପ୍ରତୀକ୍ଷିତ ମୁକ୍ତି ମିଳିଥାଏ କିନ୍ତୁ ପାଣିପାଗ ପରିବର୍ତନ ତଥା ଅନବରତ ବର୍ଷା ଯୋଗୁଁ, ଡ଼େଙ୍ଗୁ, ଟାଇଫଏଡ଼, ଗ୍ୟାସ ଜନିତ ସଂକ୍ରମଣ, ଶ୍ୱାସ ପ୍ରଶ୍ୱାସ ଜନିତ ଅସୁବିଧା ତଥା ଚର୍ମ ରୋଗ ଭଳି ବିଭିନ୍ନ ପ୍ରସଙ୍ଗର ଅଭିଜ୍ଞତା ଲୋକମାନେ ପାଇଥାନ୍ତି। ପୌଷ୍ଟିକତାରେ ଭରପୂର ଖାଦ୍ୟ ଯେପରିକି ଆଲମଣ୍ଡ, ତଟକା ଫଳ ତଥା ଋତୁକାଳୀନ ପନିପରିବା ପ୍ରଚୁରମାତ୍ରାରେ ଦୈନିକ ଖାଦ୍ୟରେ ସାମିଲ କରିବାକୁ ଡ଼କ୍ଟର ରୋହିଣୀ ପାଟିଲ, ଏମବିବିଏସ ତଥା ପୌଷ୍ଟିକ ବିଶେଷଜ୍ଞ ଉପଦେଶ ପ୍ରଦାନ କରିଛନ୍ତି। ସେ ଆହୁରି ମଧ୍ୟ ଉଲ୍ଲେଖ କରିଛନ୍ତି ଯେ, ଏସବୁ ଖାଦ୍ୟରେ ଆବଶ୍ୟକୀୟ ପୌଷ୍ଟିକତା ତତ୍ୱ ଭରି ରହିଥାଏ।

ମହାଭାରତ
# ସାରାଂଶ
ଚଳନ୍ତି ସମୟର ଅବଶିଷ୍ଟାଂଶ



## ନେତୃତ୍ୱରେ ବିକାଶ

ବିଜେପି ଯାହା ଚାହୁଁଥିଲା ଯେ ରାଜ୍ୟରେ ଡବଲ ଇଞ୍ଜିନ ସରକାର ପ୍ରତିଷ୍ଠା ହେଉ ବୋଲି ଏଥର ତାହା ହିଁ ହୋଇଛି। ଉଭୟ କେନ୍ଦ୍ର ଏବଂ ରାଜ୍ୟରେ ବିଜେପି କ୍ଷମତାସୀନ ହୋଇଛି। ତେଣୁ ସ୍ୱାଭାବିକ ଭାବେ ସମସ୍ତେ ଆଶା କରିବେ ଯେ ଏଥର ଓଡ଼ିଶାର ବିକାଶ ପ୍ରକ୍ରିୟା ତ୍ୱରାନ୍ୱିତ ହେବ। ବିଜେପି ରାଜ୍ୟ ବିଧାନସଭା ନିର୍ବାଚନରେ ସଂଖ୍ୟାଗରିଷ୍ଠତା ହାସଲ କରିବା ପରେ ପ୍ରଶ୍ନ ଉଠିଥିଲା ଯେ, କିଏ ହେବେ ମୁଖ୍ୟମନ୍ତ୍ରୀ, କିଏ ରାଜ୍ୟରେ ପ୍ରଥମ ବିଜେପି ସରକାରର ନେତୃତ୍ୱ ନେବ। ଏଥିପାଇଁ ଅନେକ ସମ୍ଭାବ୍ୟ ପ୍ରାର୍ଥୀଙ୍କ ନାମ ବିଚାରକୁ ଆସିଥିଲା। ଲପରିକି ବିଧାୟକ ଦଳ ବାହାରୁ କାହାରିକୁ ମୁଖ୍ୟମନ୍ତ୍ରୀ କରାଯାଇପାରେ ବୋଲି ବିଚାର ଆଲୋଚନା ହେଉଥିଲା। କିନ୍ତୁ ବିଜେପି କେନ୍ଦ୍ରୀୟ ନେତୃତ୍ୱ ବହୁ ବିଚାର ବିମର୍ଶ କରି ମୋହନ ଚରଣ ମାଝୀଙ୍କୁ ମୁଖ୍ୟମନ୍ତ୍ରୀ କରିବା ଲାଗି ନିଷ୍ପତ୍ତି ନେଲା। ଆଦିବାସୀ ସମ୍ପ୍ରଦାୟର ପ୍ରତିନିଧିତ୍ୱ କରୁଥିବା ମୋହନ ଚରଣ ମାଝୀ ଚତୁର୍ଥ ଥର ପାଇଁ ବିଧାନସଭାକୁ ନିର୍ବାଚିତ ହୋଇଛନ୍ତି। ସେ ଜଣେ ତୃଣମୂଳ ସ୍ତରର କର୍ମୀ। ଶିକ୍ଷକତାରୁ ଆରମ୍ଭ କରି ସରପଞ୍ଚ ରୁ ନିଜ ରାଜନୈତିକ ଜୀବନ ଆରମ୍ଭ କରିଥିବା ମୋହନ ଚରଣ ମାଝୀ ଜଣେ ନିର୍ବିବାଦୀୟ ବ୍ୟକ୍ତି। ତେଣୁ ବିଜେପି ହାଇକମାଣ୍ଡ ନେତୃତ୍ୱର ଡୋରୀ ହସ୍ତାନ୍ତର କଲା। ତାଙ୍କୁ ସହାୟତା ଏବଂ ସହଯୋଗ ନିମନ୍ତେ ଦୁଇଜଣ ଉପ-ମୁଖ୍ୟମନ୍ତ୍ରୀଙ୍କୁ ନିଯୁକ୍ତ କରାଯାଇଛି। ସେମାନେ ଦୁଇଜଣ ହେଲେ ପୂର୍ବତନ ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଏବଂ ବିଜେପି ରାଜ୍ୟ ମହିଳା ମୋର୍ଚ୍ଚାର ପୂର୍ବତନ ସଭାନେତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା। କନକ ବର୍ଦ୍ଧନ ଜଣେ ଅଭିଜ୍ଞ ଏବଂ ଦକ୍ଷ ନେତା। ତେଣୁ ତାଙ୍କୁ ଉପ-ମୁଖ୍ୟମନ୍ତ୍ରୀ କରାଯାଇଛି। ସେ ନିଜ ଅଭିଜ୍ଞତାକୁ କାମରେ ଲଗାଇବେ ଏବଂ ମୁଖ୍ୟମନ୍ତ୍ରୀଙ୍କୁ ସହାୟତା କରିବେ ବୋଲି ଆଶା। ପ୍ରଭାତୀ ପରିଡ଼ା ପ୍ରଥମ ଥର ପାଇଁ ବିଧାନସଭାକୁ ନିର୍ବାଚିତ ହୋଇଥିଲେ ମଧ୍ୟ ତାଙ୍କୁ ମହିଳାଙ୍କ ପ୍ରତିନିଧି ଭାବେ ଉପ-ମୁଖ୍ୟମନ୍ତ୍ରୀ କରାଯାଇଛି। ସେ ମଧ୍ୟ ଉପକୂଳ ଓଡ଼ିଶାରୁ ନିର୍ବାଚିତ ହୋଇଛନ୍ତି। ଏବେ ମୁଖ୍ୟମନ୍ତ୍ରୀ ଓ ଦୁଇ ଉପ-ମୁଖ୍ୟମନ୍ତ୍ରୀ ଯୁଆଡ଼େ ଯାଉଛନ୍ତି ସାଙ୍ଗ ହୋଇ ଯାଉଛନ୍ତି। ତିନିଜଣ ଯାକ ଏକାଠି ଦିଲ୍ଲୀ ଗଲେ ଏବଂ ପ୍ରଧାନମନ୍ତ୍ରୀଙ୍କ ସମେତ ବହୁ କେନ୍ଦ୍ରମନ୍ତ୍ରୀଙ୍କୁ ସାକ୍ଷାତ କରି ଓଡ଼ିଶାର ବିକାଶ ସମ୍ପର୍କରେ ଆଲୋଚନା କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଆଶା ଏବଂ ଭରସା କରି ଓଡ଼ିଶାବାସୀ ବିଜେପିକୁ ରାଜ୍ୟରେ କ୍ଷମତାସୀନ କରାଇଛନ୍ତି। ମୋହନ ଚରଣ ମାଝୀ ମୁଖ୍ୟମନ୍ତ୍ରୀ ହେବେ ବୋଲି ରାଜ୍ୟବାସୀ ବିଜେପିକୁ ଭୋଟ ଦେଇ ନାହାଁନ୍ତି। ତେଣୁ ଏବେ କେନ୍ଦ୍ର ସରକାର ବିଶେଷ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦାୟିତ୍ୱ ଏବଂ କର୍ତ୍ତବ୍ୟ ହେଲା ରାଜ୍ୟର ବିକାଶ ନିମନ୍ତେ ସବୁ ପ୍ରକାର ସହାୟତା ଓ ସହଯୋଗ ପ୍ରଦାନ କରିବା। ଓଡ଼ିଶାରୁ କେନ୍ଦ୍ରରେ ତିନିଜଣ କ୍ୟାବିନେଟ ମନ୍ତ୍ରୀ ପାହ୍ୟା ପାଇଛନ୍ତି। ଲୋକସଭାରେ ଓଡ଼ିଶାରୁ ବିଜେପିର ୨୦ଜଣ ଟାଣୁଆ ନେତା ବା ନେତ୍ରୀ ଅଛନ୍ତି। ରାଜ୍ୟର ବିକାଶରେ ସେମାନଙ୍କର ମଧ୍ୟ ଭୂମିକା ରହିଛି। କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓଡ଼ିଶାରୁ ରାଜ୍ୟସଭାକୁ ନିର୍ବାଚିତ ହୋଇଛନ୍ତି। ତାଙ୍କ ସମୟରେ ଓଡ଼ିଶାରେ ରେଳବିକାଶ ତ୍ୱରାନ୍ୱିତ ହୋଇଛି। ଏବେ ତାଙ୍କ ଦାୟିତ୍ୱ ଅଧିକ ବଢ଼ିଯାଇଛି। ଓଡ଼ିଶାର ବିକାଶରେ ରେଳବାଇର ବିକାଶ ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ଆଶା କରାଯାଉଛି ଓଡ଼ିଶାବାସୀଙ୍କ ସମର୍ଥନ ପ୍ରତିବଦଳରେ ରେଳବାଇ ମନ୍ତ୍ରୀ ଓଡ଼ିଶାକୁ ଉଚିତ ପ୍ରାପ୍ୟ ପ୍ରଧାନ କରିବେ। ଦିଲ୍ଲୀ ଗସ୍ତ କାଳରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଦୁଇ ଉପମୁଖ୍ୟମନ୍ତ୍ରୀ କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନୀତିନ ଗଡ଼କରି, ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ପ୍ରମୁଖଙ୍କୁ ଭେଟି ଓଡ଼ିଶାର ବିକାଶରେ ସେମାନଙ୍କ ସହଯୋଗ ଲୋଡ଼ିଛନ୍ତି।

## ୮୭ ବର୍ଷରେ ଓଡ଼ିଶା: ଆମେ କେଉଁଠି ?

॥ ଡ. ସୁନୀତି ମୁଣ୍ଡ ॥

*ଦ୍ୱିତୀୟରେ ଆସୁଛି କୃଷି। ଆମେ ସମସ୍ତେ ଜାଣିଛେ, ଆମ ରାଜ୍ୟ ସମୁଦ୍ର ଉପକୂଳବର୍ତ୍ତୀ ଏବଂ ଏହା ସାମ୍ପ୍ରତିକ ସମୟରେ ପ୍ରତିବର୍ଷ ଏକାଧିକ ଥର ପ୍ରତିକୂଳ ପାଗ ପରିସ୍ଥିତି, ଝଡବାତ୍ୟା ଆଦିର ସମ୍ମୁଖୀନ ହେଉଛି। ଏହାର ସିଧାସଳଖ ପ୍ରଭାବ କୃଷିକ୍ଷେତ୍ର ଉପରେ ପଡୁଛି। କୃଷି ପାଇଁ ମୁଖ୍ୟ ଆବଶ୍ୟକତା ହେଉଛି ଜଳସେଚନ। କିନ୍ତୁ ଆମେ ଏବେ ବି ଚାଷ ପାଇଁ ମୌସୁମୀ ବର୍ଷା ଉପରେ ନିର୍ଭର କରୁଛୁ। ତାହା ପ୍ରତିବର୍ଷ ଅନିୟମିତ ହେବାରେ ଲାଗିଛି। କୃଷି ଉତ୍ପାଦନ ବୃଦ୍ଧିପାଇଁ ଆମେ ହାଇବ୍ରିଡ ବିହନ ସହିତ ରାସାୟନିକ ସାର ଓ କୀଟନାଶକ ବହୁ ଭାବରେ ଜମିରେ ପ୍ରୟୋଗ କରିଚାଲିଛେ।*

ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ଗଠନର ୮୭ ବର୍ଷପରେ ଆମେ ଯେତେବେଳେ ଏହା କେତେଦୂର ବିକାଶ କରିଛି ପ୍ରସଙ୍ଗ ଉପରେ ଆଲୋଚନା କରୁଛେ, ତେବେ ଏଠି ଧରିନେବାକୁ ହେବ ଯେ ଏଯାଏ ଆମେ ଆମର ଆକାଂକ୍ଷିତ ବିକାଶର ଚିତ୍ର ଦେଖିନାହୁଁ। ତାହା ନହେଲେ ଆଜି ଆମେ ୮୭ ବର୍ଷ ଓଡ଼ିଶାରେ ବିକାଶ କଥା ସିଧାସଳଖ ଆଲୋଚନା କରୁଥାନ୍ତେ। ଏକଥା ମଧ୍ୟ ସମ୍ପୂର୍ଣ୍ଣ ଭାବରେ ଅସ୍ୱୀକାର କରିହେବ ନାହିଁ ଯେ ରାଜ୍ୟର ବିକାଶ ହୋଇନାହିଁ, କିନ୍ତୁ ଏହାକୁ ଆକାଂକ୍ଷିତ ବିକାଶ କୁହାଯାଇପାରିବ ନାହିଁ। ଏହାର କାରଣ ଏକାଧିକ ହୋଇପାରେ। ରାଜନୈତିକ, ସାମାଜିକ, ଅର୍ଥନୈତିକ, ଶିକ୍ଷାଗତ ଆଦି ବିଭିନ୍ନ କାରଣ ରହିଛି ବୋଲି କୁହାଯାଇପାରିବ। ସ୍ୱାଧୀନତାଠାରୁ ଆଜି ପର୍ଯ୍ୟନ୍ତ ଦେଖିଲେ କଂଗ୍ରେସ ଅଧିକ ବର୍ଷ ଶାସନ କ୍ଷମତାରେ ରହିଥିବାବେଳେ ଏବେ କ୍ରମାଗତ ପ୍ରାୟ ୨୪ବର୍ଷ ଧରି ବିଜେଡି କ୍ଷମତାରେ ରହିଛି। ହରେକୃଷ୍ଣ ମହତାବ, ବିଜୁ ପଟନାୟକ, ରାଜେନ୍ଦ୍ର ନାରାୟଣ ସିଂହଦେଓ, ବିଶ୍ୱନାଥ ଦାସ, ନନ୍ଦିନୀ ଶତପଥୀ, ଜାନକୀ ବଲ୍ଲଭ ପଟନାୟକଙ୍କ ଭଳି ରାଜନୀତିରେ ଅଭିଜ୍ଞ, ଦୂରଦର୍ଶୀ ନେତୃବୃନ୍ଦ ଓଡ଼ିଶାର ଶାସନ ଭାର ସମ୍ଭାଳିଛନ୍ତି। ଏବେ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟନାୟକ ରାଜ୍ୟ ଶାସନ ଦାୟିତ୍ୱରେ ଅଛନ୍ତି।

ଓଡ଼ିଶା କଥା ବିଚାରକଲେ ଏହାର ସମ୍ବଳ ହେଉଛି କୃଷି ଓ ଖଣିଜ ପଦାର୍ଥ। ଦୀର୍ଘବର୍ଷ ଧରି ଆମ ରାଜ୍ୟରୁ କୋଟି କୋଟି ଟନ୍ ଲୁହାପଥର, କୋଇଲା, ମାଙ୍ଗାନିଜ ଆଦି ଖଣିଜ ପଦାର୍ଥ ବିଦେଶକୁ ଶାଗମାଛ ଦରରେ ରପ୍ତାନି କରାଯାଇଛି। ତାହାର ଉପଯୋଗିତା ନିମନ୍ତେ ଆମ ରାଜ୍ୟରେ ଶିଳ୍ପ ପ୍ରତିଷ୍ଠା କରାଯାଇନଥିଲା। ଏବେ ସେହି ସମସ୍ୟା ଦୂର ହୋଇଛି। ଧାତୁ ପଥରରୁ ଧାତୁ ନିଷ୍କାସନ ନିମନ୍ତେ ଆମ ରାଜ୍ୟରେ ଏକାଧିକ ବୃହତ୍ ଶିଳ୍ପ ସ୍ଥାପନ ହୋଇଛି। କିନ୍ତୁ ତାହାକୁ ଉପଯୋଗ କରି ମୂଲ୍ୟଯୁକ୍ତ ପଦାର୍ଥ ତିଆରି ଶିଳ୍ପ ଆମ ରାଜ୍ୟରେ ନାହିଁ। ଗୋଟିଏ ଲୁହା କାରଖାନା ବା ଆଲୁମିନିୟମ ସ୍ମେଲ୍ଟର ଓ ବିଶୋଧନାଗାରରୁ ଉତ୍ପାଦିତ ଧାତୁକୁ ଉପଯୋଗ କରି ଶତାଧିକ କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ସ୍ଥାପନ କରାଯାଇପାରିବ, ଯାହା ୮୭ ବର୍ଷର ଓଡ଼ିଶାରେ ସମ୍ଭବ ହୋଇନାହିଁ। ପାରାଦୀପରେ ତୈଳ ବିଶୋଧନାଗାର ମଧ୍ୟ ସ୍ଥାପିତ ହୋଇଛି। କିନ୍ତୁ ପେଟ୍ରୋଲିୟମ ବିଶୋଧନ ପରେ ପ୍ରସ୍ତୁତ କରାଯାଉଥିବା ପ୍ଲାଷ୍ଟିକ ଏବଂ ସେଥିରୁ ତିଆରି ହେଉଥିବା ସାମାନ୍ୟ ବୋତାମ, ଲୁହାରୁ ପ୍ରସ୍ତୁତ ଛୁଂଚି ଉପରେ ମଧ୍ୟ ଆମକୁ ଅନ୍ୟ ରାଜ୍ୟ ଉପରେ ନିର୍ଭର କରିବାକୁ ପଡୁଛି। ବୃହତ ଶିଳ୍ପ ବା କାରଖାନାରେ ନିଯୁକ୍ତ କର୍ମଚାରୀଙ୍କ ମଧ୍ୟରୁ ଅଧିକାଂଶ ହେଉଛନ୍ତି ରାଜ୍ୟ ବାହାରର। ଅଥଚ ଆନୁଷଙ୍ଗିକ ଶିଳ୍ପ ସ୍ଥାପନ ହେଲେ ସେଥିରେ ଅନେକ ସଂଖ୍ୟାରେ ସ୍ଥାନୀୟ ଯୁବକ ଯୁବତୀ ନିଯୁକ୍ତି ପାଇପାରନ୍ତେ। ଯାହା ସେମାନଙ୍କ ପରିବାର ପାଇଁ ଆର୍ଥିକ ସ୍ୱଚ୍ଛଳତା ଆଣିବା ସହିତ ରାଜ୍ୟର ଅର୍ଥନୈତିକ, ସାମାଜିକ ଆଦି ସବୁକ୍ଷେତ୍ରରେ ବିକାଶ ଘଟାଇପାରନ୍ତା। ଏ କ୍ଷେତ୍ରରେ ଗମ୍ଭୀରତାର ସହିତ ଚିନ୍ତା ଓ ଆଲୋଚନା କରିବାର ଆବଶ୍ୟକତା ରହିଛି।

ଦ୍ୱିତୀୟରେ ଆସୁଛି କୃଷି। ଆମେ ସମସ୍ତେ ଜାଣିଛେ, ଆମ ରାଜ୍ୟ ସମୁଦ୍ର ଉପକୂଳବର୍ତ୍ତୀ ଏବଂ ଏହା ସାମ୍ପ୍ରତିକ ସମୟରେ ପ୍ରତିବର୍ଷ ଏକାଧିକ ଥର ପ୍ରତିକୂଳ ପାଗ ପରିସ୍ଥିତି, ଝଡବାତ୍ୟା ଆଦିର ସମ୍ମୁଖୀନ ହେଉଛି। ଏହାର ସିଧାସଳଖ ପ୍ରଭାବ କୃଷିକ୍ଷେତ୍ର ଉପରେ ପଡୁଛି। କୃଷି ପାଇଁ ମୁଖ୍ୟ ଆବଶ୍ୟକତା ହେଉଛି ଜଳସେଚନ। କିନ୍ତୁ ଆମେ ଏବେ ବି ଚାଷ ପାଇଁ ମୌସୁମୀ ବର୍ଷା ଉପରେ ନିର୍ଭର କରୁଛୁ। ତାହା ପ୍ରତିବର୍ଷ ଅନିୟମିତ ହେବାରେ ଲାଗିଛି। କୃଷି ଉତ୍ପାଦନ ବୃଦ୍ଧିପାଇଁ ଆମେ ହାଇବ୍ରିଡ ବିହନ ସହିତ ରାସାୟନିକ ସାର ଓ କୀଟନାଶକ ବହୁ ଭାବରେ ଜମିରେ ପ୍ରୟୋଗ କରିଚାଲିଛେ। ଏହାଦ୍ୱାରା ଉତ୍ପାଦନ ଯେତିକି ହେଉଛି, ସେହି ଅନୁପାତରେ ଜମି ତାହାର ନିଜସ୍ୱ ଉର୍ବରତା ଶକ୍ତି ହରାଇ ବସୁଛି। ବିନା ରାସାୟନିକ ସାର ଓ କୀଟନାଶକରେ ଫସଲ ଫଳିବା ଆଉ ସମ୍ଭବ ନୁହେଁ। ସରକାରଙ୍କ ପକ୍ଷରୁ ସାର ଓ କୀଟନାଶକ ପ୍ରୟୋଗକୁ ଗୁରୁତ୍ୱ ଦିଆଯାଉଥିବାବେଳେ ଜମିର ଉର୍ବରତା କିଭଳି ବଜାୟ ରହିବ, ସବୁଜମିକୁ ବର୍ଷ ତମାତ କିଭଳି ଜଳସେଚନ ସୁବିଧା ଦିଆଯାଇପାରିବ, ସେ ଦିଗରେ ପଦକ୍ଷେପ ସନ୍ତୋଷଜନକ ନୁହେଁ। ଏସବୁ ବାଦ୍ ଚାଷୀ ଯାହା ବି ଅମଳ କରୁଛି ତାହା ସାଇତି ରଖିବାକୁ ଶୀତଳ ଭଣ୍ଡାର କି ଗୋଦାମ ନାହିଁ। ଫଳରେ ଚାଷୀ ଅଭାବୀ ବିକ୍ରି କରିବାକୁ ବାଧ୍ୟ ହେଉଛି। ଏଥିରେ ତାକୁ ତାର ଉପଯୁକ୍ତ ମୂଲ୍ୟ ମିଳୁନାହିଁ। ସରକାରୀସ୍ତରରେ ନିଯୁକ୍ତି ସଙ୍କୁଚିତ ହେଉଥିବାବେଳେ ଘରୋଇ କ୍ଷେତ୍ରରେ ସେହି ଅନୁପାତରେ ନିଯୁକ୍ତି ସୁଯୋଗ ସୃଷ୍ଟି ହେଉନାହିଁ। ଫଳରେ ଓଡ଼ିଶାର ଯୁବବର୍ଗ ଅନ୍ୟ ରାଜ୍ୟରେ ଶ୍ରମିକ ଭାବରେ ଖଟୁଛନ୍ତି। ଏହିଭଳି ନାନା କାରଣ ପାଇଁ ରାଜ୍ୟର ସଂଖ୍ୟାଗରିଷ୍ଠ ପରିବାରର ଆର୍ଥିକ ସ୍ଥିତି ସ୍ୱଚ୍ଛଳ ନୁହେଁ। ଯାହା ପ୍ରକାରାନ୍ତରେ ସେହି ପରିବାରଗୁଡିକର ଶିକ୍ଷା, ସ୍ୱାସ୍ଥ୍ୟ, ସାମାଜିକ ଚଳଣି, କ୍ରୟ କରିବାର କ୍ଷମତା ଆଦିକୁ ପ୍ରଭାବିତ କରୁଛି। ମୋଟ ଉପରେ ଏହା ରାଜ୍ୟର ସାମଗ୍ରିକ ବିକାଶକୁ ମଧ୍ୟ ମନ୍ଥର କରୁଛି। ସରକାରୀ ସ୍ତରରେ ଶିକ୍ଷା ଓ ସ୍ୱାସ୍ଥ୍ୟ ବାବଦରେ ପ୍ରତିବର୍ଷ ବିପୁଳ ଅର୍ଥ ଖର୍ଚ୍ଚ ହେଉଛି। କିନ୍ତୁ ପ୍ରତିବର୍ଷ ଏହିସବୁ କ୍ଷେତ୍ରରେ ସମସ୍ୟା ବଢିବାରେ ଲାଗୁଛି। ଏହି କାରଣରୁ ଶିକ୍ଷା ଓ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ସୁବିଧା ସୁଯୋଗ ପାଇବା କ୍ଷେତ୍ରରେ ମଧ୍ୟ ତାରତମ୍ୟ ବଢୁଛି। ଭୋଟ ରାଜନୀତିରେ ଲୋକଙ୍କୁ କର୍ମଠ ଓ ଉତ୍ପାଦନକ୍ଷମ ନକରି ସେମାନଙ୍କୁ ମାଗଣା ଖାଇବାର ଅଭ୍ୟାସ ଆରମ୍ଭ ହୋଇଛି, ଯାହା ପ୍ରକାରାନ୍ତରେ ସରକାରଙ୍କର ଚିନ୍ତା ବଢାଉଛି। ଭୋଟ ପାଇବାକୁ କୌଣସି ସରକାର ଏହି ସୁବିଧା ବନ୍ଦ କରିବାକୁ ଚାହୁନାହାନ୍ତି ଏବଂ ସେମାନଙ୍କ ପାଇଁ ଟିକସ ବାବଦ ଆୟର ଏକ ବିଶାଳ ଭାଗ ଖର୍ଚ୍ଚ କରାଯାଉଛି। ଯାହାକୁ ଶିକ୍ଷା, ସ୍ୱାସ୍ଥ୍ୟ ଆଦି କ୍ଷେତ୍ରରେ ବିନିଯୋଗ କରାଯାଇ ସମସ୍ତଙ୍କ ପାଇଁ ସମାନ ସୁବିଧା ସୁଯୋଗ ସୃଷ୍ଟି କରାଯାଇପାରନ୍ତା।

ଆଉ ଏକ ମୁଖ୍ୟ କଥା ହେଉଛି ଜନସାଧାରଣଙ୍କ ମାନସିକତା। ଆମ ଭିତରେ କ୍ରମଶଃ ଏକ ଧାରଣା ଦୃଢୀଭୂତ ହୋଇଛି ଯେ ସରକାର ଆମର ସବୁକିଛି କରିବେ। ଫଳରେ ଆମେ ଆଉ ନିଜେ କିଛି ନକରି ସବୁ କ୍ଷେତ୍ରରେ ସରକାରଙ୍କ ମୁଣ୍ଡରେ ଦୋଷ ଲଦି ଚାଲିଛୁ। ଆମର ତଥାକଥିତ ବୁଦ୍ଧିଜୀବୀ ଓ ଚିନ୍ତାନାୟକମାନେ ମଧ୍ୟ ଏ କ୍ଷେତ୍ରରେ ନୀରବ। ଯେଉଁମାନେ ଆଇନ ପ୍ରଣୟନ କରୁଛନ୍ତି, ସେମାନେ ଦଳମତ ନିର୍ବିଶେଷରେ ଯଦି ରାଜ୍ୟର ସାମଗ୍ରିକ ବିକାଶ କଥା ଚିନ୍ତା କରନ୍ତେ ଏବଂ ତାହାକୁ କାର୍ଯ୍ୟକାରୀ କରିବାକୁ ଏକନିଷ୍ଠ ଉଦ୍ୟମ କରନ୍ତେ, ତେବେ ହୁଏତ ଆମେ ଆଜି ଦେଶର ବିକଶିତ ରାଜ୍ୟଗୁଡିକ ମଧ୍ୟରେ ଆଗରେ ରହିଥାନ୍ତେ। ଆଉ ପ୍ରାୟ ୨୪ବର୍ଷ ପରେ ଆମେ ସ୍ୱାଧୀନ ରାଷ୍ଟ୍ର ଭାବରେ ୧୦୦ ବର୍ଷରେ ପଦାର୍ପଣ କରିବା। ଲୋକବଳ, ଖଣିଜ ସମ୍ପଦ, କୃଷି କ୍ଷେତ୍ରରେ ସଫଳତା, ଶିକ୍ଷା, ବୈଜ୍ଞାନିକ ଗବେଷଣା ଆଦିରେ ଅଗ୍ରଣୀ ଥିବା ଶହେ ବର୍ଷର ଏକ ସ୍ୱାଧୀନ ରାଷ୍ଟ୍ର ଯଦି ବିକାଶର ଶୀର୍ଷରେ ପହଂଚି ନପାରିଲା, ତେବେ ତାହାଠାରୁ ବଳି ଦୁଃଖ ଆଉ କିଛି ନାହିଁ। ଏବେ ଆମକୁ ଏହି ବିଷୟର ତର୍ଜମା କରି ସମସ୍ତଙ୍କୁ ହାତରେ ହାତ ମିଳାଇ ଆଗେଇ ଆସିବାକୁ ହେବ। ଆମ ଭିତରେ ମତପାର୍ଥକ୍ୟ ରହୁ, କିନ୍ତୁ ମନୋମାଳିନ୍ୟ ନହେଉ। ସାମୂହିକ ବିକାଶ ଆମର ଲକ୍ଷ୍ୟ ହେଉ।

-୯୭୭୮୩୧୧୫୩୩

## ଆଦର୍ଶ ମହାପୁରୁଷ ଗୋଦାବରୀଶ ମିଶ୍ର

॥ ଇଂ. ଶାଶ୍ୱତ ରଞ୍ଜନ ଦାସ ॥

ଗୋଦାବରୀଶ ମିଶ୍ର ଅବିଭକ୍ତ ପୁରୀ ଜିଲ୍ଲା ସଂପ୍ରତି ଖୋର୍ଧା ଜିଲ୍ଲାର ବାଣପୁର ନିକଟ ଶ୍ରୀନିବାସପୁର ଶାସନର ଏକ ବ୍ରାହ୍ମଣ ପରିବାରରେ ଲିଙ୍ଗରାଜ ମିଶ୍ର ଏବଂ ଅପସରା ଦେବୀଙ୍କ କୋଳରେ ଜନ୍ମ ଗ୍ରହଣ କରିଥିଲେ। ଗ୍ରାମ ବିଦ୍ୟାଳୟରୁ ପ୍ରାଥମିକ ଶିକ୍ଷା ଗ୍ରହଣ ପରେ ସେ ପୁରୀ ଜିଲ୍ଲା ବିଦ୍ୟାଳୟରୁ ମାଧ୍ୟମିକ ଶିକ୍ଷା ଏବଂ ରେଭେନ୍ସା କଲେଜରୁ ୧୯୧୦ ମସିହାରେ ଦର୍ଶନଶାସ୍ତ୍ରରେ ବି. ଏ., ୧୯୧୨ ମସିହାରେ କଲିକତା ବିଶ୍ୱବିଦ୍ୟାଳୟରୁ ଅର୍ଥନୀତିରେ ଏମ. ଏ. ପାସ୍ କରିଥିଲେ ଆର୍ଥିକ ଅନଟନରେ ରହି କଲେଜରେ ଦେୟ ପୈଠ କରିବା ପାଇଁ ସେ ପିଲାଙ୍କୁ ଟ୍ୟୁସନ୍ କରୁଥିଲେ।

ସେ ୧୯୧୩ ରୁ ୧୯୧୯ ମସିହା ପର୍ଯ୍ୟନ୍ତ ସତ୍ୟବାଦୀ ବନ ବିଦ୍ୟାଳୟରେ ଶିକ୍ଷକତା କରି ଜଣେ ଆଦର୍ଶ ଶିକ୍ଷକ ଭାବରେ ପରିଚିତ ହୋଇଥିଲେ। ତାପରେ ସେ ୧୯୧୯ ରୁ ୧୯୨୧ ମସିହା ପର୍ଯ୍ୟନ୍ତ ସିଂହଭୁମ୍ ଜିଲ୍ଲାର ଚକ୍ରଧରପୁର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହୋଇଥିଲେ। ଅସହଯୋଗ ଆନ୍ଦୋଳନରେ ଅଂଶଗ୍ରହଣ କରିବା ପରେ ସେ ୧୯୨୨ ମସିହାରେ ନିଜ ଗାଁକୁ ଫେରିଥିଲେ ଏବଂ ନୂତନ ବିଦ୍ୟାଳୟ, କ୍ଷୁଦ୍ର ଶିଳ୍ପ, ଋଷଜମି ଏବଂ ସାମାଜିକ କଲ୍ୟାଣ ସଂଗଠନ ପ୍ରତିଷ୍ଠା କରିବାରେ ଜଡିତ ଥିଲେ। ୧୯୨୮ ମସିହାରେ ପଣ୍ଡିତ ଗୋପବନ୍ଧୁ ଦାସ (ସମାଜ ଖବରକାଗଜ ର ପ୍ରତିଷ୍ଠାତା)ଙ୍କର ମୃତ୍ୟୁ ପରେ ପ୍ରାୟ ଦୁଇ ବର୍ଷ ଧରି ସେହି ଓଡ଼ିଶାର ବହୁଳ ପ୍ରସାରିତ ଖବରକାଗଜ ସମାଜର ସମ୍ପାଦକ ଦାୟିତ୍ୱ ବହନ କରିଥିଲେ।

ଓଡ଼ିଆ ଭାଷାର ସୁରକ୍ଷା ଏବଂ ଭାଷା ଭିତିକ ସ୍ୱତନ୍ତ୍ର ଓଡିଶା ନିର୍ମାଣରେ ସେ ୧୯୧୯ ରୁ ୧୯୫୫ମସିହା ପର୍ଯ୍ୟନ୍ତ ଉତ୍କଳ ସମ୍ମିଳନୀ ସହ ଜଡିତ ଥିଲେ ପୁଣି, ସେ ୧୯୫୫ ମସିହାରେ ବ୍ରହ୍ମପୁରରେ ଆୟୋଜିତ ଉତ୍କଳ ସମ୍ମିଳନୀର ସ୍ତନ୍ତ୍ର ଅଧିବେଶନ ରେ ସଭାପତି ଥିଲେ। ସେ ଗୋପବନ୍ଧୁଙ୍କ ପ ସଖା ଙ୍କ ମଧ୍ୟରୁ ଅନ୍ୟତମ ଥିଲେ।

ଯଦିଓ ସେ ଜଣେ ରକ୍ଷଣଶୀଳ ବ୍ରାହ୍ମଣ ପରିବାରରେ ଜନ୍ମ ନେଇ ଥିଲେ, ତଥାପି ଗୋଦାବରୀଶ ମିଶ୍ର ସମାଜବାଦୀ ଚିନ୍ତାଧାରାରେ ବେଶୀ ବିଶ୍ୱାସ ରଖିଥିଲେ। ସେ ଜାତିଗତ ଭେଦଭାବ ବିରୁଦ୍ଧାଚରଣ କରୁଥିଲେ। ସେ ତାଙ୍କର ପବିତ୍ର ଉପୀତ ଧାରଣ କରି ନଥିଲେ ଏବଂ ମୁହଁରେ ଦାଢ଼ି ରଖିଥିଲେ, ଯାହା ତତ୍କାଳୀନ ବ୍ରାହ୍ମଣ ଜାତିର ନୀତି ବିରୁଦ୍ଧ ତଥା ପ୍ରଚଳିତ ସାମାଜିକ ପରମ୍ପରାର ଘୋର ବିରୋଧୀ ଥିଲା।

ସେ ୧୯୨୧ ମସିହାରେ ଗାନ୍ଧିଜୀଙ୍କ ଆହ୍ୱାନ କ୍ରମେ ଅସହଯୋଗ ଆନ୍ଦୋଳନରେ ଅଂଶ ଗ୍ରହଣ କରିଥିଲେ। ସେ ସିଂହଭୁମ୍ ଜିଲ୍ଲା କଂଗ୍ରେସ କମିଟିର ମୁଖ୍ୟ ଥାଇ ଚକ୍ରଧରପୁର ଏବଂ ଏହାର ନିକଟବର୍ତ୍ତୀ ଅଞ୍ଚଳରେ ଏହି



ଭାରତ ର ମୁକ୍ତି ସଂଗ୍ରାମର ଏହି ମହାନ ଅଭିଯାନର ନେତୃତ୍ୱ ନେଇଥିଲେ।

ମହାତ୍ମା ଗାନ୍ଧୀ ଏବଂ ପଣ୍ଡିତ ଗୋପାବନ୍ଧୁ ଦାସଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ସେ କଂଗ୍ରେସ ଦଳରେ ଯୋଗ ଦେଇଥିଲେ ଏବଂ ଓଡ଼ିଶା ବିଧାନସଭା ବିଧାନସଭା ର ସଦସ୍ୟ ଥିଲେ। ସେ ୧୯୨୪ ମସିହାରୁ ୧୯୩୩ ମସିହା ପର୍ଯ୍ୟନ୍ତ ଜିଲ୍ଲା ବୋର୍ଡର ସଦସ୍ୟ ଥିଲେ ୫ ବର୍ଷର ମଧ୍ୟ ବିରତି ବ୍ୟତୀତ ସେ ୧୯୩୭ ମସିହାରୁ ମୃତ୍ୟୁ ପର୍ଯ୍ୟନ୍ତ ଓଡିଶା ବିଧାନସଭାର ସଦସ୍ୟ ରହି ଥିଲେ। ଏହି ସମୟ ମଧ୍ୟରେ ରାଜନୈତିକ ମତଭେଦ ହେତୁ ସେ ଓଡ଼ିଶା କଂଗ୍ରେସରେ କୌଣସି ପଦବୀ ଗ୍ରହଣ କରିନଥିଲେ ଗୋଦାବରୀଶ ମିଶ୍ର ସ୍ୱାଧୀନ ପ୍ରାର୍ଥୀ ଭାବରେ ୧୯୫୨ ମସିହାରେ ବିଦ୍ୟା ସଭ୍ୟ ହୋଇଥିଲେ। ସେ ବିଧାନସଭାରେ ଜଣେ ପ୍ରତିଷ୍ଠିତ ପ୍ରଶାସକ ତଥା ବିରୋଧୀ ଦଳର ସଦସ୍ୟ ଭାବରେ କାର୍ଯ୍ୟ କରିଥିଲେ ସେ ୧୯୩୯ ମସିହାରେ କଂଗ୍ରେସ ଦଳତ୍ୟାଗ କରି ଫରାର୍ଡ ବ୍ଲକରେ ଯୋଗ ଦେଇଥିଲେ। ସେ ୧୯୪୧ ରୁ ୧୯୪୪ ମସିହା ପର୍ଯ୍ୟନ୍ତ ପାରଳାଖେମୁଣ୍ଡିର ମହାରାଜା ମନ୍ତ୍ରଣାଳୟରେ ଅର୍ଥ ଓ ଶିକ୍ଷା ମନ୍ତ୍ରୀ ଭାବରେ କାର୍ଯ୍ୟ କରିଥିଲେ। ୧୯୪୩ ମସିହାରେ ମନ୍ତ୍ରୀ ଥିବା ସମୟରେ ସେ ଉତ୍କଳ ବିଶ୍ୱବିଦ୍ୟାଳୟ, କଟକ ରେ ଉଚ୍ଚ ନ୍ୟାୟାଳୟ ପ୍ରତିଷ୍ଠା ସହିତ ପୁରୀ, ବାଲେଶ୍ୱର ଏବଂ ସମ୍ବଲପୁର ଆଦି ସ୍ଥାନ ମାନଙ୍କରେ ବିଭିନ୍ନ କଲେଜ ପ୍ରତିଷ୍ଠା କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

ତାଙ୍କ ସାହିତ୍ୟଚର୍ଯ୍ୟାରେ ଅନେକ ପ୍ରବନ୍ଧ, କାହାଣୀ, ଉପନ୍ୟାସ, କବିତା, ଜୀବନୀ ଏବଂ ଅନୁବାଦ ଅନ୍ତର୍ଭୁକ୍ତ ସେହିସବୁ ସାହିତ୍ୟ କୃତି ମଧ୍ୟରେ ରାଷ୍ଟ ପ୍ରତି ସଚେତନତା ସୃଷ୍ଟି କରିବାରେ ତାଙ୍କର କବିତା ଏକ ଗୁରୁପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା। ତାଙ୍କର ନାଟକ ପୁରୁଷୋତ୍ତମ ଦେବ, ମୁକୁନ୍ଦ ଦେବ ଏବଂ ଆତ୍ମଜୀବନୀ ଅର୍ଦ୍ଧ ଶତାବ୍ଦୀର ଓଡ଼ିଶା ଓ ତହିଁରେ ମୋ ସ୍ଥାନ ଆଦି ଓଡିଆ ସାହିତ୍ୟରେ ତାଙ୍କର କିଛି ମହତ୍ପୂର୍ଣ୍ଣ ଅବଦାନ କହିଲେ ଅତ୍ୟୁକ୍ତି ହେବ ନାହିଁ। ସେ ଜଣେ ଦକ୍ଷ ସମ୍ପାଦକ ମଧ୍ୟ ଥିଲେ ସେ ୧୯୨୪ ମସିହାରେ ବାଣପୁରରୁ ଲୋକମୁଖ ନାମକ ଏକ ପତ୍ରିକା ପ୍ରକାଶ କରିଥିଲେ। ସେ ମଧ୍ୟ ଶଶି ଭୂଷଣ ରଥଙ୍କ ଦ୍ୱାରା ପ୍ରକାଶିତ ଏକ ଇଂରାଜୀ ପତ୍ରିକା – ଇଷ୍ଟକୋଷ୍ଟ ପାଇଁ ମଧ୍ୟ ସ୍ତମ୍ଭ ମାନ ଲେଖି ଜଣେ ବିଶିଷ୍ଟ ସ୍ତମ୍ଭକାର ଭାବରେ ନିଜକୁ ପ୍ରତିଷ୍ଠିତ କରିପାରି ଥିଲେ। ତାଙ୍କୁ ଉତ୍କଳ ବିଶ୍ୱବିଦ୍ୟାଳୟରୁ ସାହିତ୍ୟରେ ଡକ୍ଟରେଟ ଉପାଧି ପ୍ରଦାନ କରାଯାଇଥିଲା।

## ପିଲାଦିନର କଥା କାହିଁକି ମନେରହେନା ?

॥ ଡାକ୍ତର ସମ୍ରାଟ କର ॥

ଆପଣଙ୍କ ପିଲାଦିନର କଥା ମନେଅଛି ? ଘରେ ବଡ଼ ସାନ ଭାଇଭଉଣୀଙ୍କ ସହ କିପରି ଖେଳୁଥିଲେ, ଗାଁ ଦାଣ୍ଡରେ କୁନି ସାଥି ସାଙ୍ଗଙ୍କ ସହ ଧୂଳିବାଲି ଘରର ଫୋପଡ଼ା ଫୋପଡ଼ି ଆଉ ମିଳାମିଶା ଆଉ ମନେଅଛି ? ଗାଁ ମୁଣ୍ଡ ଅବଧାନଙ୍କ ଚାଟଶାଳୀର ପଣିକିଆ ଘୋଷା ହେଉ ବା ଖରାଦିନରେ ଗଛରୁ ନଇ ପାଣିକୁ ଡେଇଁବାର ସ୍ମୃତି କହିପାରିବେ ଆପଣ ? ଏମିତି ଅନେକ କଥା। ପିଲାଦିନର କଥା କେତେଜଣ ମନେରଖନ୍ତି ତ ଆଉ କେତେକ ଲୋକ ଭୁଲିଯାଇଥାନ୍ତି ମାତ୍ର ସ୍ମୃତି ବିଜଡ଼ିତ ବାଲ୍ୟକାଳର ସବୁ ଘଟଣା ସ୍ମରଣ କଲାଭଳି ଦକ୍ଷତା କ୍ୱଚିତ୍ ଲୋକଙ୍କର ଥାଏ। କିନ୍ତୁ ପ୍ରଶ୍ନ ହେଉଛି ଏପରି ହୁଏ କାହିଁକି ? ଶିଶୁ ମନସ୍ତତ୍ତ୍ୱ କ୍ଷେତ୍ରକୁ ଦେଖିଲେ ଏପ୍ରକାର ଅବସ୍ଥାକୁ ବାଲ୍ୟ ବିସ୍ମରଣ କୁହାଯାଏ। ସ୍ମରଣ ଶକ୍ତିକୁ ଅନୁଶୀଳନ କରାଯାଇ ଏହାକୁ ଦୁଇ ଭାଗରେ ବିଭକ୍ତ କରାଯାଇଛି ଯଥା – କ୍ଷଣସ୍ଥାୟୀ ସ୍ମୃତିଶକ୍ତି ଓ ଦୀର୍ଘସ୍ଥାୟୀ ସ୍ମୃତି ଶକ୍ତି। ଦୀର୍ଘଦିନ ଧରି ମନେରହୁଥିବା ମାନସିକ ଶକ୍ତିକୁ ଦୀର୍ଘସ୍ଥାୟୀ ସ୍ମରଣ ଶକ୍ତି ଏବଂ ଏହାର ବିପରୀତ ଅବସ୍ଥାକୁ କ୍ଷଣସ୍ଥାୟୀ ସ୍ମରଣଶକ୍ତି କୁହାଯାଏ। ଦୀର୍ଘସ୍ଥାୟୀ ସ୍ମରଣ ଶକ୍ତି ମସ୍ତିଷ୍କର ପ୍ରମୁଖ ବ୍ୟବସ୍ଥାପନା ଅଞ୍ଚଳରେ ମହଜୁଦ୍ ହୋଇରହେ। ମାତ୍ର ବାଲ୍ୟ ଅବସ୍ଥାରେ ଏହା ପୂର୍ଣ୍ଣ ବିକଶିତ ହୋଇନଥାଏ। ପୁଣି ବାଲ୍ୟ ଅବସ୍ଥାରେ କ୍ଷଣସ୍ଥାୟୀ ସ୍ମୃତି ଶକ୍ତି ଉପରେ ଶିଶୁ ନିର୍ଭରଶୀଳ ଥାଏ। ଏହି ବ୍ୟବସ୍ଥାରେ କୋଷଗୁଡ଼ିକ ବାରମ୍ବାର ନଷ୍ଟ ହେଉଥିବାରୁ ରେକର୍ଡ଼ ହୋଇ ରହୁଥିବା ସ୍ମୃତି ଉଭେଇଯାଏ। ସେହିପରି ଦ୍ୱିତୀୟ କାରଣଟି ହେଲା କୌଣସି ଘଟଣାକୁ ସ୍ମୃତି ପଟ୍ଟରେ ସାଇତି ରଖିବା ବାକ୍ ଶକ୍ତି ଉପରେ ନିର୍ଭରଶୀଳ। କାରଣ କୌଣସି ଘଟଣା ଉପରେ ଏକାଧିକବାର ଆଲୋଚନା କଲେ ତାହା ମାନସ ପଟ୍ଟରେ ଲିପିବଦ୍ଧ ହୋଇ ରହିଯାଏ ମାତ୍ର ଶିଶୁ ଅବସ୍ଥାରେ ବାକ୍ ଶକ୍ତି ପୂର୍ଣ୍ଣ ବିକଶିତ ହୋଇନଥିବାରୁ କୌଣସି ଘଟଣା ମନେରଖିବାରେ ଅନ୍ତରାୟ ହୋଇଥାଏ।

ପିଲାଦିନର କଥା ମନେନରଖିବା ଏକ ରୋଗ ବା ସମସ୍ୟା ବୋଲି ଭାବନ୍ତୁନି। ବୟସ ବଢ଼ିବା ସହ ମଣିଷର ଶାରୀରିକ ଦକ୍ଷତା ଓ ଶକ୍ତି ଦିନକୁ ଦିନ କ୍ଷୟ ହୁଏ। ଏହା ବ୍ୟତୀତ ତେଲଲୁଣ, ଘରସଂସାର ଚାପ ହେଉ ବା କର୍ମଦାୟିତ୍ୱର ବୋଝ, ଆଖପାଖର ବ୍ୟବସ୍ଥା, ଦାୟିତ୍ୱ ଓ ଚାପ ମଧ୍ୟ ଏ କ୍ଷେତ୍ର ପାଇଁ ଏକ ଅନ୍ୟତମ କାରଣ ହୋଇଥାଏ। ଏହି ସ୍ମରଣ ଶକ୍ତି କମ୍ ଥିବା ନେଇ କାହାକୁ ସମାଲୋଚନା କରନ୍ତୁ ନାହିଁ। ଆଉ ଗୋଟିଏ କଥା ଏ କ୍ଷେତ୍ରରେ ପିଲାମାନଙ୍କୁ ପ୍ରାଥମିକ ଅବସ୍ଥାରେ ଛୋଟ ଛୋଟ ଶବ୍ଦ କୁହନ୍ତି ଯେପରି ସେ ବୁଝିପାରିବ। ଆବଶ୍ୟକୀୟ ବିଶ୍ରାମ, ସୁଷମ ଖାଦ୍ୟ ଓ ଶାରୀରିକ ବ୍ୟାୟାମ, ଯୋଗାସନ ଏହାପାଇଁ ଅମୃତ ସଂଜୀବନୀ ସଦୃଶ କାମକରେ। ସବୁଜ ପନିପରିବା, ତଟକା ଫଳ ଓ ପୁଷ୍ଟିକର ଖାଦ୍ୟ ବହୁତ ଭଲ। ଏ କ୍ଷେତ୍ରରେ ଘିଅ, କ୍ଷୀର, ଛେନା, ଖିସ୍‌ମିସ୍ ବା ଛୋଟମାଛ ବହୁତ ହିତକର। ଦେଶୀଅଣ୍ଡା ଭଲ କିନ୍ତୁ ଏହାକୁ ଦୈନିକ ନଦେଇ ନିୟମିତ ବ୍ୟବଧାନରେ ଦିଅନ୍ତୁ। ଶାରୀରିକ ବ୍ୟାୟାମ ଭାବରେ ସନ୍ତରଣ, ପଦଭ୍ରମଣ, ସାଇକେଲ ଚାଳନା ଖୁବ୍ ଉତ୍ତମ। କେହି କେହି ଯୋଗାସନ ଭିତରେ ଶ୍ରେଷ୍ଠ କୁହାଯାଉଥିବା ଶୀର୍ଷାସନ ବା ସର୍ବାଙ୍ଗସନକୁ ଗୁରୁତ୍ୱ ଦିଅନ୍ତି କିନ୍ତୁ ଏହି ଦୁଇଟି ଗୁରୁତ୍ୱପୂର୍ଣ୍ଣ ଆସନ କରିବା ପୂର୍ବରୁ ନିଜ ଶାରୀରିକ କ୍ଷେତ୍ରକୁ ଦେଖନ୍ତୁ। ପିଲାମାନଙ୍କୁ ବର୍ତ୍ତମାନ ସମୟରେ ଅଭିଭାବକମାନେ ବିଭିନ୍ନ ପାଠ୍ୟକ୍ରମ ଓ ଭବିଷ୍ୟତର କର୍ମ ନିଯୁକ୍ତିର ଏକ ସୁନିଶ୍ଚିତ ଯୋଜନାକୁ ଦୃଷ୍ଟିରେ ରଖି ଅନେକ ପାଠ୍ୟକ୍ରମର ଚାପ ସୃଷ୍ଟି କରୁଛନ୍ତି ଯାହାକି ପିଲାଟିର ମାନସିକ କ୍ଷେତ୍ରକୁ ଭାରାକ୍ରାନ୍ତ କରିଥାଏ। ଅଧିକାଂଶ କ୍ଷେତ୍ରରେ ଦେଖାଯାଏ ଶିକ୍ଷାୟତନର ପାଠପଢ଼ାର ଚାପ ଓ ଘରେ ଅଭିଭାବକଙ୍କ ପାଠ ସହ ବ୍ୟକ୍ତିଗତ ଆଚରଣକୁ ନେଇ ଯେଉଁ ମନସ୍ତାତ୍ତ୍ୱିକ ଚାପ ରହିଥାଏ ଏହା ପିଲାର ମାନସିକ ସନ୍ତୁଳନକୁ ବିଗାଡ଼ି ଦେବାର ସମ୍ଭାବନା ରଖିଥାଏ। ଏସବୁ କ୍ଷେତ୍ରକୁ ଭଲ ଭାବେ ଗୁରୁତ୍ୱ ଦିଅନ୍ତୁ। ତେବେ ଏହି ମନେନରହିବା ଘଟଣାକୁ ଆପଣ ଲକ୍ଷ୍ୟ ରଖିଲେ ଆପଣ ତୁରନ୍ତୁ ମାନସିକ ରୋଗବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ ବା ତୁରନ୍ତ ନିକଟସ୍ଥ ସରକାରୀ ଡାକ୍ତରଖାନାର ସୁଯୋଗ ନିଅନ୍ତୁ। କେହି କହି ଇଆଡୁସିଆଡୁ କଥାକହି ଟୁଟୁକା ଚିକିତ୍ସା କଥା କହିଲେ ତାଙ୍କୁ ଆପଣ ଏଡ଼ାଇ ଦିଅନ୍ତୁ। କାରଣ ପ୍ରଥମରୁ ମୁଁ କହୁଛି ଏହା ଏକ ରୋଗ ନୁହେଁ ବା ଏହାକୁ ନେଇ ଜଣଙ୍କ ଜୀବନରେ କିଛି ସେପରି କିଛି କ୍ଷତି ବି ହୋଇଯିବନାହିଁ। ଖୋଲା ପବନ ରହୁଥିବା ସ୍ୱଚ୍ଛ ପରିବେଶ ସମ୍ପନ୍ନ ସ୍ଥାନରେ କିଛି ସମୟ ନୀରବ ବସନ୍ତୁ। ମୋବାଇଲ, ଲାପଟପ୍, ସୋସିଆଲ ସାଇଟ ଏହାର ବ୍ୟବହାର ଠାରୁ ଦୂରେଇ ରଖିବା ଭଲ। ସବୁଠାରୁ ଉତ୍କୃଷ୍ଟ ହେଉଛି କିଛି ସମୟ ଧ୍ୟାନ କରିବା ଯାହାପାଇଁ ପ୍ରତ୍ୟୁଷର ବ୍ରାହ୍ମ ମୁହୂର୍ତ୍ତ ବା ସନ୍ଧ୍ୟା ସମୟ ଉତ୍ତମ ମୁହୂର୍ତ୍ତ। ଜୀବନକୁ ଆଧ୍ୟାତ୍ମିକମୟ କରିବା ବହୁତ ଭଲ। ଭୁଲିଯାଉଥିବା କ୍ଷେତ୍ରକୁ ଦେଖିଲେ କେହି କେହି ରୋଗୀର ମୁଣ୍ଡରେ କିଛି ତେଲ ମାରିବା ପାଇଁ କୁହନ୍ତି। କେହି କେହି ଆଉ କିଛି ଜଡ଼ିବୁଟିର ସାହାର ନିଅନ୍ତି ଏହା ସମ୍ପୂର୍ଣ୍ଣ ରୂପେ ଅନୁଚିତ। ଡାକ୍ତରଙ୍କ ପରାମର୍ଶ ନେଇ ଏକ ଭଲ ଦିନଚର୍ଯ୍ୟା ବିଚାର କରି ସେହିପରି ଜୀବନକୁ ବିତାନ୍ତୁ। ଭଗବାନଙ୍କ ଉପରେ ବିଶ୍ୱାସ ରଖନ୍ତୁ ଏବଂ ସଦାସର୍ବଦା ନାମସ୍ମରଣ କରିବା ଏକ ଭଲ ଅଭ୍ୟାସ। ଦେଖିବେ ଆପଣଙ୍କୁ ଆଉ ଭୁଲାକଡ଼ ବୋଲି କେହି କହିବେ ନାହିଁ।

ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ, ପୁରୀଘାଟ ରୋଡ଼, କଟକ, ଦୂରଭାଷ : ୯୧୩୨୪୩୩୩୩୩୩


ମହାଭାରତ
ରାଇଜ କଥା
ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା




## ବାପ ପୁଅ ଙ୍କୁ ମାଡ ମାରି ଅପହରଣ ଘଟଣାରେ
# ଯୁବକ ଲିପୁନଙ୍କୁ ଧରି ସିନ ରିକ୍ରିୟେଶନ ନନ୍ଦିପଦା କଲା ପୁଲିସ

**ହାଟଡିହି,(ମହାଭାରତ) :** କୋର୍ଟ ରୁ ଫେରିବା ବାଟରେ ବାପକୁ ଆକ୍ରମଣ କରି ପୁଅକୁ ଅପହରଣ, କରିଥିବା ଘଟଣା ରେ ନନ୍ଦିପଦା ଥାନାରେ ଏତଲା ଦେଇଥିଲେ ପରିବାର ଲୋକେ, ବାପା ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ବେଳେ ୫ଲକ୍ଷ ଦେଲେ ପୁଅକୁ ଫେରାଇବୁ ବୋଲି ଧମକ ଦେଲା ଅପହର୍ତ୍ତା । କୋର୍ଟରୁ ଫେରିବା ବାଟରେ ବାପକୁ ଆକ୍ରମଣ କରି ପୁଅକୁ ଅପହରଣ କରିନେଇଥିଲେ। ନନ୍ଦିପଦା ଥାନାରେ ଏନେଏହତଲା ଦେଲେ ପରିବାର , ବାପ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ।, ୫ଲକ୍ଷ ଦେଲେ ପୁଅକୁ ଫେରାଇବୁ ବୋଲି ଧମକ ଦେଲା ଅପହର୍ତ୍ତା। ଏପରି ଘଟଣା ଘଟିଥିଲା କେନ୍ଦୁଝର ଜିଲ୍ଲା ନନ୍ଦିପଦା ଥାନା ପନ୍ଦାଡୋ ଗ୍ରାମରେ। ସୂଚନା ଅନୁଯାୟୀ ନରେନ୍ଦ୍ର ନାୟକ ଓ ତାଙ୍କ ପୁଅ ସନାତନ ଗତକାଲି ଅପରାହ୍ନରେ ହାଟଡ଼ିହି ଜେ ଏମ ଏଫ୍ ସି କୋର୍ଟକୁ ଏହି ମାମଲାରେ ହାଜିରା ଦେବାକୁ ଯାଇ ଘରକୁ ଫେରୁଥିବା ବେଳେ ନାହାଳିଆ ପୋଲ ନିକଟରେ କିଛି ଯୁବକ ନରେନ୍ଦ୍ରକୁ ମାଡ ମାରି ବିଲକୁ ଫିଙ୍ଗି ଦେଇ ଥିଲେ । ପରେ ପୁଅ ସନାତନ କୁ



ଉଠାଇ ନେଇ ପଳାଇଥିଲେ। ଖବରପାଇ ନରେନ୍ଦ୍ରଙ୍କ ପରିବାର ଲୋକେ କିଛି ଗ୍ରାମବାସୀଙ୍କ ସହଯୋଗରେ ନରେନ୍ଦ୍ର ଙ୍କୁ ଉଦ୍ଧାର କରି ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି। ଏନେଇ ନରେନ୍ଦ୍ରଙ୍କ ପତ୍ନୀ ପଦ୍ମାବତୀ ନାୟକ ନନ୍ଦିପଦା ଥାନାରେ ଅଭିଯୋଗ କରିଥିଲେ। ଅପହରଣ କାରୀ ଯୁବକ ମାନେ ନରେନ୍ଦ୍ରଙ୍କ ଘରକୁ ଫୋନ କରି ୫ଲକ୍ଷ ଦେଲେ ଯାଇ ପୁଅକୁ ପାଇବ ନଚେତ ଜୀବନରୁ ମରି ୨୦୯/ ୨୨୫ଦେବୁ ବୋଲି ଧମକ ଦେଇଛନ୍ତି। ଏହି ଘଟଣାରେ ସେହି ଗ୍ରାମର ଜଣେ ଯୁବକ ସଂପୃକ୍ତି ଥିବା ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି ତାଙ୍କ ମାଆ। ଏହି ଅଭିଯୋଗ ପାଇବା ପରେ ନନ୍ଦିପଦା ପୁଲିସ କେସ ନମ୍ବର ୨୦୯/୨୨୫ ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରି ବିଭିନ୍ନ ସ୍ଥାନକୁ ଯାଇଥିବା ଜଣାଯାଇଛି। ରବିବାର ଦିନ ସକାଳୁ ନନ୍ଦିପଦା ପୁଲିସ ଅପହୃତ କରିଥିବା ଯୁବକ ବେଲବାହାଳି ଅଞ୍ଚଳ ର ଲିପୁନ ବାରିକ୍ ବୋଲି ଜାଣିବା ପରେ ସନାତନ ଙ୍କୁ ଟୋଲଙ୍କ ପଡ଼ା ଜଙ୍ଗଲ ରୁ ଉଦ୍ଧାର କରିଥିଲେ। ପରେ ଅପହରଣ କରିଥିବା ଲିପୁନ୍ କୁ ନେଇ ନନ୍ଦିପଦା ପୁଲିସ କିପରି ଗତ କାଲି ଘଟଣା ଘଟାଇଥିଲା ଲିପୂନ୍ ପୁରା ସିନ ରିକ୍ରୀଏସନ୍ କରିଥିଲା। ପୁରା ଘଟଣା ଟଙ୍କା ନେଣ ଦେଣ ପ୍ରକ୍ରିୟା କୁ ଆରମ୍ଭ ହୋଇଥିଲା। ଆଗକୁ ଘାଟଣା କି ରୂପ ନେଉଛି ତାକୁ ହିଁ ଅପେକ୍ଷା।

# ବୋଲବମ ଡିଜେ ସାଉଣ୍ଡ ଉପରେ ପୋଲିସର ରହୁନି କଟକଣା

## ଶବ୍ଦ ପ୍ରଦୂଷଣ ଯୋଗୁଁ ଚିନ୍ତାରେ ହାଟ ରୋଗି ଓ ମେଡିକାଲ କର୍ତୃପକ୍ଷ
## ଯାଜପୁର ଏସପି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଦାବି

*ଦଶରଥପୁର,(ମହାଭାରତ) :* ଶ୍ରାବଣ ମାସ ଆରମ୍ଭ ହୋଇଥିବା ବେଳେ ଯାଜପୁର ଗଡ଼ ଗଡିଆ ଘାଟରୁ କାଉଡିଆ ମାନେ ପାଣିଭାର ନେଇ ଭଦ୍ରକ ଜିଲ୍ଲାସ୍ଥ ବାବା ଆଖଣ୍ଡଳମଣି ପୀଠକୁ ଯାଜପୁର କୟାଁଗୋଲା ଜାତୀୟ ରାଜପଥ ଦେଇ ହଜାର ହଜାର ସଂଖ୍ୟାରେ ଆଜି ଯାଉଥିବା ଦେଖିବା ପାଇଁ ମିଳିଛି । ମାତ୍ର କାଉଡିଆ ମାନେ ପାଣିଭାର ନେଇ ଯିବା ସମୟରେ ଡିଜେ ବଜାଇ ଗୀତର ତାଳେ ତାଳେ ନାଚି ନାଚି ଯାଉଥିବା ବେଳେ ଏହା ଦେଖିବା ପାଇଁ ଜାତୀୟ ରାଜପଥ ଦେଇ ଯାଇଥିବା ସମସ୍ତ ଛକ ମାନଙ୍କରେ ଲୋକ ମାନଙ୍କର ଭିଡ଼ ଦେଖିବାକୁ ମିଳିଛି । ଏପରି ସ୍ଥଳେ ଡିଜେ ବଜାଇ ଯାଉଥିବା ଡିଜେ ଗାଡି ଗୁଡିକ ଏତେ ମାତ୍ରାରେ ସାଉଣ୍ଡ ଦେଇ ଗୀତ ବଜାଇ ଯାଉଛନ୍ତି ଯାହାକି ରାସ୍ତାରେ ଯାଉଥିବା ସାଧାରଣ ଲୋକ ମାନଙ୍କର ଛାତି ଥରି ଉଠୁଛି । ଡିଜେ ଗୁଡିକ ଗୀତ ବଜେଇବା ସହ ଭାଇବ୍ରେଟ କରି ଯିବା ଫଳରେ ବୟସ୍କ, ବୃଦ୍ଧ, ବିଭିନ୍ନ ରୋଗି ମାନେ ଏହାର ଶିକାର ହେଉଛନ୍ତି । ଏପରିକି ଏହି ଡିଜେ ଗୁଡିକର ସାଉଣ୍ଡ ଏତେ ପରିମାଣରେ ବାଜୁଛି ଯାହାକି ହାର୍ଟ ରୋଗି ମାନଙ୍କ ପାଇଁ ବିପଦର କାରଣ ସାଜିଛି । ସେହିପରି ଯାଜପୁର ଠାରୁ ଆଖଣ୍ଡଳମଣି ଯିବା ରାସ୍ତାରେ ଯାଜପୁର, ଦଶରଥପୁର, ମଙ୍ଗଳପୁର, କୟାଁଗୋଲା ଓ ଆଖଣ୍ଡଳମଣି ଠାରେ ମିଶି ମୋଟ ୫ ଗୋଟି ମେଡିକାଲ ଜାତୀୟ ରାଜପଥକୁ ଲାଗି ରହିଥିବା ବେଳେ କାଉଡିଆ ମାନଙ୍କର ଡିଜେ ସାଉଣ୍ଡ ଏତେ ଜୋରରେ ବାଜୁଛି ଯାହାକି ରୋଗି ମାନଙ୍କ ଉପରେ ପ୍ରଭାବ ପକେଇବା ସହ ରୋଗି ସେବା କରିବାରେ ଡାକ୍ତର ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସେହିପରି ରାସ୍ତାରେ ଡିଜେ ବଜାଇ କାଉଡିଆ ମାନେ ଯିବା ସମୟରେ ଯେଉଁ ସ୍ଥାନ ମାନଙ୍କରେ ବଜାର ଗୁଡିକ ପଡୁଛି ସେହି ସ୍ଥାନରେ ଡିଜେ ସାଉଣ୍ଡର ପରିମାଣ ଅତ୍ୟଧିକ ହେତୁ ଦୋକାନ ଗୁଡିକର କବାଟ ଝରକା ହଲିବା ସହ ଶବ୍ଦ ପ୍ରଦୂଷଣ ପାଇଁ ସେମାନେ ବେପାର କରିବାରେ ମଧ୍ୟ ଘୋର ଅସୁବିଧାରେ ସମ୍ମୁଖୀନ ହେଉଥିବା ଦେଖିବା ପାଇଁ ମିଳିଛି । ସେହିପରି ରାସ୍ତା ସାରା ଡିଜେ ସାଉଣ୍ଡ ଏତେ ପରିମାଣରେ ବାଜୁଛି ଯାହାକି ଜରୁରୀ କାଳୀନ କ୍ଷେତ୍ରରେ ଆମ୍ବୁଲାନ୍ସ କିମ୍ବା ଦମକଳ କେନ୍ଦ୍ରକୁ ଫୋନ କଲେ ମଧ୍ୟ କଥାବାର୍ତ୍ତା ଶୁଭା ଯାଉନଥିବା ନେଇ ସାଧାରଣରେ ଅଭିଯୋଗ ହେଉଛି । ଶବ୍ଦ ପ୍ରଦୂଷଣ ପାଇଁ ରାସ୍ତାରେ ଯାଉଥିବା ଗାଡି ଗୁଡିକର ହର୍ନ ସାଧାରଣ ଲୋକ ମାନଙ୍କୁ ନାଶୁଭିବା ଦ୍ୱାରା ଅନେକ ସମୟରେ ଛୋଟ ବଡ଼ ଦୁର୍ଘଟଣା ମଧ୍ୟ ଘଟୁଥିବାର ଦେଖିବା ପାଇଁ ମିଳିଛି । ମୁଖ୍ୟ ରାସ୍ତା କଡରେ ଯେଉଁ ମାନେ ଘର କରି ରହିଛନ୍ତି ସେମାନେ ଶନିବାର ଠାରୁ ଆରମ୍ଭ କରି ସୋମବାର ରାତି ପର୍ଯ୍ୟନ୍ତ ଦିନ ରାତି କବାଟ ଝରକା ବନ୍ଦ କରି ଘର ଭିତରେ ରହିବା ମଧ୍ୟ ସେମାନଙ୍କ ପାଇଁ ଚିନ୍ତାର କାରଣ ସାଜିଛି । ସେହିପରି ଯାଜପୁରରୁ ବାବା ଆଖଣ୍ଡଳମଣି ପର୍ଯ୍ୟନ୍ତ ରାସ୍ତାରେ ଯାଜପୁର, ଦଶରଥପୁର, ମଙ୍ଗଳପୁର, ଆଖଣ୍ଡଳମଣି ଥାନା ରହିଥିବା ବେଳେ ରାମବାଗ ଠାରେ ଏକ ପୋଲିସ ବିଟ ହାଉସ ରହିଛି । କାଉଡିଆ ମାନେ ଏତେ ଜୋରରେ ଡିଜେ ବଜାଇ ଆସୁଥିଲେ ମଧ୍ୟ ପୋଲିସ ପକ୍ଷରୁ ସେମାନଙ୍କୁ ସାଉଣ୍ଡ କମ କରି ବଜେଇବା ପାଇଁ ସଚେତନତା କରାଯାଉ ନଥିବାରୁ କାଉଡିଆ ମାନେ ବେପରୁଆ ଭାବେ ମନଇଚ୍ଛା ସାଉଣ୍ଡ ବଜାଇ ଆସୁଥିବା ନେଇ ଜନସାଧାରଣରେ ଅଭିଯୋଗ ହୋଇଛି । ଆଗକୁ ଶ୍ରାବଣ ମାସର ଆହୁରି ୪ ଟି ସୋମବାର ଥିବା ବେଳେ ଶନିବାର ଠାରୁ ସୋମବାର ପର୍ଯ୍ୟନ୍ତ ପ୍ରତେକ ଥାନା ଅଧିନରେ ପୋଲିସ ମୁତୟନ କରାଯାଇ ସାଉଣ୍ଡ ଚେକିଂ ବ୍ୟବସ୍ଥା କରାଇଲେ ସାଧାରଣ ଲୋକ ମାନଙ୍କ ଠାରୁ ଆରମ୍ଭ କରି, ରୋଗି, ବୟସ୍କ, ବୃଦ୍ଧ ସମସ୍ତେ ଉପକୃତ ହୋଇପାରିବେ । ତେଣୁ ଏଥିପ୍ରତି ଯାଜପୁର, ରାମବାଗ, ଦଶରଥପୁର, ମଙ୍ଗଳପୁର, ଆଖଣ୍ଡଳମଣି ପୋଲିସ ପକ୍ଷରୁ କିପରି କାଉଡିଆ ମାନେ ସାଙ୍ଗରେ ନେଇ ଆସୁଥିବା ଡିଜେ ଗୁଡିକର ସାଉଣ୍ଡ କମ ପରିମାଣରେ ବଜେଇ ଆସିବେ ସେଥିପ୍ରତି ଦୃଷ୍ଟି ଦେବାକୁ ଅଞ୍ଚଳ ବାସି ମାନଙ୍କ ପକ୍ଷରୁ ଦାବି ହୋଇଛି ।

# ଅଡାମାହା ଗ୍ରାମକୁ ସଂଯୋଗ କରୁଥିବା କଚ୍ଚା ରାସ୍ତା ପାଲଟିଛି ମରଣଯନ୍ତା

**ବିଷମ କଟକ,(ମହାଭାରତ) :**ରାୟଗଡ଼ା ଜିଲ୍ଲା ଅନ୍ତର୍ଗତ ଚନ୍ଦ୍ରପୁର ବ୍ଲକ ଅଧିନସ୍ଥ ଚନ୍ଦ୍ରପୁର ଗ୍ରାମ ପଞ୍ଚାୟତ ର ଅଡାମାହା ଗ୍ରାମ ର ଦୃଶ୍ୟ। ଅଡାମାହା ଗ୍ରାମ କୁ ଯିବା ପାଇଁ ଭଲ ରାସ୍ତା ଖଣ୍ଡିଏ ନାହିଁ ଭାରତ ସ୍ୱାଧୀନ ହୋଇ ୭୭ ବର୍ଷ ପରେ ମଧ୍ୟ ଏଭଳି ଅସୁବିଧା ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳୁଛି। ମାତ୍ର ଚନ୍ଦ୍ରପୁର ବ୍ଲକ ଚନ୍ଦ୍ରପୁର ଗ୍ରାମ ପଞ୍ଚାୟତ ଠାରୁ ପ୍ରାୟ ୮ କିମି ଦୁରରେ ଅବସ୍ଥିତ ଅଡାମାହା ଗ୍ରାମ। ଅଡାମାହା ଠାରୁ ବନ୍ଧାରି ଗ୍ରାମ କୁ ସଂଯୋଗ କରୁଥିବା ରାସ୍ତା ମରଣଯନ୍ତା ପାଲଟି ଥିବା ଦେଖିବାକୁ ମିଳୁଛି। ବର୍ଷା ହେଲେ ଏହି ରାସ୍ତା ରେ ନଚାଲିବା ଭଲ । ଖାଲ ଢିପ ସହ କାଦୁଅ ଖସଡ଼ା କଚ୍ଚା ରାସ୍ତା ଦେଇ ଯିବା କୁ ପଡ଼ିଥାଏ ଏହି ଅଡାମାହା ଗ୍ରାମ କୁ



। ଏହି ଗ୍ରାମ ର ଲୋକ ଚନ୍ଦ୍ରପୁର ମୁଖ୍ୟ ଡାକ୍ତରଖାନାକୁ ଯିବା ପାଇଁ ହେଲେ ବହୁ ସତର୍କ ତା ସହ ଯିବା କୁ ପଡ଼ିଥାଏ। ଏହି କ୍ଷେତ୍ରରେ ଅନେକ ରୋଗୀ ମାନଙ୍କ ସହ ସାଧାରଣ ଲୋକେ ମଧ୍ୟ ହନ୍ତସନ୍ତ ହେବା ସହ ଅନେକ ଲୋକ ଖସଡ଼ା ରାସ୍ତା ଯୋଗୁଁ ବାଇକ୍ ରେ ଯିବାଆସିବା କରୁଥିବା ଲୋକେ ପଡି ଯିବାର ସମ୍ଭାବନା ମଧ୍ୟ ରହିଥିବା ଦେଖିବାକୁ ମିଳିଛି। ଏବଂ ରୋଗୀମାନଙ୍କୁ ଡାକ୍ତରଖାନାକୁ ନେବା ପାଇଁ କାନ୍ଧରେ ବୋହି ନେବାକୁ ପଡ଼ିଥାଏ। ଏଠାକୁ ଆମ୍ବୁଲାନ୍ସ ସେବା ଆସିବା ପାଇଁ ସାତ ସପନ ହୋଇଯାଇଛି। ସେହିପରି ସ୍ୱାସ୍ଥ୍ୟ ଓ ଶିକ୍ଷା ର ମଧ୍ୟ ବାଟବଣା ହୋଇ ଥିବା ଦେଖିବାକୁ ମିଳୁଛି। ନା ଅଛି ଅଙ୍ଗନୱାଡ଼ି କେନ୍ଦ୍ର କୁ ଯିବା ପାଇଁ ସୁବିଧା ନା ଅଛି ବିଦ୍ୟାଳୟ କୁ ଯିବା ପାଇଁ ସୁବିଧା । ଅଙ୍ଗନୱାଡ଼ି ର ସୁବିଧା ପାଇବା ପାଇଁ ହେଲେ ୩ କିଲୋମିଟର ଦୂର ରେ ଥିବା ବନ୍ଧାରି ଗ୍ରାମରେ ଅବସ୍ଥାପିତ ଅଙ୍ଗନୱାଡ଼ି କେନ୍ଦ୍ରକୁ ଯିବାକୁ ପଡିଥାଏ। ଏନେଇ ବହୁ ବାର ପଞ୍ଚାୟତ ସରପଞ୍ଚ ଙ୍କ ଠାରୁ ଆରମ୍ଭ କରି ବ୍ଲକ ବିଡ଼ିଓ ଓ ରାୟଗଡ଼ା ଆରଡି ଜେଇ ଙ୍କୁ ମଧ୍ୟ ଲିଖିତ ଅଭିଯୋଗ କରିଥିବା କହିଛନ୍ତି ଗ୍ରାମ ବାସି। ଏହି ଦିଗରେ ପ୍ରଶାସନିକ ଓ ପ୍ରଶାନ ଅଧିକାରୀ କିମ୍ବା ରାଜନୈତିକ ଗଣ ମଧ୍ୟ ଦୃଷ୍ଟି ଦେଇନଥିବା ଜଣାପଡିଛି। ଏହି ଲିଖିତ ଅଭିଯୋଗ ର କୌଣସି ସୁଫଳ ମିଳିନଥିବା ଅଭିଯୋଗ କରୁଛନ୍ତି ଗ୍ରାମବାସୀ। ଏହି ଦିଗରେ ତୁରନ୍ତ ରାସ୍ତା ର ମରାମତି ପାଇଁ ଦାବି କରୁଛନ୍ତି ଗ୍ରାମବାସୀ।

# ଦୁର୍ଘଟଣା କରି ଟ୍ରକ୍ ଫେରାର ; ଚାଲିଗଲା ଜୀବନ



**ହାଟଡିହି,(ମହାଭାରତ) :** ଶନିବାର ଦିନ ବିଳମ୍ବିତ ରାତିରେ କେନ୍ଦୁଝର ରୁ କାମ ସାରି ଫେରୁଥିବା ବେଳେ ହାଟଡିହି ପଞ୍ଚାୟତ କୁଣ୍ଡିସାହି ଗ୍ରାମର ରବୀନ୍ଦ୍ର ପେରେଇ ଙ୍କ ବଡ ପୁଅ ବାପୁନ୍ ପେରେଇ କେନ୍ଦୁଝର ରୁ କୌଣସି କାମ ସାରି ଘରକୁ ଫେରି ଆସୁଥିବା ବେଳେ ବିଳମ୍ବିତ ରାତିରେ ଅଜଣା ଟ୍ରକ୍ ଧକ୍କା ରେ ଗୁରୁତର ଆହତ ହୋଇ ପଡ଼ିରହିଥବା ବେଳେ ସ୍ଥାନୀୟ ଯୁବକ ମାନେ ଆମ୍ବୁଲାନ୍ସ ଯୋଗେ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କୁ ପଠାଇ ଦେଇଥିଲେ। ଯାହାକୁ ଡାକ୍ତର ପ୍ରାଥମିକ ଚିକିତ୍ସା କରିବା ପରେ ଗୁରୁତର ଆହତ ବାପୁନ୍ ଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଏହି ବିଷୟ ରେ ପରିବାର ଲୋକେ ନନ୍ଦିପଦା ପୁଲିସ ନିକଟରୁ ସୂଚନା ପାଇବା ପରେ କେନ୍ଦୁଝର ଯାଇ ମୃତ ଦେହ ବ୍ୟବଛେଦ କରି ନିଜ ଗାଁ କୁ କୁଣ୍ଡିସାହି କୁ ଆଣିଥିଲେ।

# ଭରା ନଦୀ ରେ ଭାସି ଯାଉଥିବା ଯୁବକ ଉଦ୍ଧାର !

**କପ୍ତିପଦା,(ମହାଭାରତ) :** ଶିମିଳିପାଳ ର ଉପର ମୁଣ୍ଡା ରେ ଗତ କାଲି ରାତି ରେ ବର୍ଷା ବୃଦ୍ଧି ଯୋଗୁ ଦେଓ ନଦୀରେ ବଢିଛି ଜଳସ୍ତର। ଉଦଳା ବ୍ଲକ କଇଁସାରି ଜାମୁଘାଟ ଅସ୍ଥାୟୀ ପୋଲ ଉପରେ ୪ ଫୁଟର ପାଣି ପ୍ରବାହିତ ହେଉଛି। ଯାହା ଦ୍ୱାରା କି ଉଦଳା - ବାଲେଶ୍ୱର ଯୋଗାଯୋଗ ବାଧାପ୍ରାପ୍ତ ହୋଇଛି। ତେବେ ଆଜି ବର୍ଷା ନଥିବା ବେଳେ ଉପର ମୁଣ୍ଡା ରେ ବର୍ଷା ଯୋଗୁ ଜଳ ସ୍ତର ବଢୁଛି। ତେବେ ଆଜି ଜଣେ ଯୁବକ ନଦୀ ରେ ଭାସି ଯାଉଥିବା ବେଳେ ସ୍ଥାନୀୟ ଲୋକ ମାନେ ଉଦ୍ଧାର କରିଥିବା ଲାଇଭ ଭିଜୁଆଲ ରେ ରେକର୍ଡ ହୋଇଛି। ଯୁବକ ଜଣକ ସାମାନ୍ୟ ଆହତ ହୋଇଥିବା ବେଳେ ଉଦ୍ଧାର ହୋଇଥିବା ଯୁବକ ଜଣକ ଜାମୁଘାଟ ଗ୍ରାମ ର କାନ୍ଦନ ମୁର୍ମୁ ବୋଲି ଜଣା ପଡିଛି।



# ଆରମ୍ଭ ହେଲା ଶ୍ରାବଣ ମାସ, କାଉଁଡିଆ ସଜବାଜ

**ହାଟଡିହି, (ମହାଭାରତ) :** ଶ୍ରାବଣ ମାସରେ ପ୍ରଥମ ସୋମବାର ରେ କାଉଡ଼ିଆ ମାନଙ୍କର ଭିଡ



ଦେଖିବାକୁ ମିଳିଛି। ମାସର ପ୍ରଥମ ସୋମ ବାରରେ ବିଭିନ୍ନ ଗାଁ ରୁ ଯୁବକ ମାନେ ନିଜ ନିଜ ର ମାନସିକ ପୂରଣ କରିବା ପାଇଁ ଆରାଧ ଦେବତା ପ୍ରଭୁ ଶିବ ଶଙ୍କରଙ୍କ ମସ୍ତକ ରେ ଜଳ ଲାଗି କରିବା ପାଇଁ ଦୂରଦୂରାନ୍ତ ରୁ ଖାଲି ପାଦ ରେ ଜଳ ଧରି ଆସିଥାନ୍ତି। ସୋମବାର ଦିନ ମୁଗୁପୁର୍ ଉତରେଶ୍ୱର ଓ ଗଡ଼ଚଣ୍ଡି, କପିଳେଶ୍ୱର, ହଟକେଶ୍ୱର, ଚକ୍ରତିଥ ଆଦି ଶୈବ ପୀଠ ଗୁଡ଼ିକ ରେ ଭିଡ ପରିଲକ୍ଷିତ ହେବ ବୋଲି ଆଶା କରାଯାଉଛି। ଯାହାକୁ ନେଇ ବିଭିନ୍ନ ଶୈବ ପୀଠ ମାନଙ୍କ ଚଳ ଚଞ୍ଚଳ ହୋଇଥିବା ଦେଖିବାକୁ ମିଳେ।

# ନିର୍ମାଣଧିନ ମାର୍କେଟ କମ୍ପ୍ଲେକ୍ସରେ ଥଇଥାନ ମୁହାଁ ବେକାରୀ ଜଳକା !

**ଜୁନାଗଡ଼,(ମହାଭାରତ) :** ସରକାର ଗ୍ରାମାଞ୍ଚଳରେ ସ୍ଥାୟୀ ଭୂତିଭୂମି ସୃଷ୍ଟି କରିବା ସହିତ ସ୍ଥାନୀୟ ବେକାର ଯୁବକ ଯୁବତୀଙ୍କୁ ନିଯୁକ୍ତି ସହାୟକ ଦିଗରେ ପଦକ୍ଷେପ ସ୍ୱରୂପ ପଞ୍ଚାୟତ ଅଧୀନରେ ଗ୍ରାମ ମାନଙ୍କ ପ୍ରମୁଖ ସ୍ଥାନରେ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କରିଛନ୍ତି। ହେଲେ ଅନେକ ଜାଗାରେ ବହୁ ଦିନଧରି ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ଅଧପନ୍ତରୀୟା ହୋଇ ରହି ପଡ଼ିଥିବାରୁ ଲୋକେ ସୁବିଧାରୁ ବଂଚିତ ହେଉଛନ୍ତି । ଏପରି ଏକ ସ୍ୱଷ୍ଟଚିତ୍ର ଦେଖିବାକୁ ମିଳିଛି ଜୁନାଗଡ଼ ବ୍ଲକର ସନ୍ନ୍ୟାସୀ କୁଣ୍ଡାମାଲ ପଞ୍ଚାୟତରେ । ସନ୍ନ୍ୟାସୀ କୁଣ୍ଡାମାଲ୍ ମାର୍କେଟ କମ୍ପ୍ଲେକ୍ସ ଛାତ ପଡ଼ିଯାଇଥିଲେ ହେଁ ଅନନ୍ୟ ଆନୁଷଙ୍ଗିକ କାର୍ଯ୍ୟ ପରିସମାପ୍ତ ହୋଇଥିବାରୁ ତାହା ଲୋକଙ୍କ କାର୍ଯ୍ୟକୁ ଆସୁନାହିଁ। ଏହା ବର୍ତ୍ତମାନ ପରିତିଓ୍ୱାତ୍ୱ ଅବସ୍ଥାରେ ପଡ଼ିରହି ଅସାମାଜିକ ଲୋକ ଓ ବୁଲା ଗାଈ ଗୋରୁଁଙ୍କ ଆଡାସ୍ଥଳୀ ପାଲଟିଛି। ନା ମାର୍କେଟ କମ୍ପ୍ଲେକ୍ସ ସମ୍ପୂର୍ଣ୍ଣ ନିର୍ମାଣ ହୋଇପାରୁଛି, ନା ଲୋକେ ସେଠୀ ନିଯୁକ୍ତି ସୁଯୋଗ ପାଇ ପାରୁଛନ୍ତି । ଏହା ଜୈନିକ ଠିକାଦାର ବେପାରୁଆ ମନୋଭାବ ଓ ପଂଚାୟତ ପ୍ରଶାସନର ଅଣଦେଖା ଯୋଗୁଁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି । ଏହି ଅର୍ଦ୍ଧନିର୍ମିତ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣର ଏକ ବିଧିବଦ୍ଧ ଉଚ୍ଚ ସ୍ତରୀୟ ତଦନ୍ତ କରାଯାଇ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ଯଥା ଶୀଘ୍ର ସମ୍ପୂର୍ଣ୍ଣ କରିବାକୁ ବୁଦ୍ଧିଯିବି ମହଲରେ ଦାବି ହେଉଛି ।

# ସ୍ୱର୍ଗତ ଗୁରୁ ଡକ୍ଟର ଦେବପ୍ରସାଦ ଦାସଙ୍କଶ୍ରଦ୍ଧାଞ୍ଜଳୀ ସମାରୋହ

**ଭୁବନେଶ୍ୱର,(ମହାଭାରତ) :** ତ୍ରିଧାରା ଓ ହେଲଥ୍ ଅନ୍ ଟପ୍ ର ମିଳିତ ଆନୁକୂଲ୍ୟରେ ଭୁବନେଶ୍ୱର ସ୍ଥିତ ରବୀନ୍ଦ୍ର ମଣ୍ଡପ ଠାରେ ଓଡ଼ିଶୀ ନୃତ୍ୟର ମହାଗୁରୁ ସ୍ୱର୍ଗତ ଗୁରୁ ଡକ୍ଟର ଦେବପ୍ରସାଦ ଦାସଙ୍କ ୩୮ତମ ଶ୍ରଦ୍ଧାଞ୍ଜଳୀ ସମାରୋହ ଦୁଇ ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ରୂପେ ଓଡ଼ିଶାର ରାଜ୍ୟପାଳ ଶ୍ରୀ ରଘୁବର ଦାସ , ସମ୍ମାନୀତ ଅତିଥି ରୂପେ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ଦିଲୀପ ରାଉତରାଏ , ତ୍ରିଧାରା ସ୍ୱର୍ଣ୍ଣ ସମାରୋହ କମିଟିର ଅଧ୍ୟକ୍ଷ ଶ୍ରୀ ଗୌରବ ରଲହନ , କାର୍ଯ୍ୟକାରୀ ସଭାପତି ସୀମାଞ୍ଚଳ ପଣ୍ଡା , ନିର୍ଦ୍ଦେଶକ ଗୁରୁ ଡକ୍ଟର ଗଜେନ୍ଦ୍ର ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଓଡ଼ିଶା ତଥା ଓଡ଼ିଶା ବାହାରୁ ୫୦୦ରୁ ଉର୍ଦ୍ଧ୍ୱ ନୃତ୍ୟାଙ୍ଗନା ମାନେ ନୃତ୍ୟ ପରିବେଷଣ କରିଥିଲେ। ଏତଦ୍ ବ୍ୟତୀତ ବିଶିଷ୍ଟ ଗୁରୁମାନଙ୍କୁ ଓ ବରିଷ୍ଠ ନୃତ୍ୟଶିଳ୍ପୀ ଅର୍ଥାତ୍ ୨୫ ଜଣଙ୍କ ମଧ୍ୟରୁ ପାରଳାଖେମୁଣ୍ଡିର ଓଡ଼ିଶୀ ନୃତ୍ୟାଙ୍ଗନା ଶ୍ରୀମତୀ ଡି.ପ୍ରିୟଙ୍କାଙ୍କୁ ଗୁରୁ ଦେବପ୍ରସାଦ ଦାସ ନୃତ୍ୟ ରତ୍ନ ଉପାଧିରେ ସମ୍ମାନନୀୟ ରାଜ୍ୟପାଳ ଶ୍ରୀ ରଘୁବର ଦାସଙ୍କ ଦ୍ୱାରା ସମ୍ମାନୀତ କରାଯାଇଥିଲା ଏବଂ ତାଙ୍କରି ନୃତ୍ୟ ନିର୍ଦ୍ଦେଶନାରେ ତାଙ୍କରି ଶିଷ୍ୟା ମାନେ ପଲ୍ଲୀନୃତ୍ୟକୁ ପରିବେଷଣ କରି ସମସ୍ତ ଅତିଥି ଓ ଦର୍ଶକଙ୍କ ହୃଦୟ ଜିଣିଥିଲେ।

# ଭଞ୍ଜକଳା ମଣ୍ଡପରେ ଗଜପତି ଜିଲ୍ଲାର କଳାକାର ସମ୍ମାନୀତ

**ଭୁବନେଶ୍ୱର,(ମହାଭାରତ) :** ଓଡ଼ିଶାର ରାଜଧାନୀ ଭୁବନେଶ୍ୱର ଠାରେ ଥିବା ଭଞ୍ଜ କଳା ମଣ୍ଡପରେ ଓଡ଼ିଶାର ଅଗ୍ରଣୀ ନୃତ୍ୟ ଅନୁଷ୍ଠାନ ପଦାମୃତ ନୃତ୍ୟାୟନ ଏବଂ ଭାରତ ସରକାରଙ୍କର ସଂସ୍କୃତି ବିଭାଗ ଓ ରାଜ୍ୟ ସଂସ୍କୃତି ବିଭାଗର ମିଳିତ ଆନୁକୂଲ୍ୟରେ ଏକ ସାଂସ୍କୃତିକ



କାର୍ଯ୍ୟକ୍ରମ ଚତୁର୍ଥ ବିମୁଗ୍ଧା ୨୦୨୪ ମହା ସମାରୋହରେ ପାଳିତ ହୋଇ ଯାଇଛି।ଏହି ଉତ୍ସବରେ ସନ୍ଧ୍ୟା କାଳୀନ ଅଧିବେଶନରେ ପଦ୍ମଶ୍ରୀ ପୁରସ୍କାର ପ୍ରାପ୍ତ ଗୁରୁ ଶ୍ରୀମତି ଅରୁଣା ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର ପ୍ରାପ୍ତ ବିଶିଷ୍ଟ ମର୍ଦ୍ଦଳ ବାଦକ ଗୁରୁ ଧନେଶ୍ୱର ସ୍ୱାଇଁ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର ପ୍ରାପ୍ତ ବିଶିଷ୍ଟ ଓଡିଶୀ ସଙ୍ଗୀତ କଣ୍ଠଶିଳ୍ପୀ ଗୁରୁ ରଘୁନାଥ ପାତ୍ର, ଓଡିଶୀ ନୃତ୍ୟ ଶିଳ୍ପୀ ତଥା ଦୂରଦର୍ଶନ ଅଭିନେତ୍ରୀ ଗୁରୁ ଶ୍ରୀମତି ପ୍ରତିଭା ପଣ୍ଡା,ବିଶିଷ୍ଟ ନାଟ୍ୟ କର୍ମୀ ତଥା ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ନୃସିଂହ ଚରଣ ପଟ୍ଟନାୟକ ପ୍ରମୁଖ ବିଶିଷ୍ଟ ବ୍ୟକ୍ତି ଅନ୍ୟତମ ଅତିଥି ଭାବେ ମଞ୍ଚ ସିନ ଥିଲେ।ଏଥିରେ ବିଭିନ୍ନ ଅନୁଷ୍ଠାନର କୃତି ଛାତ୍ରଛାତ୍ରୀମାନେ ଓଡିଶୀ ନୃତ୍ୟ ପ୍ରତିଯୋଗିତାରେ ଶ୍ରେଷ୍ଠତ୍ୱ ପ୍ରଦାନ କରି ପୁରସ୍କୃତ ହୋଇଥିଲେ।ଏହି ପରିପ୍ରେକ୍ଷୀରେ ଗଜପତି ଜିଲ୍ଲାର ପାରଳାଖେମୁଣ୍ଡି ମାଟିର କୃତି ସନ୍ତାନ ତଥା ମଞ୍ଚ ଅଭିନେତା, ନିର୍ଦ୍ଦେଶକ, ନାଟ୍ୟ କାର ତଥା ଆକାଶବାଣୀ ଜୟପୁରର ସ୍ୱୀକୃତିପ୍ରାପ୍ତ କଳାକାର (ନାଟକ ବିଭାଗ) ମନୋଜ କୁମାର ପାଢୀ (ମୁନା)ଙ୍କୁ ବିମୁଗ୍ଧା ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇ ଥିଲା।ଉକ୍ତ କାର୍ଯ୍ୟକ୍ରମରେ ଭୁବନେଶ୍ୱରରେ ଗଜପତି ଜିଲ୍ଲାନିବାସୀ ବହୁ ବିଶିଷ୍ଟ ବ୍ୟକ୍ତି ଏବଂ ଛାତ୍ର ଛାତ୍ରୀ ମାନଙ୍କର ଅଭିଭାବକ ଓ ଜ୍ଞାନୀ,ଗୁଣୀ ବ୍ୟକ୍ତି ଉପସ୍ଥିତ ଥିଲେ।କାର୍ଯ୍ୟକ୍ରମ କୁ ସମ୍ପାଦକ ସୀତାକାନ୍ତ ଜେନାଙ୍କ ଅନୁଷ୍ଠାନର ଗୁରୁ ବିନ୍ଦୁପ୍ରିୟା ବେହେରା ଓ ପ୍ରିତିପ୍ରିୟା ବେହେରା ପରିଚାଳନା କରି ଥିଲେ।ଏହି କଳାକାରଙ୍କୁ ରାଜଧାନୀରେ ସମ୍ମାନିତ କରିଥିବା ଯୋଗୁଁ ଗୁରୁ ରଘୁନାଥ ପାତ୍ର, କ୍ରିଏଟିଭ ଆର୍ଟସ ସଭାପତି ନୃସିଂହ ଚରଣ ପଟ୍ଟନାୟକ,ରାଜ୍ କିଶୋର ପାଣିଗ୍ରାହୀ,ରମେଶ ଚୌଧୁରୀ ପ୍ରମୁଖ ନାଟ୍ୟଶିଳ୍ପୀ ମନୋଜ କୁମାର ପାଢୀ ଙ୍କୁ ଶୁଭେଚ୍ଛା ଜଣେଇବା ସହ ପଦାମୃତ ନୃତ୍ୟ ଅନୁଷ୍ଠାନକୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଜେ ଆର ଡି ଟାଟାଙ୍କ ଜନ୍ମଉତ୍ସବ ଉପଲକ୍ଷେ ରକ୍ତଦାନ ଶିବିର

**କଣିହାଁ ବ୍ଲକ(ମହାଭାରତ) :** ଏନ ଟି ପିସି ଟାଟା ପ୍ରୋଜେକ୍ଟ ଠାରେ ଜେ ଆର ଡ଼ି ଟାଟାଙ୍କ ୧୩୦ତମ ବାର୍ଷିକ ଜନ୍ମଉତ୍ସବ ଉପଲକ୍ଷେ ରକ୍ତଦାନ ଶିବିର ହୋଇଥିବା ବେଳେ ଏହି ରକ୍ତଦାନ ଶିବିର ଟାଟା ଅଫିସ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି । ଦେଶ ଗଠନରେ ଟାଟାଙ୍କର ଉତ୍ସର୍ଗୀକୃତ ସେବା ମନେପକାଇ ବିଶିଷ୍ଟ ବ୍ୟକ୍ତିମାନେ ତାଙ୍କର ବକ୍ତବ୍ୟ ଉପସ୍ଥାପନା



କରିଥିଲେ । ଏହି ରକ୍ତଦାନ ଶିବିରକୁ ଏନ ଟି ପିସିର ଇ,ଆଇ,ସି ଶ୍ରୀ ଶତ୍ରୁଘ୍ନ ବେହେରା,ଏନ ଟି ପିସିର ଡ଼ି,ଜି, ଏମ ସୌରଭ ବର୍ମା,ଟାଟାର ସି ଏମ ବିନ୍ଧ୍ୟାଞ୍ଚାଳ ପ୍ରତାପ, କାର୍ଯ୍ୟସ୍ଥଳୀ ଅଧିକାରୀ ସରୋଜ କୁମାର ପଟ୍ଟନାୟକ, ଏହି ରକ୍ତଦାନ ଶିବିରରେ ଦୀପଜାଳି ଅନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମକୁ ସଂଯୋଜନା ଓ ସହଯୋଗ କରିଥିଲେ ଶ୍ରୀନିବାସ ରେଡ଼ି,କର୍ମୀଙ୍କ ଅଧିକାରୀ ଟାଟା ପ୍ରୋଜେକ୍ଟ ଦିପକ ବାରିକ, କୁଳଦୀପ ସିଂ, ସୋମ୍ୟରଞ୍ଜନ ପରିଡା, ଦେବବ୍ରତ ଦାସ । ଟାଟା ପ୍ରୋଜେକ୍ଟ ର କର୍ମଚାରୀ ଓ ଅଫିସରଗଣ,ଏନ ଟି ପିସିର ଅଫିସର ଓ ସ୍ୱେଚ୍ଛାସେବୀ ମାନେ ରକ୍ତଦାନ କରିଥିଲେ । ତାଳଚେର ରକ୍ତଭଣ୍ଡାରର କର୍ମଚାରୀ ମାନେ ରକ୍ତଦାତାଙ୍କ ଠାରୁ ରକ୍ତ ସଂଗ୍ରହ କରିଥିଲେ । ମୋଟ ୯୬ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା ।

# ରାଜ୍ୟ ଭିନ୍ନକ୍ଷମ ଅୟୁକ୍ତ ଓଡ଼ିଶାଙ୍କ ଅଦାଲତ ଶିବିର ଅନୁଷ୍ଠିତ

**ଗଜପତି,(ମହାଭାରତ):** ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷ ଠାରେ ରାଜ୍ୟ ଭିନ୍ନକ୍ଷମ ଆୟୁକ୍ତ ଓଡ଼ିଶା ଓ ଜିଲ୍ଲାପ୍ରଶାସନ ମିଳିତ ଆନୁକୂଲ୍ୟରେ ଭିନ୍ନକ୍ଷମ ଅଦାଲତ ଶିବିର ଅନୁଷ୍ଠିତ ହୋଇଯାଇଅଛି । ଏହି ଶିବିରରେ ଶ୍ରୀମତୀ ବ୍ରତତୀ ହରୀଚନ୍ଦନ, ଅଧକ୍ଷ, ରାଜ୍ୟ ଭିନ୍ନକ୍ଷମ ଆୟୁକ୍ତଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିବା ବେଳେ ଶ୍ରୀ ପୂର୍ଣ୍ଣ ଚନ୍ଦ୍ର ସାହୁ, ଓଏସଡି. ଭିନ୍ନକ୍ଷମ ବିଭାଗ,ଭୁବନେଶ୍ୱର, ଶ୍ରୀ ସନ୍ତୋଷ କୁମାର ନାୟକ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଗଜପତି,ଶ୍ରୀ ସୁରେନ୍ଦ୍ର ବରାଳ,କାଉନସିଲର, ରାଜ୍ୟ ଭିନ୍ନକ୍ଷମ ଭିଭାଗ ଓଡ଼ିଶା, ପ୍ରମୁଖ ଉପସ୍ଥିତ ରହି ସମସ୍ତ କେଶକୁ ଶୁଣାଣି କରିଥିଲେ । ଆଜି ଗଜପତି ଜିଲ୍ଲାରେ ରାଜ୍ୟ ଭିନ୍ନକ୍ଷମ ଆୟୁକ୍ତଙ୍କ ଅଦାଲତ ଶିବିରରେ ୨୧ ଗୋଟି ଅଭିଯୋଗ କେଶ ଶୁଣାଣି ମଧ୍ୟରୁ ୧୭ ଅଭିଯୋଗକାରୀ ଉପସ୍ଥିତ ଥିଲେ । ସେଥି ମଧ୍ୟରୁ ୪ ଗୋଟି ଅଭିଯୋଗକୁ ତୁରନ୍ତ ଫୈସଲା କରାଯାଇ ସମାଧାନ କରାଯାଇଛି ଓ ୫ ଗୋଟି ନୂତନ ଅଭିଯୋଗ ଗ୍ରହଣ କରାଯାଇଛି, ସେଥିମଧ୍ୟରୁ ଦୁଇଜଣଙ୍କୁ ହୁଇଲ୍ ଚେୟାର ଓ ୩ ଜଣଙ୍କୁ ଟ୍ରାଏ ସାଇକେଲ ପ୍ରଧାନ କରାଯାଇଛି।



ରାଜ୍ୟ ସରକାର ସମାଜରେ ଭିନ୍ନକ୍ଷମ ଜନ ସାଧାରଣଙ୍କୁ ଅଧିକାରକୁ ଅଧିକ ଗୁରୁତ୍ୱ ଦେଉଛନ୍ତି, ସେମାନଙ୍କୁ ଯଥା ସମ୍ଭବ ସବୁ କାର୍ଯ୍ୟରେ ଯୋଗଦାନ କରିବାର ଅଧିକାର ଦେବା ଆମ ସମାଜର ପ୍ରଥମ କର୍ତ୍ତବ୍ୟ । ଭିନ୍ନକ୍ଷମ ମାନଙ୍କୁ ମୁଖ୍ୟ ସ୍ରୋତରେ ସାମିଲ କରିବା ଓ ନ୍ୟାୟ ଯୋଗାଇଦେବା ନିମନ୍ତେ ରାଜ୍ୟ ଭିନ୍ନକ୍ଷମ ଆୟୁକ୍ତ ଗଠନ କରାଯାଇଛି। ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଭିନ୍ନକ୍ଷମ ଭାଇ ଭଉଣୀ ମାନଙ୍କୁ ରାଜ୍ୟ ସରକାରଙ୍କ ସମସ୍ତ ଯୋଜନାକୁ ତ୍ୱରିତ୍ ଯୋଗେଇ ଦେବା ନିମନ୍ତେ ତତ୍ପରତା ସହ କାର୍ଯ୍ୟ କରି ଆସୁଛି। ବିଶେଷକରି ଭିନ୍ନକ୍ଷମ ଅଧିକାରକୁ ସୁରକ୍ଷିତ ରଖିବାପାଇଁ ସେମାନଙ୍କ ସାମାଜିକ, ଅର୍ଥନୈତିକ, ଶିକ୍ଷା, ସ୍ୱାସ୍ଥ୍ୟ କିଭଳି ସୁଦୃଢ ରହିବ ସେଥିପାଇଁ ରାଜ୍ୟ ସରକାର ଭିନ୍ନକ୍ଷମ ଅଧିକ ଗୁରୁତ୍ୱ ଦେଉଛନ୍ତି ବୋଲି ରାଜ୍ୟ ଭିନ୍ନକ୍ଷମ ଆୟୋଗର ଅଧକ୍ଷା କହିଥିଲେ। ଆଜିର ଭିନ୍ନକ୍ଷମ ଅଭିଯୋଗ ଶୁଣାଣି ଶିବିରରେ ଶ୍ରୀ ଲୋକନାଥ ଶବର, ଗୋଷ୍ଠୀ ଉନ୍ନୟନ ଅଧିକାରୀ ନୂଆଗଡ,ଶ୍ରୀ ଡ଼ମ୍ବୁରୁଧର ମଲ୍ଲିକ,ଗୋଷ୍ଠୀ ଉନ୍ନୟନ ଅଧିକାରୀ, କାଶୀନଗର, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀମତୀ ଉତ୍ସର୍ଗିତା ବଡରଇତ ,ଶ୍ରୀ ତୁଷାର ହେମ୍ବ୍ରମ,ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରୀ ଗଜପତି ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଓ ବିଭାଗୀୟ ସମସ୍ତ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।



# ମହାଭାରତ ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା






## ଆସିକା ଓକିଲ ସଙ୍ଘ ପକ୍ଷରୁ ନୂତନ ପ୍ରଣିତ ବି ଏନ ଏସ ଆଇନ ଆଲୋଚନା ଚକ୍ର ଅନୁଷ୍ଠିତ



ଆସିକା (ମହାଭାରତ): ଗତ ଜୁଲାଇ ୧ ଠାରୁ ସାରା ଦେଶ ରେ ପ୍ରଚଳିତ ହୋଇଥିବା ବି ଏନ ଏସ,ବିଏନଏସଏସ, ସି ପି ସି, ସି ଆର ପି ସି ଆଇନ ଉପରେ ଏକ ଆଲୋଚନା ଚକ୍ର ଆସିକା ଓକିଲ ସଂଘ ପକ୍ଷରୁ ଆସିକା ବାର କାଉନସିଲ ବୈଠକ ଗୃହରେ ଓକିଲ ସଂଘ ର ସଭାପତି ସଭାପତି ସୁଧାଂଶୁ ଶେଖର ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ଆଲୋଚନା ଚକ୍ରରେ ଅତିରିକ୍ତ ଜିଲ୍ଲା ଓ ଦୌରା ଜର୍ଜ ଚୌଧୁରୀ ପ୍ରବୀର କୁମାର,ସବଜର୍ଜ ସୌଦାମିନି ବିଶ୍ୱାଳ, ମୁନସିବ ଝିଲି ଲୀନା ନାୟକ,ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ମୋନାଲି ବେହେରା,ଉପଖଣ୍ଡ ଅରକ୍ଷୀ ଅଧିକାରୀ ସଞ୍ଜୟ କୁମାର ମହାପାତ୍ର,କୋଟିନଡ଼ା ଥାନା ଅଧିକାରୀ କୃଷ୍ଣଚନ୍ଦ୍ର ସାହା,ଓକିଲ ସଂଘ ଉପସଭାପତି ପ୍ରଭାତ କୁମାର ପାଢ଼ୀ, ସମ୍ପାଦକ ବିଦେଶୀ ନାହକ, ପ୍ରମୁଖ ଉପସ୍ଥିତ ରହି ନୂତନ ପ୍ରଣୟନ ଆଇନ ଉପରେ ବିଷଦ ଭାବରେ ଆଲୋଚନା କରାଯାଇଥିଲା ।ଏହି ବୈଠକ ରେ ଆସିକା ଓକିଲ ସଙ୍ଘ କୋଷାଧ୍ୟକ୍ଷ ସନ୍ତୋଷ କୁମାର ମିଶ୍ର, ରବିନ୍ଦ୍ର କୁମାର ପାତ୍ର, ସୁରେନ୍ଦ୍ର ନାଥ ପଣ୍ଡା, ସରୋଜ କୁମାର ତ୍ରିପାଠୀ ସର୍ ତେନ୍ଦୁ ପଣ୍ଡା, ଅଜିତ ପଟ୍ଟନାୟକ, ସୁଧାଂଶୁ ପାଣିଗ୍ରାହୀ, ଜୀ ସୂର୍ଯ୍ୟ ପ୍ରକାଶ ରାଓ, ଦେବରାଜ ମିଶ୍ର, ସୀମାଞ୍ଚଳ ମହାରଣା, ହର୍ସ ରଞ୍ଜନ ପାଢ଼ୀ, ରାଜେନ୍ଦ୍ର କୁମାର ପାତ୍ର, ନୀଳାମ୍ବର ବେହେରା, ପ୍ରମୁଖ ଉପସ୍ଥିତ ଥିଲେ। ଆଜିର ଏହି କାର୍ଯ୍ୟକ୍ରମ ରେ ଉପସ୍ଥିତ ବୁଦ୍ଧିଜୀବୀ ମାନଙ୍କୁ ଭାରତ ସରକାର ଙ୍କ ନୂଆଁ ଆଇନ ଉପରେ ତର୍ଜମା, ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ନାଗରିକ ସୁରକ୍ଷା ଆଇନ, ଭାରତୀୟ ସକ୍ଷକ୍ଷ୍ୟ ନିୟମ ଉପରେ ଆଲୋଚନା କରାଯାଇଥିଲା ।ଏହି କାର୍ଯ୍ୟକ୍ରମ ରେ ଅନ୍ୟ ମାନଙ୍କ ମଧ୍ୟ ପୂର୍ବତନ ସମ୍ପାଦକ ନାରାୟଣ ମୁନି,ଅଜିତ ନାୟକ, ଅଜିତ ମୁନି, ରୁଦ୍ର ପାଣିଗ୍ରାହୀ, ଶିବ ଶଙ୍କର ପାତ୍ର,ହୃଦାନନ୍ଦ ଜେନା,ବରିଷ୍ଠ ଆଇନ ଜୀବି ଭାସ୍କର ସ୍ୱାଇଁ, ସୁଧୀର କୁମାର ତ୍ରିପାଠୀ, ଭି. କୋଖନ ରାଓ, ନିର୍ମଳ କୁମାର ଦାସ,ମଧୁସ୍ମିତା ନାୟକ, ସଂଯୁକ୍ତା ପୃଷ୍ଟି,ସଂଗୀତା ମୁନି,ପ୍ରମୁଖ ଉପସ୍ଥିତ ରହି ଆଲୋଚନାଚକ୍ର ରେ ଅଂଶ ଗ୍ରହଣ କରିଥିଲେ। ଶେଷରେ କୋର୍ଟ ପରିସରରେ ମାନ୍ୟବର ବିଚାରପତି ମାନଙ୍କ ଦ୍ୱାରା ମହକିଲ ପରାମର୍ଶ କକ୍ଷକୁ ମଧ୍ୟ ଉଦଘାଟନ କରିଥିଲେ।

## ଜିଲ୍ଲା ପ୍ରେସକ୍ଲବ ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ

ଖୋର୍ଦ୍ଧା:(ମହାଭାରତ) ଜାଗୃତି ଅନୁଷ୍ଠାନ ଓ ଓଡ଼ିଶା ମୋ ପରିବାର ସହିତ ସମ୍ମିଳିତ କର୍ମଜୀବୀ ସାମ୍ବାଦିକ ସଙ୍ଘ (ଓ.ୟୁ.ଡବ୍ଲ୍ୟୁ.ଜେ) ଏବଂ ଓଡ଼ିଶା ସାମ୍ବାଦିକ ସଙ୍ଘ (ଓ.ୟୁ.ଜେ) ଖୋର୍ଦ୍ଧା ଜିଲ୍ଲା ଶାଖାର ସହଭାଗିତାରେ ଜିଲ୍ଲା ପ୍ରେସ କ୍ଲବ୍ ଖୋର୍ଦ୍ଧା ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ସ୍ଥାନୀୟ ସମ୍ବାଦିକ ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଅଛି। ଆୟୋଜିତ ଶିବିରରେ ସର୍ବମୋଟ ୨୬ୟୁନିଟ ରକ୍ତ ସଂଗ୍ରହ କରାଯାଇଥିବା ବେଳେ ଜିଲ୍ଲାର ବିଭିନ୍ନ ବୈଦ୍ୟୁତିକ ଏବଂ ଛାପା ଗଣମାଧ୍ୟମର ପ୍ରତିନିଧି ମାନେ ସ୍ୱତଃ ପ୍ରବୃତ୍ତ ରକ୍ତଦାନ କରିଥିଲେ ଏବଂ ଖୋର୍ଦ୍ଧା ସହର ତଥା ଆଖପାଖ ଅଞ୍ଚଳର ଅନେକ ଯୁବକ ଏବଂ ମହିଳା ସାମିଲ ହୋଇ ରକ୍ତଦାନ କରିଥିଲେ। ସର୍ବ ପ୍ରଥମେ ଖୋର୍ଦ୍ଧା ରକ୍ତ ଭଣ୍ଡାର ପରିଚାଳନା ଦାୟିତ୍ୱରେ ଥିବା ଡାକ୍ତର ଶ୍ରୀ ସୌରଭ ରାୟ, ବରିଷ୍ଠ ସାମ୍ବାଦିକ କୃଷ୍ଣଚନ୍ଦ୍ର ଦାଶ, ତପନ ନାୟକ, ଜିଲ୍ଲା ପ୍ରେସ କ୍ଲବ ସଭାପତି ଶୁଭ୍ରାଂଶୁ ରଞ୍ଜନ ସାମନ୍ତରାୟ, ସମ୍ପାଦକ ଦିଲ୍ଲିପ ପଟ୍ଟନାୟକ ପ୍ରମୁଖ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ତୈଳଚିତ୍ରରେ ପୁଷ୍ପ ମାଲ୍ୟାର୍ପଣ ଓ ଦୀପ ପ୍ରଜ୍ୱଳନ କରି ଶିବିରକୁ ଉଦଘାଟନ କରିଥିଲେ। ରକ୍ତଭଣ୍ଡାର ଲ୍ୟାବ ଟେକନିସିଆନ ଅରୁଣ କୁମାର ସାହୁ ଓ ବିଚିସ୍ମିତା ପୁହାଣ, ଷ୍ଟାଫ ନର୍ସ ଝାନସୀରାଣୀ ପାତ୍ର ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ। ରକ୍ତଦାନ ଶିବିର ସଂଯୋଜକ ଅବ୍ୟକ୍ତ ହରିହର ଖାଡ଼ଙ୍ଗା, ସହ- ସଂଯୋଜକ ପ୍ରଭାତ ପାଣିଗ୍ରାହୀଙ୍କ ସମେତ କ୍ଲବର ଉପ ସଭାପତି ଲଳିତ ମୋହନ ମହାପାତ୍ର, ଯୁଗ୍ମ ସମ୍ପାଦକ, ପ୍ରବୀଣ ଭଞ୍ଜ ଏଂ କ୍ଲବର ବରିଷ୍ଠ ସଦସ୍ୟ ପ୍ରକାଶ ହାତୀ, ସୟଦ ଲିୟାକତ ଅଲ୍ଲୀଙ୍କ ସମେତ ବିଭିନ୍ନ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ରହି ଏହି ଶିବିରକୁ ପରିଚାଳନାରେ ସହଯୋଗ କରିଥିଲେ।

## ଜିଲ୍ଲା ଭିତ୍ତିକ ନିଯୁକ୍ତି ନେଇ ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ବିଜେପି ପ୍ରତିନିଧି ଦଳ

ଭୁବନେଶ୍ୱର- (ମହାଭାରତ) ରାଜ୍ୟରେ ବର୍ତ୍ତମାନ ଚାଲୁଥିବା ରାଜ୍ୟ ଭିତ୍ତିକ ନିଯୁକ୍ତି କୁ ଉଚ୍ଛେଦ କରି ଜିଲ୍ଲା ଭିତ୍ତିକ ନିଯୁକ୍ତିଦେବାକୁ ଆଜି ନବରଙ୍ଗପୁର ଜିଲ୍ଲା ବିଜେପି କର୍ମକର୍ତ୍ତାମାନେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଙ୍କୁ ଏକ ଦାବୀ ପତ୍ର ପ୍ରଦାନ କରିଥିବା ଜଣାଯାଇଛି । ରାଜ୍ୟରେ ପୂର୍ବତନ ସରକାର ଜିଲ୍ଲା ଭିତ୍ତିକ ନିଯୁକ୍ତି ଉଚ୍ଛେଦ କରି ରାଜ୍ୟ ଭିତ୍ତିକ ନିଯୁକ୍ତି ପ୍ରଚଳନ କରି ବିଭିନ୍ନ ବିଭାଗରେ ନିଯୁକ୍ତି ପ୍ରଦାନ କରୁଥିବାବେଳେ ନିଜନିଜ ଜିଲ୍ଲାର ଆଶାୟୀ ଶିକ୍ଷିତ ବେକାର ଯୁବକ ଯୁବତୀ ମାନେ ନିଯୁକ୍ତି ନପାଇ ନିରାଶ ହେଉଥିବା ଦେଖି ଏହାର ପ୍ରତିକାର ପାଇଁ ନୂଆ ରେ ଶାସନ ଭାର ଗ୍ରହଣ କରିଥିବା ମୋହନ ସରକାରଙ୍କୁ ଏକ ଦାବୀ ପତ୍ର ପ୍ରଦାନ କରିଛନ୍ତି । ବରିଷ୍ଠ ବିଜେପି ନେତା ଅକାଲୁ ଜାଲି ଙ୍କ ନେତୃତ୍ୱରେ ଜିଲ୍ଲା ଆଦିବାସୀ ମୋର୍ଚ୍ଚା ସଭାପତି ଶ୍ୟାମ ସୁନ୍ଦର ମାଝୀ, ପୂର୍ବତନ ଝରିଗାଁ ବ୍ଲକ୍ ବିଜେପି ସଭାପତି ଶଙ୍କର ସାହୁ , ବରିଷ୍ଠ ବିଜେପି ନେତା ଭରତ ବାଘ ପ୍ରମୁଖ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଙ୍କୁ ଭେଟି ଦାବୀ ଜଣାଇ ଥିବା ନେଇ ବରିଷ୍ଠ ବିଜେପି ନେତା ଅକାଲୁ ଜାଲି , ଶ୍ୟାମ ସୁନ୍ଦର ମାଝୀ ପ୍ରକାଶ କରିଛନ୍ତି । ବର୍ତ୍ତମାନ ନବରଙ୍ଗପୁର ଜିଲ୍ଲା ରେ ବାହର ରାଜ୍ୟର ପ୍ରାର୍ଥୀ ଆସି ନିଯୁକ୍ତି ପାଉଥିବା ବେଳେ ଶିକ୍ଷା,ସ୍ୱାସ୍ଥ୍ୟ , ସେଚନ ରେ ପଛୁଆ ଆଦିବାସୀ ଅଧ୍ୟୁଷିତ ବଣଜଙ୍ଗଲ ଭରା ଅନଗ୍ରସର ଜିଲ୍ଲାର ମୂଳ ଅଧିବାସୀ ସମେତ ବର୍ତ୍ତମାନ ଅଞ୍ଚଳରେ ବସବାସ କରୁଥିବା ଶିକ୍ଷିତ ବେକାରୀ ଯୁବକ ଯୁବତୀ ମାନେ ନିଯୁକ୍ତି ନପାଇ ବାହାର ରାଜ୍ୟକୁ ଖଟି ଯାଉଥିବା ବେଳେ ଅନେକ ସମସ୍ୟାର ସମ୍ମୁଖୀନ ହୋଇ ବେଳେ ବେଳେ ଜୀବନ ଯାଉଥିବା ନେଇ ନଜିର ରହିଛି ବୋଲି କହିଥିଲେ । ତେବେ ପୂର୍ବରୁ ପ୍ରଚଳିତ ରାଜ୍ୟର ଭିତ୍ତିକ ନିଯୁକ୍ତି ପ୍ରକିୟାକୁ ବନ୍ଦ କରି ତୁରନ୍ତ ଜିଲ୍ଲା ଭିତ୍ତିକ ନିଯୁକ୍ତି ପ୍ରଦାନ କଲେ ନିଜ ଜିଲ୍ଲାର ବେକାର ଯୁବକ ଯୁବତୀ ମାନେ ନିଜ ଅଞ୍ଚଳରେ ନିଯୁକ୍ତି ପାଇ ପାରିବେ ବୋଲି ସେହି ଚିନ୍ତାଧାରା ରଖି ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଙ୍କୁ ଦାବୀ ପ୍ରଦାନ କରିଥିବା ନେଇ ଗଣ ମାଧ୍ୟମ ଆଗରେ ସୂଚନା ଦେଇଛନ୍ତି ।ତେବେ ଜିଲ୍ଲା ବିଜେପି ପ୍ରତିନିଧି ଦଳଙ୍କ ଦାବୀ କୁ ମୁଖ୍ୟମନ୍ତ୍ରୀ ଗ୍ରହଣ କରି କିଭଳି କାର୍ଯ୍ୟକ୍ଷମ କାଟୁଛନ୍ତି ତାହା ଦେଖିବାକୁ ବାକି ରହିଲା ।

# ଅବହେଳିତ ଅବସ୍ଥା ରେ ୮ମ ଶତାବ୍ଦୀ ର ପ୍ରାଚୀନ ଶକ୍ତି ମୂର୍ତ୍ତୀ

## ଉଦ୍ଧାର ପାଇଁ ଐତିହାସିକଙ୍କ ଦାବୀ



ଅସ୍ତରଙ୍ଗ,(ମହାଭାରତ): ପ୍ରାଚୀନ କିମ୍ବଦନ୍ତୀ ପୂର୍ଣ୍ଣ ଅଞ୍ଚଳ ପ୍ରାଚୀ ତଟ, ଏହି ପ୍ରାଚୀ ଅବବାହିକା ରେ ଅଛି ଅନେକ ସାଧୁ କ୍ଷେତ୍ର, ମନ୍ଦିର, ମଠ ଓ ରହିଛି ଅନେକ ଐତିହାସିକ କିମ୍ବଦନ୍ତୀ ପୂର୍ଣ୍ଣ ପୁରାଣ ସମ୍ବନ୍ଧିୟ କିର୍ତ୍ତୀରାଜି, ମାଦଳା ପାଞ୍ଜି ର ବର୍ଣ୍ଣନା ଅନୁଯାୟୀ କାକଟପୁର ପ୍ରାଚୀ ତଟ ର ଏକ ଅସ୍ତରଙ୍ଗ ଅଞ୍ଚଳ ଯେଉଁଠି ପୂଜା ପାଇଆସୁଛନ୍ତି ଦେବୀ ବାରାହୀ ଭଗବତୀ, ସିଦ୍ଧାନ୍ତ ଅନୁଯାୟୀ ୮ମ ଶତାବ୍ଦୀ ରେ ଉତ୍କଳ ର ନରପତି ସମ୍ରାଟ ଯଯାତି କେଶରୀ ମହାପ୍ରଭୁ ଶ୍ରୀ ଜଗନ୍ନାଥ ଙ୍କ ନବକଳେବର ପାଇଁ ଆଦି ଗୁରୁ ଶ୍ରୀ ଶଙ୍କରାଚାର୍ଯ୍ୟ ଙ୍କ ପରାମର୍ଶ ରେ ଅବନ୍ତୀ ନଗର ବା ଯାଜପୁର ରୁ ମା ବିରଜା ଙ୍କ ଆଜ୍ଞା ଆଣି ପ୍ରାଚୀ ତଟ ରେ ଅବସ୍ଥାନ କରିଥିବା ମା ମଙ୍ଗଳା ଙ୍କ ନିକଟରେ ପହଞ୍ଚିଥିଲେ, ଆଦ୍ୟ ଦାରୁ ଅନୁସନ୍ଧାନ ଏହି ସମୟ ରେ ବା ଚୈତ୍ର ମାସ ରେ ଅନୁଷ୍ଠିତ ହୋଇଥିଲା। ମା ମଙ୍ଗଳା ଙ୍କୁ ପୂଜା ପାଠ ଚଣ୍ଡୀ ପାଠ ରେ ଉପାସନା କରାଯାଇ ଚତୁର୍ଥା ମୂର୍ତ୍ତୀ ଙ୍କର ଦାରୁ ସନ୍ଧାନ ହୋଇଥିଲା, କାକଟପୁର ବିଶ୍ୱାମିତ୍ର ମଠ, ରୋହିଣୀ କୁଣ୍ଡ ମଠ,ଦେଉଳି ମଠ, ଅସ୍ତରଙ୍ଗ ଅଞ୍ଚଳ ର ସରିପୁର ନିକଟରେ ଥିବା ଅସ୍ୱରା ମଠ ରୁ ଶ୍ରୀ ଜଗନ୍ନାଥ, ବଡ଼ ଠାକୁର ବଳଭଦ୍ର, ଦେବୀ ସୁଭଦ୍ରା, ଚକ୍ରରାଜ ସୁଦର୍ଶନ ଙ୍କ ଦାରୁ ର ଅନୁସନ୍ଧାନ ମିଳିଥିଲା, ଅସ୍ତରଙ୍ଗ ଅଞ୍ଚଳ ଏକ ଉପ ବନ୍ଦର ନଗରୀ ଥିଲା, ଯେଉଁଠି ଅନେକ ଡ଼ଙ୍ଗା ଓ ବୋଇତ ଲାଗୁଥିଲା, ଜାଭା, ସୁମାତ୍ରା, ସିଂହଳ ପ୍ରଦେଶ କୁ ଏହି ମାର୍ଗ ଦେଇ ନୌବାଣିଜ୍ୟ ହେଉଥିଲା, ସେହି ସମୟ ରେ ଏହି ଅଞ୍ଚଳ ରେ ଦେବୀ ବାରାହୀ ଭଗବତୀ ପୂଜା ହେଉଥିଲେ, ଆଉ ନୌଯାତ୍ରା ରେ ଆସିଥିବା ରାଜା ଯଯାତି କେଶରୀ ତାଙ୍କ ସେନା, ପଣ୍ଡିତ ମହାସର୍ଗ ମାନଙ୍କୁ ନେଇ ଏଠି ବିଶ୍ରାମ କରିଥିଲେ, ଆଉ ମା ଙ୍କ ସନ୍ଧାନ କରି ସେଠି ମା ଙ୍କ ପୂଜା ଅନୁଷ୍ଠାନ କରାଇଥିଲେ। ମା ହେଉଛନ୍ତି ତନ୍ତ୍ରୋକ୍ତ ଦେବୀ ଯାହା ଐତିହାସିକ ମାନେ ମତାମତ ଦେଇଛନ୍ତି। ଆଉ ମା ମଙ୍ଗଳା ଙ୍କ ଐସାନ୍ୟ କୋଣ ର ରକ୍ଷା କର୍ତ୍ତୀ ବୋଲି ସେହି ସମୟ ରେ ପଣ୍ଡିତ ମତାମତ ଦେଇଛନ୍ତି ଯାହା ବର୍ତ୍ତମାନ ଐତିହାସିକ ମାନେ କୁହନ୍ତି, ଆଜି ସବୁକିଛି ପରିବର୍ତ୍ତନ ହୋଇଛି। ଅନେକ ମଠ ମନ୍ଦିର ନିର୍ମାଣ କରାଯାଇଛି। ସବୁ ଧର୍ମାନୁଷ୍ଠାନ ର ରକ୍ଷଣା ବେକ୍ଷଣ କରାଯାଉଥିବା ବେଳେ ଏଇ ଐତିହାସିକ କିମ୍ବଦନ୍ତୀ ପୂର୍ଣ୍ଣ ଶକ୍ତି ବିଗ୍ରହ ମାନେ ଅବହେଳିତ ଅବସ୍ଥା ରେ ଅଛନ୍ତି। ଯାହାଙ୍କ ଐତିହାସିକ ତଥ୍ୟ ଆଜି ବି ଲୁକ୍କାୟିତ ହୋଇଗଲାଣି, ଏଥି ପାଇଁ ପ୍ରାଚୀ ଗବେଷକ ପଣ୍ଡିତ ତ୍ରିଲୋଚନ ମିଶ୍ର ଏହି ଐତିହାସିକ କୀର୍ତ୍ତିରାଜି ର ପୁନଃଉଦ୍ଧାର କରିବା ସହ ଅସ୍ତରଙ୍ଗ ଅଞ୍ଚଳ ର ଇତିହାସ କୁ ସୁରକ୍ଷା ଦେବା ପାଇଁ ଦାବୀ କରିଛନ୍ତି ଓ ରାଜ୍ୟ ସରକାର ଏହି କିର୍ତ୍ତୀରାଜି ପ୍ରତି ଦୃଷ୍ଟି ଦେଇ ଏହାର ପୁନଃଉଦ୍ଧାର ପାଇଁ ନିବେଦନ କରିଛନ୍ତି ।

## ସାଲେପୁର -ଛତିଆରାସ୍ତା କାର୍ଯ୍ୟ ୧୫ଦିନ ମଧ୍ୟରେ ନ ସାରିଲେ ଆଗାମୀ ଦିନରେ ଆନ୍ଦୋଳନ ହେବ



ସାଲେପୁର (ମହାଭାରତ )କୁଂଆପାଳ -ସାଲେପୁର ରାସ୍ତା ନିର୍ମାଣ ଅବଧି ଶେଷ ହୋଇଥିଲା ମଧ୍ୟ ନିର୍ମାଣ କାମ ମନ୍ଥର ଗତି ରେ ହେଉଛି। ୧୫ଦିନ ମଧ୍ୟରେ ରେ କାମ ସାରିବାକୁ ସାଲେପୁର ବିକାଶ ମଞ୍ଚ ସଭାପତି ଏବଂ ସ୍ୱାଧୀନ ବିଧାୟକ ପାର୍ଥ୍ଧ ଭାବେ ଛିଡା ହୋଇଥିବା ବିଶେଶ୍ୱର ସ୍ୱାଇଁ ପୂର୍ତ୍ତ ବିଭାଗ ଅଧିକାରୀ ନିକଟରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ଏଠାରେ ସୂଚନା ଯୋଗ୍ୟ ସାଲେପୁର ବଜାର ଠାରୁ ଛତିଆ ପର୍ଯ୍ୟନ୍ତ ରାସ୍ତା ର ଦୋହରୀକରଣ ନିମନ୍ତେ କାର୍ଯ୍ୟ ଆରମ୍ଭ ହୋଇଛି। ଠିକାଦାର ଙ୍କମନମୁଖୀ ନୀତି ଯୋଗୁଁ ନିର୍ମାଣ କାର୍ଯ୍ୟ ର ଅବଧି ଶେଷ ହୋଇଥିଲେ ମଧ୍ୟ ଆଦ୍ୟାବଧି ରାସ୍ତା ନିର୍ମାଣ କାର୍ଯ୍ୟ ସରିଲା ନାହିଁ। ଠିକାଦାର ମନଇଛା ରାସ୍ତା ର ବିଭିନ୍ନ ଯାଗାରେ ଖୋଳି ଅଧା ପନ୍ତରିଆ ଭାବେ ଛାଡି ଦେଇଛନ୍ତି ଯାହା ଫଳରେ ଖାଲ ରେ ବର୍ଷା ପାଣି ଜମି ରହିଛି। ରାସ୍ତା ରେ ଗମନା ଗମନ କରୁଥିବା ବ୍ୟକ୍ତି ମାନେ ଦୁର୍ଘଟଣା ର ସମ୍ମୁଖୀନ ହେଉଛନ୍ତି। ଜରୁରୀ କାଳୀନ ଗାଡି ଯିବା ଆସିବା କରିବାକୁ ଅସୁବିଧା ହେଉଛି। ରାସ୍ତା କାର୍ଯ୍ୟ ନିମ୍ନମାନ ହେଉଥିବା ଅଭିଯୋଗ ହେଉଛି। ୧୫ଦିନ ମଧ୍ୟରେ କାର୍ଯ୍ୟ ଶେଷ ନ ହେଲେ ତେବେ ଆଗାମୀ ଦିନରେ କଟକ -ଚନ୍ଦବାଲି ରାସ୍ତା ଅବରୋଧ କରିବାକୁ ବିଶେଶ୍ୱର ସ୍ୱାଇଁ ଚେତାବନୀ ଦେଇଛନ୍ତି। ତାହା ସହିତ ମୁଖ୍ୟମନ୍ତ୍ରୀ ଙ୍କ ଅଭିଯୋଗ ପ୍ରକୋଷ୍ଠ ରେ ଏ ସମ୍ପର୍କ ରେ ସାଲେପୁର ର ବହୁ ଜନ ସାଧାରଣ ଅଭିଯୋଗ କରିବେ ବୋଲି ସ୍ୱାଧୀନ ବିଧାୟକ ପାର୍ଥି ବିଶେଶ୍ୱର ସ୍ୱାଇଁ ପୂର୍ତ୍ତ ବିଭାଗ କାର୍ଯ୍ୟାଳୟ ରେ ଲିଖିତ ଅଭିଯୋଗ କରିଛନ୍ତି।

## ଜେ ଆର ଡ଼ି ଟାଟାଙ୍କ ୧୩୦ବାର୍ଷିକ ଜନ୍ମଉତ୍ସବ ଉପଲକ୍ଷେ ରକ୍ତଦାନ ଶିବିର

କଣିହାଁ ବ୍ଲକ(ମହାଭାରତ) :ଏନ ଟି ପିସି ଟାଟା ପ୍ରୋଜେକ୍ଟ ଠାରେ ଜେ ଆର ଡ଼ି ଟାଟାଙ୍କ ୧୩୦ତମ ବାର୍ଷିକ ଜନ୍ମଉତ୍ସବ ଉପଲକ୍ଷେ ରକ୍ତଦାନ ଶିବିର ହୋଇଥିବା ବେଳେ ଏହି ରକ୍ତଦାନ ଶିବିର ଟାଟା ଅଫିସ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି ।ଦେଶ ଗଠନରେ ଟାଟାଙ୍କର ଉତ୍ସର୍ଗୀକୃତ ସେବା ମନେପକାଇ ବିଶିଷ୍ଟ ବ୍ୟକ୍ତିମାନେ ତାଙ୍କର ବକ୍ତବ୍ୟ ଉପସ୍ଥାପନା କରିଥିଲେ । ଏହି ରକ୍ତଦାନ ଶିବିରକୁ ଏନ ଟି ପିସିର ଇ,ଆଇ,ସି ଶ୍ରୀ ଶତ୍ରୁଘ୍ନ ବେହେରା,ଏନ ଟି ପିସିର ଡ଼ି,ଜି, ଏମ ସୌରଭ ବର୍ମା,ଟାଟାର ସି ଏମ ବିନ୍ଧ୍ୟାଞ୍ଚାଳ ପ୍ରତାପ, କାର୍ଯ୍ୟସ୍ଥଳୀ ଅଧିକାରୀ ସରୋଜ କୁମାର ପଟ୍ଟନାୟକ, ଏହି ରକ୍ତଦାନ ଶିବିରରେ ଦୀପଜାଳି ଅନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ।ଏହି କାର୍ଯ୍ୟକ୍ରମକୁ ସଂଯୋଜନା ଓ ସହଯୋଗ କରିଥିଲେ ଶ୍ରୀନିବାସ ରେଡ୍ଡି,କର୍ମୀଙ୍କ ଅଧିକାରୀ ଟାଟା ପ୍ରୋଜେକ୍ଟ ଦିପକ ବାରିକ, କୁଳଦୀପ ସିଂ, ସୋମ୍ୟରଞ୍ଜନ ପରିଡା, ଦେବବ୍ରତ ଦାସ କ୍ଷ ଟାଟା ପ୍ରୋଜେକ୍ଟ ର କର୍ମଚାରୀ ଓ ଅଫିସରଗଣ,ଏନ ଟି ପିସିର ଅଫିସର ଓ ସ୍ୱେଚ୍ଛାସେବୀ ମାନେ ରକ୍ତଦାନ କରିଥିଲେ କ୍ଷ ତାଳଚେର ରକ୍ତଭଣ୍ଡାରର କର୍ମଚାରୀ ମାନେ ରକ୍ତଦାତାଙ୍କ ଠାରୁ ରକ୍ତ ସଂଗ୍ରହ କରିଥିଲେ । ମୋଟ ୯୬ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା ।

## ବନବିଭାଗ ଦ୍ୱାରା କୂଅରୁ ଉଦ୍ଧାର ହେଲା ଭାଲୁ

ଅନୁଗୋଳ,(ମହାଭାରତ): ଅନୁଗୋଳ ଜିଲ୍ଲା କିଶୋର ନଗର ବ୍ଲକ ହଣ୍ଡପା ଥାନା ଅନ୍ତର୍ଗତ ମଧୁପୁର ଗ୍ରାମର ରାସ୍ତା କଡରେ ଥିବା କୁଅରେ ଆଜି ରାତିରେ ଖାଦ୍ୟ ଅନେ୍ୱଷଣରେ ଆସିଥିବା ବେଳେରାତ୍ରି ପ୍ରାୟ ୯ଟା ସମୟରେ ପଡ଼ିଯାଇଥିଲା ଜଙ୍ଗଲୀ ଭାଲୁ କୁଅରେ ପଡ଼ିଯାଇଥିଲା। କୂଅ ପାଖରେ ଘର ଥିବାରୁ କଣ ପଡିଲା ବୋଲି କିଛି ଲୋକ ସେଠାରେ ପହଂଚି ଥିଲେ, ଦେଖିଲେ କୂଅରେ ଏକ ଜଙ୍ଗଲୀ ଭାଲୁଟିଏ ପଡି ଯାଇଛି, ଗ୍ରାମ ବାସୀ ସଙ୍ଗେ ସଙ୍ଗେ ହଣ୍ଡପା ବନବିଭାଗ କୁ ଫୋନ୍ କରି ଜଣାଇଥିଲେ ବନବିଭାଗ ଆସି ଭାଲୁଟିକୁ ଉଧାର କରି ଜଙ୍ଗଲରେ ଛଡ଼ା ଯାଇଥିବା ସୂଚନା ମିଳିଛି।

## ସରପଞ୍ଚଙ୍କ ନାଁରେ ଯୋଡ଼ା ହେଲା ୭ଦଫା

ବେଗୁନିଆ,,(ମହାଭାରତ): କାଜୁ ଜଙ୍ଗଲ କାଟି ବେଆଇନ ମାଟି ଚାଲାଣ ଘଟଣା ସପକ୍ଷରେ ବାହାରିଥିବା ସରପଞ୍ଚଙ୍କ ବିରୋଧରେ ଯୋଡ଼ାହେଲା ୭ ସଙ୍ଗିନ ଦଫାୟ ଜଣେ ମହିଳାଙ୍କୁ ଧମକ, ରାତିରେ ଘରେ ପଶି ଅସଦ୍ବ୍ୟବହାର ଓ ମାଡ଼ମାରିବା ନେଇ ଥାନାରେ ଅଭିଯୋଗ ହୋଇଥିଲା ।ବେଗୁନିଆ ପଞ୍ଚାୟତ ଭିଇଁପୁର ଠାରେ ନିର୍ମାଣାଧୀନ ଶିଳ୍ପସଂସ୍ଥା କାଲଡେରୀଶ ଇଣ୍ଡିଆ ରିଫ୍ରୋକ୍ଟୋରୀ ଗୋଲାପାଟଣା ମୌଜାରୁ ଅନୁମତି ଠାରୁ ଅଧିକ ପରିମାଣ ମୋରମ ନେଉଥିବା ଜାଣି ଗ୍ରାମବାସୀ ବିରୋଧ କରିଥିଲେ। ସ୍ଥାନୀୟ ସରପଞ୍ଚ ଶିଳ୍ପସଂସ୍ଥା ସପକ୍ଷରେ ବାହାରି ଗ୍ରାମବାସୀ ଏବଂ ମହିଳାଙ୍କୁ ଗାଳିଗୁଲଜ କରିବା ସହ ଧମକ ଚମକ ଦେଇଥିଲେ। ମୋରମ ଚାଲାଣ ଘଟଣାରେ ନମିତା କର ବିରୋଧ କରିଥିବାରୁ ସରପଞ୍ଚ କେତେକ ଯୁବକଙ୍କୁ ସାଙ୍ଗରେ ଆଣି ଗୋଲାପଟଣା ବଜାରରେ ନମିତାଙ୍କୁ ଗାଳିଫଜିତ କରିବା ସହିତ ଜୀବନରେ ମାରି ଦେବାକୁ ଧମକ ଦେଇଥିଲେ ଘଟଣା ସଂପର୍କରେ ଗାଁ କମିଟି ପକ୍ଷରୁ ସଭା ହୋଇଥିଲା ଗ୍ରାମ୍ୟ ସଭା ହୋଇଥିବା କଥା ଜାଣି ରାତି ପ୍ରାୟ ୨ଟା ବେଳେ ସରପଞ୍ଚ ସତ୍ୟ ନାରାୟଣ ପ୍ରଧାନ ଓ ୩ ଜଣ ସହଯୋଗୀ ଯୁବକ ନମିତା କର (୪୦) ସ୍ୱାମୀ ଗିରିଧାରୀ କରଙ୍କ ଘର କବାଟ ବାଡେଇଥିଲେ ନମିତା କବାଟ ଖୋଲିବା ମାତ୍ରେ ସରପଞ୍ଚ ତାଙ୍କ ଚୁଟି ଘୋଷାରି ନେଇଥିଲେ ଲୁଗା ଓ ବ୍ଲାଉଜ ଚିରି ଅସଦବ୍ୟବହାର କରିଥିଲେ। ଅନ୍ୟ ୩ ଯୁବକ ମଧ୍ୟ ମାଡ଼ ମାରିଥିବା ଅଭିଯୋଗ ହୋଇଥିଲା ଶୁକ୍ରବାର ଘଟଣା ସଂପର୍କରେ ବେଗୁନିଆ ଥାନାରେ ନମିତା କର ଓ ଗ୍ରାମବାସୀ ଦୁଇଟି ପୃଥକ ଅଭିଯୋଗ କରିଥିଲେୟ ଥାନା ଅଧିକାରୀ ସ୍ମିତ୍ତାମୟୀ ବରାଳଙ୍କ ନିର୍ଦ୍ଦେଶ କ୍ରମେ ଥାନା କେସ ନମ୍ବର ୧୯୪/୨୪ ଏବଂ ଭାରତୀୟ ନ୍ୟାୟ ସଂହିତାର ୭ଟି ସଙ୍ଗିନ ଦଫା ସରପଞ୍ଚଙ୍କ ବିରୋଧରେ ଲଗାଯାଇଛି। ତଦନ୍ତକାରୀ ଅଧିକାରୀ ଉପନିରୀକ୍ଷକ ପ୍ରଦୀପ୍ତା ରାଉତରାୟ ଘଟଣାର ଅଧିକ ତଦନ୍ତ କରୁଛନ୍ତି । ସୂଚନା ଯୋଗ୍ୟ ଭିଇଁପୁର ଠାରେ ନିର୍ମାଣଧୀନ ଶିଳ୍ପସଂସ୍ଥା କାଲଡେରୀଶ ଇଣ୍ଡିଆ ରିଫ୍ରୋକ୍ଟୋରୀ ମାଟି ନେବାକୁ ବେଗୁନିଆ ତହସିଲ କାର୍ଯ୍ୟାଳୟରେ ୧ଲକ୍ଷ ୬୪ହଜାର ଟଙ୍କା ଜମା କରି ଗୋଲା ପାଟଣା ମୌଜାର ଖାତା ନମ୍ବର ୨୩୬, ପ୍ଲଟ ନମ୍ବର ୧୫୬, କିସମ ବଗାୟତ -୨ରୁ ୪ହଜାର କ୍ୟୁବ ମିଟର ମାଟି ନେବା ପାଇଁ ଅନୁମତି ପାଇଥିଲା। ମାତ୍ର ସେ ଅନୁମତିଠାରୁ ପ୍ରାୟ ୫ ଗୁଣ ଅଧିକ ଖୋଳି ନେଇଥିଲା। ଏହାକୁ ଗ୍ରାମବାସୀ ଘୋର ବିରୋଧ କରିଥିଲେ।

## ପାରଳାଖେମୁଣ୍ଡିରେ ଖାଦ୍ୟର ମାନ ଯାଞ୍ଚ ହେବ କେବେ?

ଗଜପତି(ମହାଭାରତ):ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡିରେ ସନ୍ଧ୍ୟା ହେଲେ ରାସ୍ତା କଡ଼ରେ ଫାଷ୍ଟଫୁଡ଼ ଠାରୁ ଆରମ୍ଭ କରି ଟିଫିନ,ଚାଟ,ଗୁପୁଚୁପ ବିକ୍ରି ହୋଇଥାଏ କିନ୍ତୁ ଖାଦ୍ୟର ମାନ ଯାଞ୍ଚ ହେଉ ନଥିବାରୁ ନିମ୍ନମାନର ଖାଦ୍ୟ ବିକ୍ରି ହେଉଥିବାର ଅଭିଯୋଗ ହେଉଛି। ଉପଯୁକ୍ତ ପରିବେଶ ନଥିବା ସହ ସ୍ୱଚ୍ଛ ପାନୀୟ ଜଳ ଯୋଗାଇ ଦିଆଯାଉ ନାହିଁ। ରାସ୍ତାକଡ଼ର ଧୂଳି ଉଡିବା ସାଙ୍ଗକୁ ନାଳ ନିକଟରେ ବିକ୍ରି ଓ ବାସି ଖାଦ୍ୟ ବିକ୍ରି ହେଉଥିବାର ଅଭିଯୋଗ ହେଉଛି। ପୌର ପରିଷଦ କେବଳ ଟିକସ ଆଦାୟ କରିବାରେ ବାଉଳା ସେମାନଙ୍କୁ ସ୍ଥାୟୀ ଦୋକାନ ଦିଆଯାଉ ନାହିଁ। ସେହିଭଳି ହୋଟେଲ ଗୁଡିକ ମଧ୍ୟ ଯାଞ୍ଚ କରାଯାଉ ନାହିଁ। ସ୍ୱଚ୍ଛ ପାନୀୟ ଜଳ ଦେବା ବାବଦରେ ପାଣିବୋତଲ ଦିଆଯାଇ ୨୦ ଟଙ୍କା ଚାର୍ଜ ନିଆଯାଉଛି। ସ୍ୱଚ୍ଛ ନିର୍ମଳ ପାନୀୟ ସଫା ସୁତୁରା ଓ ଉତ୍ତମ ମାନର ଖାଦ୍ୟ ଯୋଗାଇବା କଥା କିନ୍ତୁ ଦୀର୍ଘ ଦିନ ହେଲା ତାହା ଯାଞ୍ଚ କରାଯାଉ ନାହିଁ। ବର୍ତ୍ତମାନ ରଥଯାତ୍ରା ଚାଲିଥିବାରୁ ସହରକୁ ପୁରପଲ୍ଲୀରୁ ଠାକୁରଙ୍କୁ ଦର୍ଶନ କରିବା ଓ ଯାତ୍ରା ବୁଲିବା ପାଇଁ ଭକ୍ତ ମାନେ ଆସିଥାନ୍ତି। ତା ସାଙ୍ଗକୁ ଦୋକାନ ଷ୍ଟଲ ହୋଟେଲ ଗୁଡିକରେ ଖାଦ୍ୟ ଖାଇଥାନ୍ତି। ତେଣୁ ଚାଟ ଦୋକାନ,ଟିଫିନ ଦୋକାନ, ହୋଟେଲ, ଫାଷ୍ଟ ଫୁଡ଼ ଷ୍ଟଲରେ ଖାଦ୍ୟର ମାନ ଯାଞ୍ଚ କରିବାର ଆବଶ୍ୟକତା ରହିଛି। ସ୍ୱଚ୍ଛ ପାନୀୟ ଜଳ ପ୍ରଦାନ ଓ ସ୍ୱଚ୍ଛତା ରହିବା ଆବଶ୍ୟକତା ରହିଛ। ଏହି ସମୟରେ ବହୁଳ ପଲିଥିନ ବ୍ୟବହୃତ ବହୁତ ହେଉଛି। ଯାଞ୍ଚ କରାଯିବା ଆବଶ୍ୟକତା ରହିଛି। ଗାଈ ଗୋରୁ ଗୁଡିକ ଖାଦ୍ୟ ପଦାର୍ଥ ଲାଗିଥିବା ଜରି ଖୟଇ ଦେଉଛନ୍ତି। ଘୋରାଇ ଗ୍ୟାସ ସିଲିଣ୍ଡର ବହୁଳ ବ୍ୟବହାର ହେଉଛି ପୁଣି ଚଢା ଦରରେ ବିକ୍ରି ହେଉଥିବାର ଅବିଯୋଗ ହେଉଛି। କାରଣ ଯାତ୍ରା ଚାଲିଥିବାରୁ ବିଭିନ୍ନ ହୋଟେଲରେ ଷ୍ଟଲ ଗୁଡିକରେ ଘରୋଇ ଗ୍ୟାସ ସିଲିଣ୍ଡର ବହୁତ ବ୍ୟବହାର ହେଉଛି। ତେଣୁ ଯାଞ୍ଚ କରିବ। ଅବଶ୍ୟକତା ରହିଛି।

## ସରକାରୀ କର୍ମଚାରୀଙ୍କ ପାଇଁ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ

ଗଜପତି(ମହାଭାରତ): ଗଜପତି ଜିଲ୍ଲାର ସମସ୍ତ ସରକାରୀ କର୍ମଚାରୀଙ୍କ ପାଇଁ ପାରଳାଖେମୁଣ୍ଡି ସ୍ଥିତ ବିଜୁ କଲ୍ୟାଣ ମଣ୍ଡପ ଠାରେ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଅଛି। ଏହି ଶିବିରକୁ ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମିଞ୍ଜି ଶୁଭ ଉଦଘାଟିତ କରିଥିବା ବେଳେ ସ୍ୱାସ୍ଥ୍ୟ ଶିବିରର ମୁଖ୍ୟ ଅତିଥି ଭାବରେ ସୁଶ୍ରୀ ସ୍ୱାତୀ ଏସ କୁମାର, ଆରକ୍ଷୀ ଅଧିକ୍ଷକ ଗଜପତି, ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବରେ ଡ଼.ଗୁଣନିଧି ନାୟକ,ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ଗଜପତି ଓ ଡାକ୍ତର ଏଲ୍.କେ.ବିଜୟ କୁମାର,ଜେମସ୍ ହସ୍ପିଟାଲ୍ ରାଗୋଲୁ ଶ୍ରୀକାକୁଲମ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଶିବିର ଜିଲ୍ଲା ପ୍ରଶାସନ ଓ ଜେମସ୍ ହସ୍ପିଟାଲ୍ ରାଗୋଲୁ ଶ୍ରୀକାକୁଲମ ମିଳିତ ଆନୁକୂଲ୍ୟରେ ଆୟୋଜିତ ହୋଇଥିଲା। ସ୍ୱାସ୍ଥ୍ୟ ଶିବିରରେ ଜିଲ୍ଲାର ମୋଟ ତିନିଶହ ରୁ ଉର୍ଦ୍ଧ ସରକାରୀ କର୍ମଚାରୀ ମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ପରେ ପରେ ସମସ୍ତ କର୍ମଚାରୀ ମାନଙ୍କୁ ନେଇ ବିଭିନ୍ନ ପ୍ରକାର ସ୍ୱାସ୍ଥ୍ୟ ସମ୍ପର୍କିତ ବିଷୟରେ ଡାକ୍ତର ଏଲ୍.କେ.ବିଜୟ କୁମାର ସଚେତନତା କରାଇଥିଲେ ଓ ନିଜେ ନିଜ ସ୍ୱାସ୍ଥ୍ୟ କୁ ସୁସ୍ଥ ରଖିବକୁ ହେଲେ ପ୍ରତିଦିନ ଏକ ଘଣ୍ଟା ବ୍ୟାମ କରିବା ପାଇଁ ସମସ୍ତଙ୍କୁ ଅବଗତ କରାଇଥିଲେୟ ସୁସ୍ଥ ସ୍ୱାସ୍ଥ୍ୟ ସମ୍ପର୍କିତ ବିଷୟରେ ଡାକ୍ତରଙ୍କ ସହିତ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଏହି ଶିବିରରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀ ସୁନୀଲ କାନ୍ତ ମହାନ୍ତି,ଡେପୁଟି କଲେକ୍ଟର ଶ୍ରୀ ପାଣକୃଷ୍ଣ ପାଣିଗ୍ରାହୀ, ଶ୍ରୀ କମଳକାନ୍ତ ପଣ୍ଡା ଓ ଉପଖଣ୍ଡ ପୋଲିସ ଅଧିକାରୀ ଶ୍ରୀ ମାଧବନନ୍ଦ ନାୟକ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଓ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଆସିକା ଋଷିକୂଲ୍ୟା ସଙ୍ଗମ ସ୍ଥଳରୁ ବିଭିନ୍ନ ଶୈବ ପୀଠ କୁ କଉଡ଼ିଆଙ୍କ ଧାଡି



ଆସିକା (ମହାଭାରତ): ରାତି ପାହିଲେ ପବିତ୍ର ଶ୍ରାବଣ ମାସର ପ୍ରଥମ ସୋମବାର। କାହିଁ କେତେ ଆଡୁ ମାଇଲ ମାଇଲ ବାଟ ଚାଲି ମହିଳା, ପୁରୁଷ ଓ କୁନି କାଉଡ଼ିଆମାନେ ଓଡ଼ିଶାର ପ୍ରସିଦ୍ଧ ଋଷିକୂଲ୍ୟା ଓ ବଡନଦୀର ସଂଗମ ସ୍ଥଳ ଜମା ହୋଇ ନଦୀରେ ସ୍ନାନ କରି ବାଲୁକାରେ ଶିବଲିଙ୍ଗ ସ୍ଥାପନ କରିବା ସହ ପଣ୍ଡିତଙ୍କ ଦ୍ୱାରା ସଂକଳ୍ପ କରି ହୋମ ,ଯଜ୍ଞ କରିବା ସାଙ୍ଗକୁ କାଉଡ଼ିଆମାନଙ୍କ ଭୋଳା ବାବାର ଡାକରେ ପ୍ରକମ୍ପିତ ହୋଇ ଉଠୁଛି ସାରା ଅଞ୍ଚଳ। କାଉଡ଼ିଆ ମାନେ ଜାତି, ବର୍ଣ୍ଣ, ଭେଦଭାବ ନଥାଇ ବୋଲବମ ଯାତ୍ରାରେ ସାମିଲ ହୋଇଥିବା ପରମ୍ପରା ଦେଖିବାକୁ ମିଳିଛ।ଶ୍ରାବଣ ମାସର ପ୍ରଥମ ବର୍ଷାର ଜଳକୁ ନଦୀରୁ ସଂଗ୍ରହ କରି ଶିବ ମସ୍ତକରେ ଢାଳିଲେ ଅଭିଷ୍ଟ ସିଦ୍ଧି ପ୍ରାପ୍ତ ହୁଏ ବୋଲି ପ୍ରବାଦ ରହିଛି। ତେଣୁ ଦୀର୍ଘ ବର୍ଷକର ଅପେକ୍ଷା ପରେ ପୁଣି ବୋଲବମ ଯାତ୍ରା ଆସିଥିବାରୁ କାଉଡ଼ିଆଙ୍କ ମଧ୍ୟରେ ହର୍ଷ ଓ ଉଲ୍ଲାସ ଖେଳିଯାଇଛି। ନିଜ ନିଜର ମନସ୍କାମନା ପୂର୍ଣ୍ଣ କରିବା ପାଇଁ ଭକ୍ତମାନେ ଏହିଦିନ କୁ ଅପେକ୍ଷା କରି ରହିଥାନ୍ତି ।ଖାଲିପାଦରେ ଓଦାଲୁଗା ପିନ୍ଧି, କାନ୍ଧ ରେ ବାହୁଙ୍ଗି ଧରି,ମୁହଁରେ ଭୋଳାବାବାଙ୍କ ନାମ ନେଇ ଶହଶହ କିଲୋମିଟର ଯାତ୍ରା କରିଥାନ୍ତି କାଉଡ଼ିଆମାନେ ।ପ୍ରଭୁଙ୍କ ଅଶେଷ କୃପାରୁ ଭକ୍ତଙ୍କ ଦୁଃଖ ଜଣା ପଡେନି ବୋଲି କୁହନ୍ତି କାଉଡ଼ିଆ ମାନେ ମହିଳା କାଉଡ଼ିଆମାନେ ମଧ୍ୟ ପୁରୁଷ କାଉଡ଼ିଆଙ୍କ ଠାରୁ କିଛି କମ ନୁହଁନ୍ତି। ମନସ୍କାମନା ପୂର୍ଣ୍ଣ ପାଇଁ ମନରେ ସଂକଳ୍ପ କରି ମହିଳା କାଉଡ଼ିଆମାନେ ବି ପୁରୁଷ କାଉଡ଼ିଆଙ୍କ ଠାରୁ ଅଧିକ ନିଷ୍ଠାର ସହ ପାଳନ କରନ୍ତି। ସେଥିପାଇଁ ଶହଶହ କିଲୋମିଟର ଚାଲି ଖରା ,ବର୍ଷା ଓ ରାତ୍ରୀକୁ ଭୃକ୍ଷେପ ନକରି ବୋଲବମ ଯାତ୍ରାରେ ସାମିଲ ହୁଅନ୍ତି। ଏହି ପରିପେକ୍ଷୀରେ ଆଜି ଆସିକାର ସଙ୍ଗମ ସ୍ଥଳରୁ ଶହ ଶହ କାଉଡିଆ ବିଭିନ୍ନ ମନ୍ଦିର ଅଭିମୁଖେ ବାହାରିଛନ୍ତି ।

# ନାରିଙ୍ଗା-ଦୁବକଣ ପୂର୍ତ୍ତ ବିଭାଗ ରାସ୍ତା ନିର୍ମାଣରେ ବ୍ୟାପକ ଅନିୟମିତତା

- ମାଟିମିଶା ଧୂଳି ବାଲିରେ ହେଉଛି ଢ଼ଳେଇ କାର୍ଯ୍ୟ
- ରାସ୍ତାର ସ୍ଥାୟିତ୍ୱ ନେଇ ଉଠିଛି ପ୍ରଶ୍ନବାଚି
- କାର୍ଯ୍ୟ ସ୍ଥଳକୁ ଆସୁନାହାନ୍ତି ବିଭାଗୀୟ ଯନ୍ତ୍ରୀ
- ଯନ୍ତ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସାଧାରଣରେ ଦାବି



**ଦଶରଥପୁର,(ମହାଭାରତ) :** ରାସ୍ତା ଘାଟର ଉନ୍ନତି କରଣ ନିମନ୍ତେ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ଅସାଧୁ ଠିକାଦାର ସାଙ୍ଗକୁ ବିଭାଗୀୟ ଅଧିକାରୀ ମାନଙ୍କ ପାଇଁ ଯୋଜନା ଗୁଡିକର ସଫଳ ରୂପାୟନ ହୋଇପାରୁନଥିବା ଦେଖିବା ପାଇଁ ମିଳିଛି । ଏପରି ଏକ ଘଟଣା ଦେଖିବା ପାଇଁ ମିଳିଛି ଦଶରଥପୁର ବ୍ଲକ କୟାଁ ପଞ୍ଚାୟତସ୍ଥ ନାରିଙ୍ଗା ଠାରୁ ଦୁବକଣ ଭାୟା ଗରବନ୍ଧ ଜୁନ୍ଦୁପୁର ପୂର୍ତ୍ତ ବିଭାଗ ରାସ୍ତା ନିର୍ମାଣ କ୍ଷେତ୍ରରେ । ୧୧ କିମି ଏହି ରାସ୍ତା ନିର୍ମାଣ ପାଇଁ ରାଜ କନଷ୍ଟ୍ରକସନକୁ ଦାୟିତ୍ୱ ଦିଆ ଯାଇଥିବା ବେଳେ ପୂର୍ତ୍ତ ବିଭାଗ ପକ୍ଷରୁ ରାସ୍ତା ନିର୍ମାଣ ପାଇଁ ୨୨.୦୯. ୧୮. ୫୧୦.୦୦ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି । ସେହିପରି ୧-୦୩-୨୪ ରିଖରୁ ରାସ୍ତା କାର୍ଯ୍ୟ ଆରମ୍ଭ ହୋଇ ୧-୦୪-୨୫ ରିଖରେ କାର୍ଯ୍ୟ ଶେଷ କରିବା ପାଇଁ ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ରହିଛି । ଠିକାଦାର ଜଣକ ବିହାର ରାଜ୍ୟର ହୋଇଥିବା ବେଳେ ଠିକାଦାର ଜଣକ ଆଦୌ କାର୍ଯ୍ୟ ସ୍ଥଳକୁ ଆସୁନଥିବା ନେଇ ସାଧାରଣରେ ଅଭିଯୋଗ ହୋଇଛି । ଠିକାଦାର ସମ୍ପୂର୍ଣ୍ଣ ଦାୟିତ୍ୱ ସୁପରଭାଇଜର ଉପରେ ନ୍ୟସ୍ତ କରିଦେଇ ନିଜେ ଆଦୌ କାର୍ଯ୍ୟ ସ୍ଥଳକୁ ଆସୁନଥିବାରୁ ସୁପରଭାଇଜର ମାନେ ନିଜର ଇଚ୍ଛା ମୁତାବକ କାର୍ଯ୍ୟ କରୁଥିବା ନେଇ ଅଭିଯୋଗ ହୋଇଛି । ଏହି ରାସ୍ତାଟି ନୂତନ ଭାବେ ନିର୍ମାଣ ହେଉଥିବା ବେଳେ ପ୍ରଶସ୍ତି କରଣ କାର୍ଯ୍ୟ ହେଉଥିବା ଦେଖିବା ପାଇଁ ମିଳିଛି । ରାସ୍ତା କାର୍ଯ୍ୟ ଆରମ୍ଭ ପୂର୍ବରୁ ନିୟମ ଅନୁଯାଇ ପ୍ରଥମେ ରାସ୍ତାର ପ୍ରଶସ୍ତି କରଣ କାର୍ଯ୍ୟ ପାଇଁ ରାସ୍ତାର ଦୁଇ ପାର୍ଶ୍ୱରୁ ଅବରୋଧ ହଟେଇବା ସହ ରାସ୍ତା କଡରେ ଥିବା ଗଛ ଗୁଡିକୁ ବନ ବିଭାଗର ପରିମିସନ ନେଇ ଗଛ ଗୁଡିକୁ କାଟିବା ସହ ରାସ୍ତା ଉପରେ ଥିବା ବିଦ୍ୟୁତ ଖୁଣ୍ଟ ଗୁଡିକୁ ମଧ୍ୟ ସ୍ଥାନାନ୍ତର କରିବା କଥା । ସେହିପରି ରାସ୍ତା କାର୍ଯ୍ୟ କରିବା ପୂର୍ବରୁ ରାସ୍ତା ମଝିରେ ଥିବା ପୁରୁଣା କଲଭଟ ଗୁଡିକର ପ୍ରଶସ୍ତି କରଣ କାର୍ଯ୍ୟ ଶେଷ କରିବା ପରେ ନୂତନ ରାସ୍ତା କାର୍ଯ୍ୟ ଆରମ୍ଭ କରିବା ପରିବର୍ତ୍ତେ ରାସ୍ତା କାର୍ଯ୍ୟ ଦାୟିତ୍ୱରେ ଥିବା ସୁପରଭାଇଜର ନିଜର ଇଚ୍ଛା ମୁତାବକ କାର୍ଯ୍ୟ କରୁଥିବାରୁ ଏହାକୁ ନେଇ ଏବେ ତିବ୍ର ଅସନ୍ତୋଷ ପ୍ରକାଶ ପାଇଛି । ସେହିପରି ବର୍ତ୍ତମାନ ରାସ୍ତାର କେଶପୁର ଠାରୁ ଗରବନ୍ଧ ପର୍ଯ୍ୟନ୍ତ ରାସ୍ତାଟିର ଢ଼ଳେଇ କାର୍ଯ୍ୟ କରାଯାଉଥିବା ଢ଼ଳେଇ କାର୍ଯ୍ୟରେ ବ୍ୟବହାର କରାଯାଉଥିବା ବାଲି ଗୁଡିକ ମାଟି ମିଶା ବାଲି ସାଙ୍ଗକୁ ଧୂଳି ବାଲିରେ ଢ଼ଳେଇ କରାଯାଉଥିବା ଦେଖିବା ପାଇଁ ମିଳିଛି । ଯେଉଁ ବାଲିକୁ ଲୋକ ମାନେ ଘରର ଫିଲିଙ୍ଗ କାର୍ଯ୍ୟରେ ବ୍ୟବହାର କରନ୍ତି ସେହିପରି ଧୂଳି ବାଲିରେ ଢ଼ଳେଇ କାର୍ଯ୍ୟ କରାଯାଉଥିବା ଦେଖିବା ପାଇଁ ମିଳିଛି । ଯାହା ଫଳରେ ରାସ୍ତାର ସ୍ଥାୟୀତ୍ୱ ନେଇ ପ୍ରଶ୍ନବାଚି ସୃଷ୍ଟି ହୋଇଛି । ଏପରିକି ରାସ୍ତା କାର୍ଯ୍ୟ ହେଉଥିବା ସମୟରେ କୌଣସି ବିଭାଗୀୟ ଅଧିକାରୀ କିମ୍ବା ଯନ୍ତ୍ରୀ ଆଦୌ କାର୍ଯ୍ୟ ସ୍ଥଳକୁ ଆସୁନଥିବା ନେଇ ଜନସାଧାରଣରେ ଅଭିଯୋଗ ହେଉଛି । ସେହିପରି ବର୍ତ୍ତମାନ ସୁଦ୍ଧା ରାସ୍ତା ପ୍ରଶସ୍ତି କରଣ କାର୍ଯ୍ୟ ପାଇଁ ବିଦ୍ୟୁତ ଖୁଣ୍ଟ ଉଠାଯାଇନଥିବା ବେଳେ ଗଛ ଗୁଡିକ ମଧ୍ୟ କଟା ଯାଇନଥିବା ଦେଖିବା ପାଇଁ ମିଳିଛି । ସେହିପରି ଢ଼ଳେଇ କାର୍ଯ୍ୟରେ ନିୟମ ଅନୁଯାଇ ସିମେଣ୍ଟ ବ୍ୟବହାର କରାନଯାଇ ବହୁତ କମ ପରିମାଣରେ ଦିଆ ଯାଉଥିବା ନେଇ ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି । କଲଭଟ ଗୁଡିକର ପ୍ରଶସ୍ତି କରଣ କାର୍ଯ୍ୟ ନକରି ଆଗେ ଢ଼ଳେଇ କାର୍ଯ୍ୟ କରୁଥିବାରୁ ଏଥି ନେଇ ଜନସାଧାରଣ ମାନେ ଅଭିଯୋଗ କରିବାରୁ ଦାୟିତ୍ୱରେ ଥିବା ସୁପରଭାଇଜର ଲୋକ ମାନଙ୍କୁ ନାଲି ଆଖି ଦେଖାଇବା ସହ ଧମକ ଦେଉଥିବା ନେଇ ସାଧାରଣରେ ଅଭିଯୋଗ ହୋଇଛି । ପ୍ରଶସ୍ତି କରଣ ସମୟରେ ରାସ୍ତାର ଦୁଇ ପାର୍ଶ୍ୱକୁ ନିୟମ ଅନୁଯାଇ ନଖୋଳି ଖାଲି ନାମକୁ ମାତ୍ର ତାଡିଦେଇ ମେଟାଲିଂ କରୁଥିବା ନେଇ ଅଭିଯୋଗ ହୋଇଛି । ସୁପରଭାଇଜରଙ୍କ ନାଲି ଆଖିରେ ସାଧାରଣ ଲୋକେ ଭୟଭୀତ ହୋଇପଡିଥିବା ବେଳେ ଏଥିନେଇ ଆଗାମୀ ଦିନରେ ଯାଜପୁର ଜିଲ୍ଲାପାଳଙ୍କୁ ଭେଟି ସ୍ଥାନୀୟ ଜନସାଧାରଣ ମାନେ ଅଭିଯୋଗ କରିବେ ବୋଲି ଚେତାବନୀ ଦେଇଛନ୍ତି । ରାସ୍ତା କାର୍ଯ୍ୟରେ ହେଉଥିବା ଅନିୟମିତତାର ତଦନ୍ତ କରିବା ସହ ଏଥିରେ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାପାଇଁ ଯାଜପୁର ଜିଲ୍ଲାପାଳଙ୍କ ନିକଟରେ ଅଞ୍ଚଳ ବାସି ଦାବି କରିଛନ୍ତି । ଏଠାରେ ପ୍ରକାଶ ଥାଉକି ଏହି ରାସ୍ତା ନିର୍ମାଣ ପାଇଁ ସ୍ଥାନୀୟ ଜନସାଧାରଣ ମାନଙ୍କ ପକ୍ଷରୁ ବାରମ୍ୱାର ସ୍ଥାନୀୟ ବିଧାୟିକା ପ୍ରମିଳା ମଲ୍ଲିକଙ୍କ ନିକଟରେ ଦାବି କରିବା ପରେ ବିଧାୟିକା ଶ୍ରୀମତୀ ମଲ୍ଲିକ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି ଉକ୍ତ ରାସ୍ତା ନିର୍ମାଣ ପାଇଁ ଅର୍ଥ ମଞ୍ଜୁର କରିବା ପାଇଁ ଅନୁରୋଧ କରିବା ପରେ ରାସ୍ତା ନିର୍ମାଣ ପାଇଁ ବିଭାଗ ପକ୍ଷରୁ ଅର୍ଥ ମଞ୍ଜୁର କରାଯାଇଥିଲା । ଆଶା ଥିଲା ରାସ୍ତା କାର୍ଯ୍ୟ ଶେଷ ହେଲେ ଜନସାଧାରଣ ସବୁଦିନ ପାଇଁ ଖଣ୍ଡିଏ ଭଲ ରାସ୍ତାରେ ଯିବା ଆସିବା କରିବେ । ମାତ୍ର ଠିକାଦାର ମାନଙ୍କର ଲାଭଖୋର ମନୋବୃତି ଓ ବିଭାଗୀୟ ଅଧିକାରୀ ମାନଙ୍କର ଲାଞ୍ଚ ଖୋର ମନୋବୃତି ପାଇଁ ଏବେ ଏହି ରାସ୍ତା ନିର୍ମାଣରେ ବ୍ୟାପକ ଅନିୟମିତତା ହେଉଥିବା ନେଇ ସାଧାରଣରେ ଅଭିଯୋଗ ହୋଇଛି । ରାଜ୍ୟରେ ସରକାର ପରିବର୍ତ୍ତନ ହୋଇଥିବା ବେଳେ ସ୍ଥାନୀୟ ବିଧାୟିକା ବିରୋଧୀ ଦଳର ହୋଇଥିବାରୁ ବିଧାୟିକାଙ୍କୁ ବଦନାମ କରିବା ପାଇଁ ଠିକାଦାରଙ୍କର ଏହା ଏକ ସୁଚିନ୍ତିତ ଷଡଯନ୍ତ୍ର ବୋଲି ଏବେ ସାଧାରଣରେ ଚର୍ଚ୍ଚାର କେନ୍ଦ୍ର ବିନ୍ଦୁ ପାଲଟିଛି । ସମ୍ପୃକ୍ତ ଠିକାଦାର ଓ ଦୁର୍ନୀତିରେ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ମାନଙ୍କ ବିରୋଧରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିଆନଗଲେ ଆଗାମୀ ଦିନରେ ଭାରତୀୟ ଜନତା ପାର୍ଟି ପକ୍ଷରୁ ଏହା ବିରୋଧରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ତଦନ୍ତ ଦାବି କରାଯିବ ବୋଲି ଭାରତୀୟ ଜନତା ପାର୍ଟିର ଜଣେ ବରିଷ୍ଠ ନେତା କହିଛନ୍ତି । ତେଣୁ ଯାଜପୁର ଜିଲ୍ଲାପାଳ ଓ ବିଭାଗୀୟ ଉଚ୍ଚ ପଦସ୍ଥ ଅଧିକାରୀ ମାନେ ରାସ୍ତା କାର୍ଯ୍ୟରେ ହୋଇଥିବା ଅନିୟମିତତାର ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହୋଇଛି ।

# ଆସିକା ଚିନ୍ମୟ ମିଶନ ତରଫରୁ ରକ୍ତଦାନ ଓ ମାଗଣା ଚକ୍ଷୁ ପରୀକ୍ଷା

**ଆସିକା,(ମହାଭାରତ) :** ଗୁରୁ ପୂର୍ଣ୍ଣିମାର ସ୍ୱର୍ଣକ୍ଷେତ୍ର ଦିବସରେ ଆଧାତ୍ମିକ ଅନୁଷ୍ଠାନ ଚ଼ିନ୍ମୟ ମିଶନ, ଆସିକା ଶାଖା ଆନୁକୂଲ୍ୟରେ ମହତ୍ ରକ୍ତଦାନ ଏବଂ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଚିନ୍ମୟ ମିଶନ, ବାରିପଦା ଶାଖାର ଗୀତା ଶ୍ରବଣ ସାଧନା ପ୍ରବକ୍ତା ଏବଂ ବିଶିଷ୍ଟ ଆଧାତ୍ମିକବାଦୀ ଆଚ଼ାର୍ଯ୍ୟ ସ୍ୱାମୀ ଗୋବିନ୍ଦାନନ୍ଦଙ୍କ ଉପସ୍ଥିତିରେ ଆୟୋଜିତ ହୋଇଯାଇଛି । ଏହି ଶିବିରରେ ମୁଖ୍ୟ ଅତିଥି ରୂପେ ଆସିକା ବିଧାୟକ ସରୋଜ କୁମାର ପାଢ଼ୀଙ୍କ ପ୍ରତିନିଧି ସଙ୍ଗୀତ ପାଢ଼ୀ ଯୋଗଦାନ କରିଥିବା ବେଳେ ସମ୍ମାନିତ ଅତିଥି ରୂପେ ଘୁମୁସର ଜିଲ୍ଲା ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ସହ ସଙ୍ଘ ଚାଳକ ବିଶ୍ୱନାଥ ସେଠୀ ଉପସ୍ଥିତ ଥିଲେ । ଚିନ୍ମୟ ମିଶନ, ଆସିକା ଶାଖାର ମୁଖ୍ୟ କାର୍ଯ୍ୟକର୍ତ୍ତା ଓ ସଦସ୍ୟ, ସଭାପତି ଏ.ଲକ୍ଷ୍ମିନାରାୟଣ ଗୁପ୍ତା, ସଂପାଦକ ନିରଞ୍ଜନ ମହାନ୍ତି, ଯୁଗ୍ମ ସଂପାଦକ ରଂଜିତ କୁମାର ପଟ୍ଟନାୟକ, କୋଷାଧକ୍ଷ ପାଣ ଗୌଡ, କାର୍ଯ୍ୟକାରୀ ସଦସ୍ୟ ଇ. ଭେଙ୍କଟରମଣ ପାତ୍ର, ସଦସ୍ୟ ଅନିରୁଦ୍ଧ ମହାନ୍ତି, ଶତ୍ରୁଘ୍ନ ଗୌଡ଼, ସିଦ୍ଧେଶ୍ୱର ପାଣିଗ୍ରାହୀ, ବିଷ୍ଣୁପ୍ରିୟା ସ୍ୱାମୀ, ସରସ୍ୱତୀ ଶିଶୁ ମନ୍ଦିରର ସଭାପତି ସୁବାଷ ଚ଼ନ୍ଦ୍ର ସେନାପତି ଇତ୍ୟାଦିଙ୍କ ସକ୍ରିୟ ସହଯୋଗରେ କାର୍ଯ୍ୟକ୍ରମ ସଂପୂର୍ଣ୍ଣରୂପେ ସଂପାଦିତ ହୋଇ ଯାଇଛି । ସ୍ୱେଚ୍ଛାସେବୀ ରକ୍ତଦାତାଙ୍କ ଠାରୁ ପଚ଼ିଶି ଗୋଟି ରକ୍ତ ପାଉଚ୍ ସଂଗ୍ରହ ହୋଇଥିବା ବେଳେ, ଛଅଷଠି ଜଣ ଚକ୍ଷୁ ରୋଗୀ ନିଜର ମାଗଣା ପ୍ରାଥମିକ ଚକ୍ଷୁ ପରୀକ୍ଷା କରିଥିଲେ । ଏହି ଭବ୍ୟ କାର୍ଯ୍ୟକ୍ରମରେ ଏମକେସିଜି କଲେଜ ହସ୍ପିଟାଲ, ବ୍ରହ୍ମପୁରର ବ୍ଲଡ୍ ବ୍ୟାଙ୍କ ଟିମ୍ ଏବଂ ଡାକ୍ତର ଏଲଭି ପ୍ରସାଦ ଚକ୍ଷୁ ଚିକିତ୍ସାଳୟ, ଆମ୍ବପୁଆ, ବ୍ରହ୍ମପୁରର ଟିମ୍ ଙ୍କ ମିଳିତ ସହଯୋଗରେ କାର୍ଯ୍ୟକ୍ରମ ସୁଚ଼ାରୁରୂପେ ସଂପାଦନ ହୋଇପାରିଥିଲା । ଏହି ଭବ୍ୟ କାର୍ଯ୍ୟକ୍ରମରେ ଅନେକ ବୟୋଜ୍ୟେଷ୍ଠ ଗରିବ ଶ୍ରେଣୀର ବ୍ୟକ୍ତି ବିଶେଷ ନିଜ ଚକ୍ଷୁର ମୋତିଆ ବିନ୍ଦୁ ପରୀକ୍ଷା କରି ଉପକୃତ ହୋଇଥିବାର ନଜିର ରହିଛି । ଆସିକା ଅଞ୍ଚଳର ବିଶିଷ୍ଟ ବ୍ୟକ୍ତି ଇ. ସତ୍ୟନାରାୟଣ ରଥ, ଦିଲ୍ଲୀପ କୁମାର ପାଣିଗ୍ରାହୀ, ଆସିକା ଉପଖଣ୍ଡ ସରକାରୀ ହସ୍ପିଟାଲର ଶିଶୁ ବିଶେଷଜ୍ଞ ଡାକ୍ତର ଦୀପକ କୁମାର ସାମନ୍ତରା, ବରିଷ୍ଠ ଆଇନଜୀବୀ ନାରାୟଣ ମୁନୀ ଉପସ୍ଥିତ ଥିଲେ । ଆସିକା ବିଜ୍ଞାନ ମହାବିଦ୍ୟାଳୟର ଯୁବ ରେଡକ୍ରସ୍ ଉପଦେଷ୍ଟା ରାଜେଶ୍ କୁମାର ସାହୁ ଓ ଚାରି ଜଣ ସ୍ୱେଚ୍ଛାସେବୀ ଛାତ୍ରଛାତ୍ରୀ ସୁଶ୍ରୀ ଶୁଭଶ୍ରୀ ପଟ୍ଟନାୟକ, ଅଙ୍କିତା ପରିଡା, ସନ୍ତୋଷ କୁମାର ଗୌଡ଼, ପ୍ରାକ୍ତନ ଯୁବ ରେଡକ୍ରସ୍ ଛାତ୍ର କେ. ଶ୍ରୀନିବାସ ପୃଷ୍ଟି କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ । ସମସ୍ତ ସ୍ୱଚ୍ଛାସେବୀ ରକ୍ତଦାତାଙ୍କୁ ଅତିଥିଙ୍କ କରକମଳରେ ମାନପତ୍ର ପ୍ରଦାନ କରାଯାଇଥିଲା । ପରିଶେଷରେ ମିଶନର ବରିଷ୍ଠ ସଦସ୍ୟ ବିମ୍ୱାଧର ପାତ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।



# ନବ ନିର୍ବାଚିତ ବିଧାୟକଙ୍କୁ ସମ୍ବର୍ଦ୍ଧନା

**କରଞ୍ଜିଆ,(ମହାଭାରତ) :** ଠାକୁରମୁଣ୍ଡା ସମ୍ମନିତ ଶିଶୁ ବିକାଶ ଯୋଜନା କାର୍ଯ୍ୟାଳୟ ପକ୍ଷରୁ ରବିବାର ଦିନ କରଞ୍ଜିଆ ର ନବ ନିର୍ବାଚିତ ବିଧାୟକ ପଦ୍ମଚରଣ ହାଇବ୍ରୁରୁ ଙ୍କୁ ସମ୍ବର୍ଦ୍ଧନା ଦିଆ ଯାଇଛି ।ଏହି ଅବସର ରେ ସିଡିପିଓ ପ୍ରେମାଲତା ସେଠୀ ଙ୍କ ଅଧକ୍ଷତାରେ ଆୟୋଜିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ରେ ସୁପ୍ରଭାଇଜର ଗୀତରାଣୀ ମହାପାତ୍ର,ଅନ୍ୟ ସୁପ୍ରଭାଇଜର, ବିଏଲଏଫ ସମେତ ଅନ୍ୟାନ୍ୟ କର୍ମଚାରୀ ସାମିଲ ହୋଇ ବିଧାୟକ ଙ୍କୁ ପୁଷ୍ପଗୁଚ୍ଛ ସହ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ ।



# ଭାଉଜ ର କାତି ମାଡ଼ରେ ଦିଅର ଗୁରୁତର



**ଆସିକା,(ମହାଭାରତ) :** ଗାଙ୍ଗପୁର ଥାନା ଅଧୀନ ନିମିନା ଗ୍ରାମରେ ଦେଖିବାକୁ ମିଳିଛି ଅଭାବନୀୟ ଘଟଣା । ପାରିବାରିକ କଳହକୁ କେନ୍ଦ୍ର କରି ଭାଉଜର କାତି ଆକ୍ରମଣ ରେ ଦିଅର ଗୁରୁତର ହୋଇଛି । ଗୁରୁତର ବ୍ୟକ୍ତି ନିମିନା ଶିବମନ୍ଦିର ସାହିର ୫୮ ବର୍ଷୀୟ ଦେବରାଜ ବେହେରା ହୋଇଥିବା ଜଣାପଡିଛି । ପ୍ରକାଶ ଥାଉକି ଦେବରାଜ ଓ ତାଙ୍କ ଭାଉଜ ଗୋଲାପ ବେହେରା ଙ୍କ ସହିତ କୌଣସି ଏକ କାରଣ କୁ ନେଇ ଉଭୟଙ୍କ ମଧ୍ୟରେ ପ୍ରଥମେ ବଚସା ପରେ ଗୋଲାପ ଗୋଟିଏ କତିରେ ଦେବରାଜ ଙ୍କ ଉପରକୁ ଆକ୍ରମଣ କରିଥିଲେ । ନିଜ କୁ ରକ୍ଷା କରିବାକୁ ଯାଇ ଗୁରୁତର ହୋଇଥିଲେ ଦେବରାଜ । ତାଙ୍କ ହାତ ରେ ଗଭୀର ଆଘାତ ଲାଗିଛି । ପରିବାର ଲୋକେ ତାଙ୍କୁ ସେଠାରୁ ଉଧାରକରି ଆମ୍ବୁଲାନ୍ସ ଯୋଗେ ଚିକିତ୍ସା ନିମନ୍ତେ ଆସିକା ଉପଖଣ୍ଡ ଚିକିତ୍ସାଳୟ ରେ ଭର୍ତି କରିଥିଲେ । ତେବେ ଏନେଇ ଥାନାରେ କୌଣସି ଲିଖିତ ଅଭିଯୋଗ ସୂଚନା ମିଳିପାରିନାହିଁ ।

# ବିଭିନ୍ନ ହୋଟେଲ ଘୋରେଇ ଗ୍ୟାସ ବହୁଳ ବ୍ୟବହାର

**ଗଜପତି,(ମହାଭାରତ) :** ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡିରେ ରେ ଦିନକୁ ଦିନ ଘୋରେଇ ଗ୍ୟାସ ବହୁଳ ବ୍ୟବହାର ବାଣିଜ୍ୟ ପ୍ରତିଷ୍ଠାନ ରେ ହେଉଛି କିନ୍ତୁ କାର୍ଯ୍ୟାନୁଷ୍ଠାନ ନେବାରେ ବିଭାଗ ସୁନ ବିଭାଗ ସବୁ ଜାଣି ଚୁପ୍ ବସିଛି କାହିଁକି ? ଗ୍ୟାସ ବିତରଣ କେନ୍ଦ୍ର ଓ ଗୋଦାମ ଗୁଡ଼ିକ ରେ ଓଜନ ଯାଞ୍ଚ କରାଯାଉ ନାହିଁ କି ହିତା ଦିକରି ଙ୍କୁ ଦେଲାବେଳେ ଓଜନ କରି ଦୀୟ । ଜଉ ନାହିଁ ପୁଣି ଗ୍ୟାସ ଯୋଗେଇ ଦେବ । ନରେ ଡେ ଲି ଭେ ରି ଲୋକ ଅଧିକ । ଟଙ୍କା ନିଅନ୍ତି । ବ୍ୟବ ସୈକ ସିଲଣ୍ଡର କୁ ହୋଟେଲ, ଚା ଦୋକାନ, ଟିଫିନ୍ ଦୋକାନ, ରେଷ୍ଟୋରେଣ୍ଟ, ଫାଷ୍ଟ ଫୁଡ୍ ଦୋକାନ ଗୁଡ଼ିକରେ ବହୁଳ ବେବ ହର ହେବା କଥା କିନ୍ତୁ ଘୋରେଈ ଶିଲଣ୍ଡର ବହୁଳ ବ୍ୱେ ହାର ଏମାନଙ୍କୁ ପ୍ରୋତାହ୍ନ ଦଉଛି କିଏ ଏମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ହେବ କେବେ ? ରାଜ୍ୟ ସରକାର ଏହି ଭଳି ଦୁର୍ନୀତି କୁ ରୋକି ବ କେବେ କାର୍ଯ୍ୟ ଷ୍ଟ ନ ନେବ କେବେ ଦେଖିବାକୁ ବାକି ରହିଲା ।

# ଛାତ୍ର ସଂସଦ ନିର୍ବାଚନ ପାଇଁ ଏବିଭିପି ସମ୍ପୂର୍ଣ୍ଣ ପ୍ରସ୍ତୁତ

**କେନ୍ଦୁଝର,(ମହାଭାରତ) :** ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଶୃଙ୍ଖଳିତ ଦାୟିତ୍ୱବାନ ଛାତ୍ର ସଂଗଠନ ହିସାବରେ ଦୀର୍ଘ ୭୬ବର୍ଷ ଧରି ସାମାଜିକ ଓ ଶିକ୍ଷା କ୍ଷେତ୍ରରେ କାମ କରି ଆସୁଅଛି । ପ୍ରତି ଶିକ୍ଷାବର୍ଷରେ ନୂତନ ବିଦ୍ୟର୍ଥୀ ମାନଙ୍କୁ ବିଦ୍ୟାର୍ଥୀ ପରିଷଦ ସହିତ ଯୋଡିବା ଏବଂ ରାଷ୍ଟ୍ରୀୟ ପୁନଃନିର୍ମାଣ ପାଇଁ ସଂକଳ୍ପ ବଦ୍ଧ, ହୋଇ କାର୍ଯ୍ୟକରିବେ ଏବିଭିପି ତା ପାଇଁ ପ୍ରତି ଶିକ୍ଷା ବର୍ଷରେ ସଦସ୍ୟତା ଅଭିଯାନ ଆରମ୍ଭ କରିଥାଏ । ଚଳିତ ଶିକ୍ଷା ବର୍ଷରେ ଏବିଭିପି କେନ୍ଦୁଝର ୧୦,୦୦୦ ରୁ ଉର୍ଦ୍ଧ ସଦସ୍ୟତାର ଲକ୍ଷ୍ୟ ନେଇଛି । ପ୍ରତ୍ୟେକ ମହା ବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟରେ ନୂତନ ବିଦ୍ୟାର୍ଥୀଙ୍କ ପାଖରେ ଏବିଭିପି ପହଞ୍ଚି ସଦସ୍ୟତା ଆରମ୍ଭ କରିସାରିଲାଣି । ବିଭିନ୍ନ କ୍ଷେତ୍ରରେ ରୁଚି ରଖୁଥିବା ଛାତ୍ରଛାତ୍ରୀ ମାନଙ୍କୁ ଯୋଡିବା ପାଇଁ ମହା ବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟ ସ୍ତରରେ କାର୍ଯ୍ୟକ୍ରମ ଆରମ୍ଭ କରି ସାରିଲାଣି ।



ସେହିପରି ଓଡ଼ିଶାରେ ଦୀର୍ଘ ୬ ବର୍ଷ ଧରି ଛାତ୍ର ସଂସଦ ନିର୍ବାଚନ ବନ୍ଦ ଥିବାରୁ କ୍ୟାମ୍ପସରେ ଅନେକ ସମସ୍ୟା ରହିଛି । ରାଜ୍ୟରେ କୁଢ ବୁଢ ଅଧ୍ୟାପକ ମରୁଡି ଓଡ଼ିଶାରେ କ୍ୟାମ୍ପସରେ ଶୈକ୍ଷିକ ବାତାବରଣକୁ ବିଜୁ ଛାତ୍ର ଜନତା ଦଳ ଏବଂ ଅନେକ ରାଜନୈତିକ ଦଳମାନେ ନଷ୍ଟ କରିବାରେ ସଫଳ ହେଉଛନ୍ତି । ଏବିଭିପି କେନ୍ଦୁଝର ତରଫରୁ ପ୍ରତ୍ୟେକ କ୍ୟାମ୍ପସରେ ହେଲ୍ପ ଡେସ୍କ, ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ ସହିତ କ୍ୟାମ୍ପସରେ ଥିବା ସମସ୍ୟାର ସମାଧାନ ପାଇଁ ଅଣ୍ଟା ଭିଡ଼ି ସାରିଲାଣି । ଆରମ୍ଭ କରିସାରିଲାଣି । ଛାତ୍ରଛାତ୍ରୀଙ୍କ ମନରେ ଛାତ୍ର ସଂସଦ ନିର୍ବାଚନ କୁ ନେଇ ଉତ୍କଣ୍ଠା ମଧ୍ୟ ଦେଖିବାକୁ ମିଳୁଛି । ବ୍ୟକ୍ତିତ ବିକାଶ ପାଇଁ ଛାତ୍ର ସଂସଦ ନିର୍ବାଚନ ହେବାର ଆବଶ୍ୟକତା ଅଛି ଏବଂ ଛାତ୍ର ସଂସଦ ନିର୍ବାଚନ ହେଲେ କ୍ୟାମ୍ପସରେ ଥିବା ସମସ୍ୟାର ସମାଧାନର ବାଟ ଫିଟିବ । ଆଉ ଆମେ ଦୃଢ ଆସାବାଦି ନୂତନ ସରକାର ଓଡ଼ିଶାରେ ଛାତ୍ର ସଂସଦ ନିର୍ବାଚନର ବାଟ ଖୋଲିବେ । ଚଳିତ ବର୍ଷର ସଦସ୍ୟତା ଅଭିଯାନରେ କେନ୍ଦୁଝର ର ବିଦ୍ୟାର୍ଥୀ ମାନେ ଅଧ ?କ ସଂଖ୍ୟାରେ ଯୋଡ଼ି ହୋଇ ଏବିଭିପି ର ସଦସ୍ୟ ହୁଅନ୍ତୁ ବୋଲି ଏବିଭିପି କେନ୍ଦୁଝର ଆହ୍ୱାନ କରୁଛି । ଏହି ପ୍ରେସ୍ ବାର୍ତ୍ତାରେ ଏବିଭିପି ର ରାଜ୍ୟ ସମ୍ପାଦକ ଶ୍ରୀ ଅରିଜିତ ପଟ୍ଟନାୟକ ଏବଂ ମୟୁରଭଞ୍ଜ ବିଭାଗ ସଂଯୋଜକ ଅଜିତ୍ କୁମାର ମହାନ୍ତ ଏବଂ କେନ୍ଦୁଝର ଜିଲ୍ଲା ସଂଯୋଜକ ପ୍ରୀତମ ନନ୍ଦ ଓ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କୌସ୍ତବ କିରଣ ମାନସିଂହ, ମୟୁରଭଞ୍ଜ ବିଭାଗ ଛାତ୍ରୀ ପ୍ରମୁଖ ପ୍ରୀତିରାଣୀ ଗିରି ଓ ବିଭୁତି ଭୂଷଣ ସାହୁଙ୍କ ସମେତ ଜିଲ୍ଲା ର ବହୁ ବିଦ୍ୟାଥି ପରିଷଦ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।

# ପାରାଦ୍ୱୀପରେ କଂଗ୍ରେସର ସପଥପାଠ ବୈଠକ

## ଦଳ ବିରୋଧୀ ନେତାଙ୍କ ଘର ବାହୁଡ଼ା ଉପରେ ଲାଗିବ ରୋକ !

**ପାରାଦୀପ,(ମହାଭାରତ) :** ପାରାଦୀପ ନଗର କଂଗ୍ରେସ କମିଟି ତରଫରୁ ଏକ ସାମ୍ବାଦିକ ସମ୍ମିଳନୀ ବଡ଼ପଡ଼ିଆ ସ୍ଥିତ ଦଳୀୟ କାର୍ଯ୍ୟାଳୟ ଠାରେ ରବିବାର ଦିନ ଆୟୋଜିତ ହୋଇଯାଇଛି । ଉକ୍ତ ସମ୍ମିଳନୀରେ ପାରାଦ୍ୱୀପ ନିର୍ବାଚନ ମଣ୍ଡଳୀର କଂଗ୍ରେସ ନେତା ତଥା ପ୍ରଦେଶ କଂଗ୍ରେସ କମିଟିର ସାଧାରଣ ସମ୍ପାଦକ ନିରଞ୍ଜନ ନାୟକ ଉପସ୍ଥିତ ରହି କଂଗ୍ରେସ କର୍ମୀ ମାନଙ୍କୁ ଦଳକୁ ତୃଣମୂଳ ସ୍ତରରେ ମଜଭୂତ କରିବାକୁ ପରାମର୍ଶ ଦେବା ସହିତ ଶପଥ ପାଠ କରାଇଥିଲେ । ନଗର କଂଗ୍ରେସ ଏବଂ ଉପସ୍ଥିତ ନେତୃତ ବୃନ୍ଦଙ୍କ ପକ୍ଷରୁ ପ୍ରଦେସ କଂଗ୍ରେସ କମିଟି ଦ୍ୱାରା ନୂତନଭାବରେ ନିଯୁକ୍ତ ପାରାଦ୍ୱୀପ ନଗର କଂଗ୍ରେସର ସଭାପତି କେଦାର ବିଶାଳ ଙ୍କୁ ସମ୍ବର୍ଦ୍ଧନା ଦିଆଯିବା ସହ ଭବିଷ୍ୟତ କାର୍ଯ୍ୟକ୍ରମ ନିମନ୍ତେ ଶୁଭେଚ୍ଛା ପ୍ରଦାନ କରାଯାଇଥିଲା । ପରେ ପରେ ସଭାପତିଙ୍କ ଦ୍ୱାରା ପାରାଦ୍ୱୀପ ନଗର କଂଗ୍ରେସ କମିଟିର ପୂର୍ଣ୍ଣ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇ ପ୍ରଦେଶ କଂଗ୍ରେସ ଏବଂ ଜଗତସିଂହପୁର ଜିଲ୍ଲା କଂଗ୍ରେସ ର ଅନୁମୋଦନ ପାଇଁ ପଠାଯାଇଥିଲା । ତୃଣମୂଳ ସ୍ତରରେ ପାରାଦ୍ୱୀପ ର ସମସ୍ତ ଓ୍ୱାର୍ଡ ରେ ୨୦ ଜଣିଆ କମିଟି ଗଠନ କରାଯାଇ ସଂଗଠନ ମଜଭୁତ ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ସେହିପରି ନିର୍ବାଚନ ମଣ୍ଡଳୀରେ କଂଗ୍ରେସ ଦଳ ର ଆଦର୍ଶ ଏବଂ ପାରାଦ୍ୱୀପ ବନ୍ଦର ର ସ୍ରଷ୍ଟା ପଣ୍ଡିତ ଜବାହାରଲାଲ ନେହେରୁ ଙ୍କ ସ୍ମୃତି ଚାରଣ ପାଇଁ ତାଙ୍କ ନାମରେ ଏକ ଟ୍ରଷ୍ଟ ଗଠନ କରାଯାଇ କଂଗ୍ରେସ ଦଳ ପାରାଦ୍ୱୀପ ରେ ତାର ନବକଳେବର କରିଛି । ଅନ୍ୟପକ୍ଷରେ ଅତୀତରେ କଂଗ୍ରେସ ଦଳର ଦୁର୍ଦିନ ସମୟରେ ଏବଂ ଗତ ସାଧାରଣ ନିର୍ବାଚନରେ ଦଳକୁ ଧୋକା ଦେଇଥିବା ବାପି ସରଖେଲ ଓ ଅନ୍ୟମାନଙ୍କୁ ଦଳରେ ପୁନଃ ମିଶ୍ରଣ କୁ ବିରୋଧ କରାଯିବ ବୋଲି ଉପସ୍ଥିତ ସମସ୍ତ କଂଗ୍ରେସ ନେତା କହିଥିଲେ । ଏହି ସାମ୍ବାଦିକ ସମ୍ମିଳନୀ ରେ ଅନ୍ୟମାନଙ୍କ ମଧ୍ୟରେ କୁଜଙ୍ଗ ବ୍ଲକ କଂଗ୍ରେସ ସଭାପତି ନିରଞ୍ଜନ ଦାସ, କଳିଙ୍ଗ ମହିଳା ଶକ୍ତି ସଂଗଠନ ର ସଭାନେତ୍ରୀ ମନୋରମା ଖଟୁଆ, ପଣ୍ଡିତ ଜାବାହାରଲାଲ ନେହେରୁ ଟ୍ରଷ୍ଟର ଅଧକ୍ଷ ସରୋଜ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ରହି କଂଗ୍ରେସ ସଂଗଠନ କୁ ସୁଦୃଢ କରିବା ଉପରେ ଆଲୋଚନା କରିଥିଲେ । ସର୍ବଶେଷରେ ଉପସ୍ଥିତ ସମସ୍ତ କର୍ମୀ ତୃଣମୂଳ ସ୍ତରରେ ଦଳକୁ ମଜଭୁତ କରିବାକୁ ଶପଥ ଗ୍ରହଣ କରିଥିଲେ ।



# ସତସଙ୍ଗ ଓ ବନ ବିଭାଗ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ

**ଗଜପତି,(ମହାଭାରତ) :** ଜିଲ୍ଲା ରା-ଉଦୟଗିରି ବ୍ଲକ୍ ଛେଲାଗଡ ଗ୍ରାମ ପଞ୍ଚାୟତ ଗଡର ଗ୍ରାମରେ ଗ୍ରାମବାସୀଙ୍କ ଦ୍ୱାରା ସତସଙ୍ଗ ପରେ ବନବିଭାଗ ଦ୍ୱାରା ଏକ ସଚେତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଓ୍ୱାର୍ଡ ସଭ୍ୟ ମୋହନ ବଡନାୟକ ଓ ଗ୍ରାମ୍ୟ କମିଟି ସଂପାଦକ ଦଣ୍ଡପାଣି ମାଝୀଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାମଗିରି ବନାଞ୍ଚଳ ଅଧିକାରୀ ଶ୍ରୀ ପୀୟୂଷ ପଟ୍ଟନାୟକ,ସିମ୍ସ କଲେଜ ପ୍ରିନ୍ସପାଲ୍ ସଞ୍ଜୟ କୁମାର ସାହୁ,ଜିରାଙ୍ଗ ବନପାଳ ଶିବରାମ ସାବତ, ଛେଳିଗଡ ବନପାଳ ପୂର୍ଣ୍ଣ ଚନ୍ଦ୍ର ଗୌଡ଼, ସାମ୍ବାଦିକ ନୃସିଂହନାଥ ପୂଜାରୀ, ସାମ୍ବାଦିକ ବାବୁଲା ସେଠୀ, ସାମ୍ବାଦିକ ତ୍ରିପତି ବିଷୋୟୀରନ୍, ସାମ୍ବାଦିକା ବର୍ଷା ରାଣୀ ମହନ୍ତୁଡ ଉପସ୍ଥିତ ରହି କାର୍ଯ୍ୟକ୍ରମଟିକୁ ସାଫଲ୍ୟ କରିଥିଲେ । ବନାଞ୍ଚଳ ଅଧିକାରୀ ପୀୟୂଷ ପଟ୍ଟନାୟକ ଗ୍ରାମବାସୀଙ୍କୁ ସାମାଜିକ ଓ ଆଧାତ୍ମିକ ପରିବର୍ତ୍ତନରେ ସତସଙ୍ଗର ଆବଶ୍ୟକତା ଉପରେ କହିବା ସହ ବୃକ୍ଷ ରୋପଣର ଉପକାରିତା ଓ ଜଙ୍ଗଲ କ୍ଷୟର ଅପକାରିତା ଉପରେ ସଚେତନ କରି ଗ୍ରାମବାସୀଙ୍କ ସହ ଜଙ୍ଗଲ ସୁରକ୍ଷା ନିମନ୍ତେ ସଦାସର୍ବଦା ତାଙ୍କ ସାଥିରେ ଅଛି ବୋଲି କହିଥିଲେ । ସେହି ପରି ଝଓଗଝ କଲେଜ ଅଧକ୍ଷ ଗ୍ରାମର ଗରିବ ପିଲାମାନେ କିଭଳି ସୁବିଧାରେ ନିଜର ପାଠପଢା ଉପରେ ଧ୍ୟାନ ଦେବେ ଓ ପ୍ରତ୍ୟେକ କ୍ଷେତ୍ରରେ ସେମାନଙ୍କୁ ସହଯୋଗର ହାତ ବଢ଼ାଇବେ ବୋଲି କଥାଦେଇଥିଲେ । ଏହି କାର୍ଯ୍ୟକ୍ରମରେ ବନବିଭାଗ ସମ୍ବନ୍ଧୀୟ ପ୍ରଶ୍ନ ଗ୍ରାମବାସୀ ବନାଞ୍ଚଳ ଅଧିକାରୀଙ୍କୁ ପଚାରିଥିଲେ ଏବଂ ତାହାର ଉତ୍ତର ଅଧିକାରୀ ମହାଶୟ ଗ୍ରାବାବାସୀଙ୍କ ଠାରେ ପ୍ରାଞ୍ଜଳ ଭାବେ ଉପସ୍ଥାପନା କରିଥିଲେ । ଗ୍ରାମବାସୀଙ୍କ ସଚେତନ ନିମନ୍ତେ ଏହି ସୁନ୍ଦର ସଚେତନ କାର୍ଯ୍ୟକ୍ରମଟିକୁ ଗ୍ରାମର ଓ୍ୱାର୍ଡ ମେମ୍ବର ଶ୍ରୀ ମୋହନ ବଡନାୟକ , ଗ୍ରାମ ସେକ୍ରେଟାରୀ ଦଣ୍ଡପାଣି ମାଝୀ ଓ ଶ୍ରୀ ସ୍ୱପ୍ନେଶ୍ୱର ମନ୍ଦିର ପୂଜକ ପରିଚାଳନା କରିଥିଲେ । ଏହାପରେ ସ୍ଥାନୀୟ ଗ୍ରାମଦେବତୀ ମନ୍ଦିରରେ ଚାରା ରୋପଣ କରାଯାଇଥିଲା ।



